# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 43 ◆ISSUE-287 ◆WEDNESDAY ◆15 APRIL 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୮୭ ◆ବୁଧବାର ◆୧୫ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




**‘ରାକା’**
ଅଲ୍ଲୁଙ୍କୁ ୧୭୫,
ଦୀପିକାଙ୍କୁ ୨୫

▶ପୃଷ୍ଠା ୧୧ ଦେଖନ୍ତୁ...







36 LAKH INDIANS TURNED THEIR OLD GOLD INTO INDIA'S NEW STRENGTH

Today, India imports 99% of its gold. You can help reduce imports by exchanging your old gold.

GOLD EXCHANGE | Old gold from any jeweller accepted. | Year-round Exchange. | Choose from more than 10,000 designs.

To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Amalapada, Lane-2, Angul, Mob-9090066000, 8147485152 | Cantonment Road, Cuttack, Mob-9238307044

# ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀଙ୍କ ମୃତ୍ୟୁ

# ପୁଲିସ-ଅଭିଭାବକ ଖଣ୍ଡଯୁଦ୍ଧ

## ପୁଲିସର ଲାଠିଚାର୍ଜ, ଉତ୍ତ୍ୟକ୍ତ ଲୋକଙ୍କ ପଥର ମାଡ଼ରେ ୧୨ ପୁଲିସ ଆହତ

ବାରିପଦା/ରାସଗୋବିନ୍ଦପୁର, ୧୪।୪(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୫୨ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହେବା ଏବଂ ସେମାନଙ୍କ ମଧ୍ୟରୁ ଜଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହେବା ଘଟଣା ଆଜି ବିସ୍ଫୋରକ ରୂପ ନେଇଛି। ଏହି ଘଟଣାକୁ ନେଇ ସ୍କୁଲ ପରିସରରେ ତୁମୁଳକାଣ୍ଡ ଘଟିଛି। ସ୍କୁଲ ପରିସରରେ ପୁଲିସ ଓ ଉତ୍ତ୍ୟକ୍ତ ଲୋକ ମୁହାଁମୁହିଁ ହୋଇଛନ୍ତି। ସ୍କୁଲ ପରିସରରୁ ଆନ୍ଦୋଳନକାରୀଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍ ଲାଠିଚାର୍ଜ କରିଥିବା ବେଳେ ଉତ୍ତ୍ୟକ୍ତ ଲୋକଙ୍କ ପଥର ମାଡ଼ରେ ରାସଗୋବିନ୍ଦପୁର ଥାନାଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ପୁଲିସ ଆହତ ହୋଇଛନ୍ତି। ଶ୍ରୀ ପାଣିଗ୍ରାହୀଙ୍କ ମୁଣ୍ଡ ଫାଟି ଯାଇଛି। ସମସ୍ତଙ୍କୁ ଅମର୍ଦ୍ଦା ଓ ରାସଗୋବିନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, କିଛି ଦିନ ତଳେ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ୧୫୨ଜଣ ଛାତ୍ରଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଅସୁସ୍ଥ ପିଲାଙ୍କ ଚିକିତ୍ସା ଜାରି ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ଗୁରୁତର ୬୦ ଜଣଙ୍କୁ ପିଆରଏମ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଆଇସିୟୁରେ ଚିକିତ୍ସାଧୀନ ଥିବା ନଳଗଜା ପଞ୍ଚାୟତ ଲୁଣଚାଟି ଗ୍ରାମର ଦୁର୍ଗା ବେସ୍ରାଙ୍କ ଝିଅ ରୁପାଲି (୧୨)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ଆଶ୍ରମ ବିଦ୍ୟାଳୟରେ ରହି ପଞ୍ଚମ ଶ୍ରେଣୀରେ ପଢୁଥିଲା। ତେବେ ଏ ସଂପର୍କରେ ନ ଜଣାଇ ରୁପାଲିର ମୃତଦେହକୁ ତରବରିଆ ଭାବେ ତା' ଗାଁକୁ ପଠାଇବା ବ୍ୟବସ୍ଥା କରାଯାଉଥିବାରୁ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ନେତୃତ୍ୱରେ ବିଜେଡି ପକ୍ଷରୁ ବିକ୍ଷୋଭ




ପ୍ରଦର୍ଶନ କରାଯାଇଥିଲା। ରୁପାଲି ପରିବାରକୁ ୨୫ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ, ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ ସହ ଗିରଫ ପାଇଁ ବିଜେଡି ଦାବି କରିଥିଲା। ଏହାକୁ ନେଇ ହସ୍ପିଟାଲ ପରିସରରେ ବିଜେଡି କର୍ମୀମାନେ ଆନ୍ଦୋଳନ କରିବା ସହ ବିଜେପି ସରକାର ବିରୋଧରେ ନାରାବାଜି କରିଥିଲେ। ସେହିପରି ଆନ୍ଦୋଳନରେ କଂଗ୍ରେସ, ଜେଏମଏମ ଓ ମାସାଆର୍ମି କର୍ମକର୍ତ୍ତାମାନେ ମଧ୍ୟ ସାମିଲ ହୋଇଥିଲେ। ଉତ୍ତେଜନା ବଢ଼ିବାରୁ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, କରଞ୍ଜିଆ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲେ। କିନ୍ତୁ, ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ତେବେ ଦାବି ଅନୁଯାୟୀ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍

### ଆରଡିସି ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ମୁଖ୍ୟମନ୍ତ୍ରୀ

ପାଣ୍ଠିରୁ ୩ଲକ୍ଷ, ଜିଲ୍ଲା ପ୍ରଶାସନ ପକ୍ଷରୁ ୨ଲକ୍ଷ ଓ ଆଦିବାସୀ ଜାତି, ଜନଜାତି ଓ ସଂଖ୍ୟାଲଘୁ ଉନ୍ନୟନ ବିଭାଗ ପକ୍ଷରୁ ୨ଲକ୍ଷ ମିଶାଇ ମୋଟ ୭ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ମୃତକଙ୍କ ପରିବାରକୁ ପ୍ରଦାନ କରାଯିବା ସହ ଚାକିରି ପ୍ରଦାନ କରିବା ପ୍ରତିଶ୍ରୁତି ଏବଂ ସ୍କୁଲ ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ନିଲମ୍ବିତ କରାଯିବ ବୋଲି ଘୋଷଣା କରାଯିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ବାରିପଦାରୁ କ୍ଷତିପୂରଣ ରାଶି ନେଇ ରୁପାଲିର ମୃତଦେହ ନେଇ ପରିବାରଲୋକେ ସ୍ୱର୍ଗରଥରେ ପୁଲିସ ସୁରକ୍ଷା ମଧ୍ୟରେ ଆଶ୍ରମ ସ୍କୁଲରେ ପହଞ୍ଚିଥିଲେ। ସେତେବେଳକୁ, ବିଷାକ୍ତ ଖାଦ୍ୟ ଖାଇ ଗୁରୁତର ହୋଇଥିବା ଅନ୍ୟ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ସେମାନଙ୍କୁ ବିରୋଧ କରିଥିଲେ। କାହିଁକି କ୍ଷତିପୂରଣ ରାଶି ନେଲ କହି ମୃତ ଛାତ୍ରୀଙ୍କ ବାପା-ମା'ଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। ଆହତ ଛାତ୍ରୀମାନଙ୍କୁ କ୍ଷତିପୂରଣ ପ୍ରଦାନ ସହ ଦୋଷୀଙ୍କୁ ଗିରଫ ଏବଂ ଫାଶୀ ଆଦି ଦାବି କରିବା ସହ ସେମାନେ ସ୍ୱର୍ଗରଥ ଉପରକୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ଏହା ଦେଖି ଉତ୍ତ୍ୟକ୍ତ ଲୋକଙ୍କ ଉପରେ ପୁଲିସ ଲାଠି ଚାଳନା କରିବାରୁ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଥିଲା। ଉତ୍ତ୍ୟକ୍ତ ଲୋକେ ପୁଲିସ ଉପରକୁ ଟେକା, ପଥର ଫିଙ୍ଗିଥିଲେ। ଏଥିରେ ରାସଗୋବିନ୍ଦପୁର ଥାନା ଆଇଆଇସିଙ୍କ ସମେତ ୧୨ ପୁଲିସ ଆହତ ହୋଇଥିଲେ। ଖବର ଲେଖା ହେବା ବେଳକୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା।

ଅପରପକ୍ଷେ ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏହାସହ ଘଟଣାର ଆରଡିସି ସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ପରିସ୍ଥିତିରେ ପିଲାମାନେ ଅସୁସ୍ଥ ହେଲେ ଏବଂ ରୁପାଲିଙ୍କର ମୃତ୍ୟୁ ଘଟିଛି, ସେ ସମ୍ପର୍କରେ ସବିଶେଷ ତଦନ୍ତ କରି ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆରଡିସି ଆସନ୍ତାକାଲି ଘଟଣାସ୍ଥଳକୁ ଯାଇ ଘଟଣା ସଂପର୍କରେ ତଦନ୍ତ କରିବେ। ଏଥିସହ ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ଲକ୍ଷର ସହାୟତା ଘୋଷଣା କରିଛନ୍ତି। ପିଲାମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ଆସନ୍ତାକାଲି ଏକ ଡାକ୍ତରୀ ଦଳ ରାସଗୋବିନ୍ଦପୁର ଗସ୍ତ କରିବେ।

# ନୂଆ ରତ୍ନପଲଙ୍କରେ ଶୋଇଲେ ମହାପ୍ରଭୁ

ପୁରୀ, ୧୪।୪(ସମିସ): ଓଡ଼ିଆ ନବବର୍ଷ ଅର୍ଥାତ୍ ମଙ୍ଗଳବାରଠାରୁ ମହାପ୍ରଭୁଙ୍କ ସେବାରେ ଲାଗିଛି ନୂଆ ରତ୍ନପଲଙ୍କ। ମହାବିଷୁବ ସଂକ୍ରାନ୍ତିରେ ପ୍ରଥମେ ନୂତନ ଭାବେ ନିର୍ମିତ ରତ୍ନ ପଲଙ୍କକୁ ସଂସ୍କାର କରାଯାଇଥିଲା। ଏହାପରେ ଏଥିରେ ଶୋଇଥିଲେ ଠାକୁର। ବର୍ମାଟିକ କାଠରେ ୩ଟି ପଲଙ୍କ ତିଆରି କରାଯାଇ ଏଥିରେ ରୁପା ଛାଉଣି ହୋଇଛି। ପୁରୁଣା ଡିଜାଇନ୍‌ରେ ଏହାକୁ ପ୍ରସ୍ତୁତ କରାଯାଇଛି। ପୁରୁଣା ପଲଙ୍କରେ ଥିବା ହାତୀ ଦାନ୍ତକୁ କାଢ଼ି ନୂଆ ପଲଙ୍କରେ ସଂଯୋଗ କରାଯାଇଛି। ଯଦିଓ ନୂଆ ପଲଙ୍କ ନିର୍ମିତ ହୋଇଛି, କିନ୍ତୁ ଜଙ୍ଗଲ ଓ ପରିବେଶ ବିଭାଗର ନିୟମ ଓ କଟକଣାକୁ ଦୃଷ୍ଟିରେ ରଖି ନୂଆ ହାତୀଦାନ୍ତ ସଂଯୋଗ ହୋଇନାହିଁ। ପୁରୁଣା ପଲଙ୍କରୁ କାଢ଼ି ନୂଆରେ ସଂଯୋଗ କରାଯାଇଛି।

ସୂଚନାଥାଉ କି, ଭଙ୍ଗା ରତ୍ନ ପଲଙ୍କରେ ଶୋଉଥିଲେ ମହାପ୍ରଭୁ। ଭାଙ୍ଗି ଯାଇଥିଲା ଶ୍ରୀଜୀଉଙ୍କ ଗଜଦନ୍ତ ରତ୍ନ ପଲଙ୍କ। ଏହାର ଗୋଡ଼ ସହ ଅନ୍ୟାନ୍ୟ ସ୍ଥାନ ସବୁ ଦୋହଲୁଥିଲା। ଗଜଦନ୍ତ ଘୋରି ହୋଇଯାଇଥିବା ବେଳେ ଲାଗିଥିବା ରୁପା ବି ଛାଡ଼ି ଯାଇଥିଲା। ଭଙ୍ଗା ପଲଙ୍କରେ ସବୁ ନୀତିକାନ୍ତି ହେଉଥିଲା। ସେବାୟତମାନେ କହିବା ପରେ ଶ୍ରୀମନ୍ଦିର ପ୍ରଶାସନ ନୂତନ ରତ୍ନ ପଲଙ୍କ ତିଆରି କରିବା ଲାଗି ନିଷ୍ପତ୍ତି ନେଇଥିଲା। ୨୦୨୪ରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜଣେ ଦାତା ରୁପା ଯୋଗାଇ ଦେଇଥିଲେ। ପୁରୁଣା ରତ୍ନପଲଙ୍କ ଶାଳ ଓ ଅନ୍ୟ କାଠରେ ନିର୍ମିତ ହୋଇଥିଲା। ଏହା ଭାରିଥିବାରୁ କାନ୍ଧେଇବା ମଧ୍ୟ ସହଜ ନଥିଲା। ତେଣୁ, ବର୍ମାଟିକ୍ କାଠରେ ତିଆରି କରିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ନିକଟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ହନୁମାନ ଜୟନ୍ତୀ ତଥା ଓଡ଼ିଆ ନବବର୍ଷରେ ନୂଆ ରତ୍ନ ପଲଙ୍କକୁ ସଂସ୍କାର କରାଯାଇ ମହାପ୍ରଭୁଙ୍କ ଶୟନ ପାଇଁ ବ୍ୟବହାର କରାଯିବ ବୋଲି କହିଥିଲେ। ସେହି ଅନୁଯାୟୀ ମଙ୍ଗଳବାରଠାରୁ ନୂଆ ରତ୍ନପଲଙ୍କ ଠାକୁରଙ୍କ ସେବାରେ ଲାଗିଛି।

# ଜୁଲାଇ ୧୬ରେ ରଥଯାତ୍ରା, ୨୫ରେ ସୁନାବେଶ

## ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା ଚୂଡ଼ାନ୍ତ

ପୁରୀ, ୧୪।୪ (ସମିସ): ଆସନ୍ତା ଜୁନ୍ ୨୯ରେ ସ୍ନାନଯାତ୍ରା। ମହାପ୍ରଭୁ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରି ଜ୍ୱରରେ ପଡ଼ିବେ। ଏହି ଦିନଠାରୁ ଅନବସର ଘରେ ରହିବେ ଚତୁର୍ଦ୍ଧା ବିଗ୍ରହ। ମହାପ୍ରଭୁ ସୁସ୍ଥ ହେବା ପରେ ଜୁଲାଇ ୧୬ରେ ରଥଯାତ୍ରା ଓ ୨୪ରେ ହେବ ବାହୁଡ଼ାଯାତ୍ରା। ଏହା ପରଦିନ ଅର୍ଥାତ୍ ଜୁଲାଇ ୨୫ରେ ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ଦାରୁବିଗ୍ରହ। ସେହିପରି, ନଭେମ୍ବର ୨୧ରୁ ଆରମ୍ଭ ହେବ ପଞ୍ଚକ। ଏଥର ପଞ୍ଚକ ପାଞ୍ଚଦିନ ପରିବର୍ତ୍ତେ ୪ଦିନ ପଡୁଛି। ଦ୍ୱାଦଶୀ ତିଥି କ୍ଷୟ ହେଉଥିବା



ଯୋଗୁଁ ଏ ବର୍ଷ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ହେବ ନାହିଁ। ଏମିତି, ୨୦୨୬-୨୭ ବର୍ଷର ପର୍ବପର୍ବାଣି ଓ ଯାନିଯାତ୍ରା ଚୂଡ଼ାନ୍ତ କରିବା ସହ ତିଥି, ବାର ଓ ତାରିଖ ଉପରେ ମୋହର ଲଗାଇଛି ଶ୍ରୀମନ୍ଦିର ପ୍ରଶାସନ।

୨୦୨୬-୨୭ ବର୍ଷର ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ଏପ୍ରିଲ ୧୪ରେ ମହାବିଷୁବ ସଂକ୍ରାନ୍ତି, ଏପ୍ରିଲ ୨୦ରେ ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା ଆରମ୍ଭ, ଏପ୍ରିଲ ୩୦ରେ ନୃସିଂହ ଜନ୍ମ, ଜୁଲାଇ ୧୪ରେ ନବଯୌବନ ଦର୍ଶନ ଓ ନେତ୍ରୋତ୍ସବ, ଜୁଲାଇ ୨୦ରେ ହେରାପଞ୍ଚମୀ, ଜୁଲାଇ ୨୩ରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୬ରେ ଅଧରପଣା, ଜୁଲାଇ ୨୭ରେ ନୀଳାଦ୍ରିବିଜେ କରିବେ ମହାପ୍ରଭୁ। ସେହିପରି, ଅଗଷ୍ଟ ୧୨ରେ ଚିତାଲାଗି ଅମାବାସ୍ୟା, ଅଗଷ୍ଟ ୨୩ରେ ଝୁଲଣ ଯାତ୍ରା ଆରମ୍ଭ, ସେପ୍ଟେମ୍ବର ୨ରେ ରାହୁରେଖା ଲାଗି, ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ, ସେପ୍ଟେମ୍ବର ୫ରେ ନନ୍ଦୋତ୍ସବ, ସେପ୍ଟେମ୍ବର ୬ରେ ବଣଭୋଜି ବେଶ, ସେପ୍ଟେମ୍ବର ୭ରେ କାଳୀୟଦଳନ, ସେପ୍ଟେମ୍ବର ୮ରେ ପ୍ରଲମ୍ବାସୁର ବଧ, ସେପ୍ଟେମ୍ବର ୧୧ରେ ସାତପୁରୀ ଅମାବାସ୍ୟା, ସେପ୍ଟେମ୍ବର ୧୪ରେ ଗଣେଶ ଚତୁର୍ଥୀ, ସେପ୍ଟେମ୍ବର ୨୩ରେ ବାମନ ଜନ୍ମ ଓ ସୁନିଆଁ, ସେପ୍ଟେମ୍ବର ୨୪ରେ ବଳିବାମନ ବେଶ, ଅକ୍ଟୋବର ୩ରେ ଷୋଡ଼ଶଦିନାତ୍ମକ ପୂଜା ଆରମ୍ଭ, ଅକ୍ଟୋବର ୧୦ରେ ମହାଳୟା ଅମାବାସ୍ୟା, ଅକ୍ଟୋବର ୧୭ରେ ମହାସପ୍ତମୀ, ଅକ୍ଟୋବର ୧୮ରେ ମହାଷ୍ଟମୀ, ଅକ୍ଟୋବର ୧୯ରେ ମହାନବମୀ, ଅକ୍ଟୋବ ୨୧ରେ ଦଶହରା, ଅକ୍ଟୋବର ୨୨ରେ ମହାପ୍ରଭୁଙ୍କ ରାଧା ଦାମୋଦର ବେଶ ଓ ବାଳଧୂପ ଆରମ୍ଭ, ଅକ୍ଟୋବର ୨୬ରେ କୁମାର ପୂର୍ଣ୍ଣିମା, ନଭେମ୍ବର ୯ରେ ଦୀପାବଳି ଅମାବାସ୍ୟା, ନଭେମ୍ବର ୨୪ରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀଜିଉଙ୍କ ରାଜାଧିରାଜ ବେଶ, ଡିସେମ୍ବର ୮ରେ ଦେବ ଦୀପାବଳି ଆରମ୍ଭ, ଡିସେମ୍ବର ୧୬ ଧନୁ ସଂକ୍ରାନ୍ତି ଓ ଶ୍ରୀମନ୍ଦିରରେ ପହିଲି ଭୋଗ ଆରମ୍ଭ ହେବ।

■ ଦଣ୍ଡ ନାଚ ଦେଖି ଫେରୁଥିଲେ

# ଦୁର୍ଘଟଣାରେ ଚାଲିଗଲେ ଦୁଇ ସାଙ୍ଗ

ଅନୁଗୋଳ, ୧୪।୪(ସମିସ): ଦଣ୍ଡନାଚ ଦେଖି ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ଚାଲିଗଲା ଦୁଇ ସାଙ୍ଗଙ୍କ ଜୀବନ। ମୃତକଦ୍ୱୟ ହେଲେ, ଜରପଡ଼ା ଥାନା ଅନ୍ତର୍ଗତ ବଡ଼ହିଂସର ଗ୍ରାମର ପୂର୍ଣ୍ଣଚନ୍ଦ୍ର ସାହୁ ଓ ଧୂରେନ ସାହୁ। ଦୁହେଁ ବାଇକ୍‌ରେ ପୁରୁଣାକୋଟ ଥାନା ଜଗନ୍ନାଥପୁର ଗାଁକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ସେଠାରୁ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଏହି ଅଘଟଣ ଘଟିଥିଲା। ହିଂସିରିଡା ଗ୍ରାମ ନିକଟରେ ବିଳମ୍ବିତ ରାତିରେ କୌଣସି ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ରାସ୍ତା ଉପରେ ଦୁଇଜଣଯାକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖି ପଥଚାରୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ୧୦୮ ଆମ୍ବୁଲାନ୍ସ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲ। କିନ୍ତୁ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ।

ଧର୍ମ ପରିବର୍ତ୍ତନ ପାଇଁ ପରିବାର ହଟହଟା

# ଦୁଇ ଶବକୁ ମିଳିଲାନି ଶ୍ମଶାନ

ଉମରକୋଟ, ୧୪।୪ (ସମିସ): ଧର୍ମ ପରିବର୍ତ୍ତନ ଯୋଗୁଁ ଦୁଇଟି ବ୍ଲକ୍‌ରେ ଦୀର୍ଘ ୨୪ଘଣ୍ଟାରୁ ଅଧିକ ସମୟ ହେବ ଶବକୁ ମିଳୁନାହିଁ ଶ୍ମଶାନ। ଦୁଇଟି ଗ୍ରାମରେ ଦୁଇଗୋଷ୍ଠୀ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଉଭୟ ସ୍ଥାନରେ ଜିଲ୍ଲା ପ୍ରଶାସନ ଓ ପୁଲିସ ବାରମ୍ବାର ଆଲୋଚନା ପରେ ମଧ୍ୟ ସମାଧାନର ରାସ୍ତା ବାହାରି ପାରୁନାହିଁ।

ନବରଙ୍ଗପୁର ଜିଲ୍ଲା, ରାଇଘର ବ୍ଲକ୍ ଡୁମୁରିମୁଣ୍ଡା ଗ୍ରାମରେ ରାଇମତି ଗଣ୍ଡ ଓ ଉମରକୋଟ ବ୍ଲକ୍ କୋପେନା ପଞ୍ଚାୟତର ଅଣ୍ଡ୍ରି ଗ୍ରାମର ମାଣିକ ସାନ୍ତା ଗତକାଲି ପ୍ରାଣ ହରାଇଥିଲେ। ଉଭୟଙ୍କ ପରିବାର ଧର୍ମ



ପରିବର୍ତ୍ତନ କରିଥିବାରୁ ଗ୍ରାମବାସୀ ଗାଁ ମଶାଣିରେ ଶବ ପୋତିବାକୁ ଦେଉନାହାନ୍ତି। ସେମାନେ ସ୍ୱ-ଧର୍ମକୁ ଫେରିଆସିଲେ, ଗାଁ ଶ୍ମଶାନରେ ଶବ ସତ୍କାର ପାଇଁ ଜାଗା ଦେବେ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ବିବାଦର ସମାଧାନ ହୋଇ ନପାରିବାରୁ ଦୀର୍ଘ ୩୦ଘଣ୍ଟା ପରେ ମୃତ ରାୟମତି ଗଣ୍ଡଙ୍କ ଶବକୁ ତାଙ୍କ ଘର ପଛପଟେ ସତ୍କାର କରାଯାଇଛି। ଉମରକୋଟ ବ୍ଲକ ଅଣ୍ଡ୍ରିଠାରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ମୃତ ମାଣିକ ସାନ୍ତାଙ୍କ ଶବ ଦୀର୍ଘ ୨୪ ଘଣ୍ଟା ହେଲା ଘରେ ପଡି ରହିଛି। ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ପାରିନାହିଁ।

ଫକୀରମୋହନ ମହାବିଦ୍ୟାଳୟରେ ପୁଣି ସାଂଘାତିକ ଅଭିଯୋଗ

# ବିଭାଗୀୟ ମୁଖ୍ୟ ପଦରୁ ହଟିଲେ ଅଧ୍ୟାପକ

**ବାଲେଶ୍ୱର,୧୪।୪(ସମିସ):** ଗତବର୍ଷ ଫକୀରମୋହନ ମହାବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣା ମନରୁ ନଯାଉଣୁ ଏବେ ପୁଣି ଜଣେ ଓଡ଼ିଆ ଅଧ୍ୟାପକଙ୍କ ନାମରେ ଆସିଛି ସାଂଘାତିକ ଅଭିଯୋଗ। ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ସ୍ପିଡ୍‌ପୋଷ୍ଟ ମାଧ୍ୟମରେ ଆସିଥିବା ଏକ ଚିଠିକୁ ନେଇ ଏବେ ଚର୍ଚ୍ଚା ଜୋର୍‌ଧରିଛି। ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ସନ୍ତୋଷ କୁମାର ନାୟକଙ୍କ ନାମରେ ଏହି ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ୧୫୮୪ନମ୍ବର ଚିଠିର ନିର୍ଦ୍ଦେଶ ଅନୁସାରେ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ ଏହାର ତଦନ୍ତ ପାଇଁ କଲେଜ ଆଭ୍ୟନ୍ତରୀଣ କମିଟିକୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ଫକୀରମୋହନ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ତଥା ବିଭାଗୀୟ ଅଧିକାରୀ ଡ. ସନ୍ତୋଷ ନାୟକଙ୍କ ବିରୋଧରେ ଏକ ଚିଠି ସ୍ପିଡ ପୋଷ୍ଟ ଯୋଗେ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ଆସିଥିଲା। ଚିଠିରେ ଛାତ୍ରୀ ଜଣଙ୍କୁ ନିର୍ଯାତନ ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଏହି ଚିଠି ମିଳିବା ପରେ ଶିକ୍ଷା ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଏହାପରେ ତାଙ୍କୁ ତୁରନ୍ତ ପଦରୁ ହଟାଯିବା ସହ କଲେଜର ଅଭ୍ୟାନ୍ତରୀଣ କିମିଟିକୁ ଏହାର ତଦନ୍ତ ଭାର ମଧ୍ୟ ପ୍ରଦାନ କରାଯାଇଛି ବୋଲି କଲେଜ କର୍ତ୍ତୃପକ୍ଷ ଶିକ୍ଷା ବିଭାଗକୁ ପ୍ରଦାନ କରିଥିବା ଚିଠିରେ ଉଲ୍ଲେଖ ରହିଛି। ଏହାଛଡ଼ା ଆସନ୍ତା୧୫ତାରିଖ ଦିନ ଅଭିଯୋଗ କରିଥିବା ଛାତ୍ରୀ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ବୟାନ ଦେବାକୁ କୁହାଯାଇଛି। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରକୃତ ଅଭିଯୋଗକାରିଣୀ କିଏ ତାହା ଜଣାପଡ଼ିନାହିଁ। ଏ ନେଇ ଆଇସିସି କମିଟିରେ ସଦସ୍ୟା ଥିବା ଗୋପାମୁଦ୍ରା ମହାପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ପ୍ରକୃତ ଅଭିଯୋଗକାରିଣୀ ଜଣାପଡ଼ିନାହିଁ। ସେହିପରି କଲେଜର ଅଧ୍ୟକ୍ଷ ଦୀନେଶ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କୌଣସି ଉତ୍ତର ମିଳିପାରିନାହିଁ।

# ଦୁଷ୍କର୍ମରେ ବିଫଳ ହେବାରୁ ଭାଙ୍ଗିଦେଲା ମହିଳାଙ୍କ ହାତ

ନୟାଗଡ଼,୧୪।୪(ସମିସ): ନୟାଗଡ଼ ଜିଲ୍ଲା ସଦର ଥାନା ଅନ୍ତର୍ଗତ ଖୁଣ୍ଟୁବନ୍ଧ ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଆଜି ଜଣେ ନିଶାସକ୍ତ ଯୁବକ ଦୁଷ୍କର୍ମ ଉଦ୍ୟମ କରିଛି। ଅଭିଯୁକ୍ତଜଣଙ୍କ ମହିଳାଙ୍କ ହାତ ଭାଙ୍ଗିଦେଇଛି। ମହିଳାଙ୍କ ବୟସ ୪୦ବର୍ଷ। ଏହି ଘଟଣାରେ ପୁଲିସ ଅଭିଯୁକ୍ତକୁ ଥାନାକୁ ଉଠାଇ ଆଣିଛି। ସୂଚନାନୁସାରେ, ନୟାଗଡ଼ ଖୁଣ୍ଟୁବନ୍ଧ ଅଞ୍ଚଳର ଉକ୍ତ ମହିଳା ଇଟାମାଟି ଅଞ୍ଚଳରେ ବିବାହ କରିଥିଲେ। କୌଣସି କାରଣରୁ ସେ ତାଙ୍କ ବାପଘରେ ରହି ଆସୁଥିଲେ। ଆଜି ସନ୍ଧ୍ୟାରେ ମହିଳାଜଣଙ୍କ ଶୌଚ ହେବା ପାଇଁ ଯାଇଥିବା ବେଳେ ଖୁଣ୍ଟୁବନ୍ଧ ଗ୍ରାମର କେଳୁ ଦଳେଇଙ୍କ ପୁଅ ଚନ୍ଦନ ଦଳେଇ ତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ ଉଦ୍ୟମ କରିଥିଲେ। ନିଛାଟିଆ ସ୍ଥାନରେ ଚନ୍ଦନ ତାଙ୍କୁ ଦୁଷ୍କର୍ମ କରିବାକୁ ଚେଷ୍ଟା କରିବା ସମୟରେ ମହିଳାଜଣଙ୍କ ବିରୋଧ କରିଥିଲେ। ଏଥିରେ ରାଗିଯାଇ ମହିଳାଙ୍କ ହାତ ମୋଡ଼ି ଭାଙ୍ଗି ଦେଇଥିଲେ ଚନ୍ଦନ। ମହିଳାଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚି ଯିବାରୁ ଚନ୍ଦନ ସେଠାରୁ ଖସି ପଳାଇଥିଲା। ପରିବାରଲୋକେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ଖବର ପାଇ ସଦର ଥାନା ଅଧିକାରୀ ପ୍ରିୟତମା ବେହେରାଙ୍କ ନେତୃତ୍ୱରେ ପୁଲିସ ଟିମ୍ ଖୁଣ୍ଟୁବନ୍ଧ ଗାଁରେ ଚଢ଼ଉ କରି ଚନ୍ଦନକୁ ଉଠାଇ ଆଣିଛି। ଚନ୍ଦନ ଅତ୍ୟଧିକ ନିଶା ସେବନ କରିଥିବାରୁ ତାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ, ମହିଳାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଘଟଣାର ଛାନଭିନ୍ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

# ବିଜେବି କଲେଜରେ ୨ କୋଟି ଅନିୟମିତତା

ଭୁବନେଶ୍ୱର ୧୪।୪, (ସମିସ) ରାଜଧାନୀର ପ୍ରତିଷ୍ଠିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଛି ବ୍ୟାପକ ଆର୍ଥିକ ଅନିୟମିତତା । ସରକାରଙ୍କ ବିନା ଅନୁମତିରେ ବିଭିନ୍ନ କାର୍ଯ୍ୟ ପାଇଁ ପୂର୍ବତନ ଅଧ୍ୟକ୍ଷା ପ୍ରାୟ ୨ କୋଟିରୁ ଅଧିକ ଟଙ୍କା ରାଜକୋଷରୁ ବ୍ୟୟ କରିଛନ୍ତି। ଉଚ୍ଚଶିକ୍ଷା ବିଭାଗର ବିନା ଅନୁମତିରେ ଏତେ ପରିମାଣର ଟଙ୍କା ଉଠାଇବା ଓ ନିର୍ମାଣ କାର୍ଯ୍ୟ ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ ପରେ ବିଭାଗ କଡ଼ା



■ ବିନା ଅନୁମତିରେ ମନଇଚ୍ଛା ହୋଇଛି ୧୧ ଟି ନିର୍ମାଣ କାର୍ଯ୍ୟ
■ ପେଣ୍ଟିଂ ପାଇଁ ଅନୁମତି ୧୫ ଲକ୍ଷ, ଖର୍ଚ୍ଚ ୮୦ ଲକ୍ଷ ଟଙ୍କା
■ ପୂର୍ବତନ ଅଧ୍ୟକ୍ଷାଙ୍କ ବିରୋଧରେ ଚାର୍ଜଫ୍ରେମ୍ କଲେ ସଚିବ

ଆଭିମୁଖ୍ୟ ପୋଷଣ କରିଛି। ବିଭାଗୀୟ ସଚିବ ପୂର୍ବତନ ଅଧ୍ୟକ୍ଷାଙ୍କ ନାମରେ ଚାର୍ଜ ଫ୍ରେମ୍ କରିବା ସହ ୩୦ ଦିନ ମଧ୍ୟରେ ଉତ୍ତର ରଖିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

ଅଭିଯୋଗ ଅନୁସାରେ ବିଜେବି କଲେଜରେ ୧୧ଟି ନିର୍ମାଣ କାର୍ଯ୍ୟ ପାଇଁ ପୂର୍ବତନ ଅଧ୍ୟକ୍ଷା ଡ. ଇତିଶ୍ରୀ ପାଢ଼ୀ ପ୍ରାୟ ୨ କୋଟି ୧୦ ଲକ୍ଷ ଟଙ୍କା ରାଜକୋଷରୁ ଉଠାଇଛନ୍ତି। କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ନିକଟରୁ ଅନୁମତି ନେବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ସେ ଏହାକୁ ଗ୍ରହଣ କରିନାହାନ୍ତି। ସେହିପରି କଲେଜ ବାହାର ପାଶ୍ୱର୍ ରଙ୍ଗ ଓ ପେଣ୍ଟିଂ କରିବା ପାଇଁ ପ୍ରାୟ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବ୍ୟୟଅଟକଳ କରାଯାଇଥିଲା। ବିଭାଗ ପକ୍ଷରୁ ଏଥିପାଇଁ ଅନୁମତି ପ୍ରଦାନ କରାଯାଇଥିଲା। ମାତ୍ର ଏହି କାର୍ଯ୍ୟ ପାଇଁ ପ୍ରାୟ ୮୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଅର୍ଥାତ୍ ବିନା ଅନୁମତିରେ ଅଧ୍ୟକ୍ଷା ରଙ୍ଗ ଦେବା ପାଇଁ ୬୫ ଲକ୍ଷ ଟଙ୍କା ବିଭାଗକୁ ନ ଜଣାଇ ଖର୍ଚ୍ଚ କରିଛନ୍ତି। ବିଭାଗ ଅଗୋଚରରେ ଏତେ ପରିମାଣର ଟଙ୍କା ବ୍ୟୟ କରାଯାଇଥିବାରୁ ଏହା ପଛରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏପରି ଅଭିଯୋଗ ପାଇବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତନାଘନା କରାଯାଇଥିବାବେଳେ ଆହୁରି ଚାଞ୍ଚଲ୍ୟକର କଥା ପଦାକୁ ଆସିଛି। ବିଭାଗର ୨୦୨୫ଜାନୁଆରୀ ଶେଷ ସପ୍ତାହରେ କଲେଜକୁ ନାକ୍ ଟିମ୍‌ର ଗସ୍ତ ରହିଥିବା ଦୃଷ୍ଟିରେ ରଖି ଏସବୁ ଅର୍ଥ ଜରୁରୀକାଳୀନ ଭାବେ ଖର୍ଚ୍ଚ କରାଯାଇଥିବା ଯାଞ୍ଚ ସମୟରେ ଡ. ପାଢ଼ୀ ପ୍ରତିକ୍ରିୟା ରଖିଛନ୍ତି। ମାତ୍ର ଏହାକୁ ଉପଯୁକ୍ତ କାରଣ ଭାବେ ବିଭାଗ ଗ୍ରହଣ କରି ନ ଥିବାବେଳେ କ୍ଷମତାର ଅପବ୍ୟବହାର ଦର୍ଶାଇ ତାଙ୍କ ବିରୋଧରେ ଚାର୍ଜ ଫ୍ରେମ୍ କରିଛି। ଖୋଦ ବିଭାଗୀୟ ସଚିବ ୩୦ ଦିନ ମଧ୍ୟରେ ପକ୍ଷ ରଖିବାକୁ ପୂର୍ବତନ ଅଧ୍ୟକ୍ଷାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟରେ ସେ ନିଜର ପକ୍ଷ ଲିଖିତ ବାବେ ନ ରଖିଲେ ତାଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି।

ଓଡ଼ିଆ ନବବର୍ଷରେ ଫାର୍ମ-ବି, ସକାଳ ଓ ନନ୍ଦିଘୋଷ ଟିଭିର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ୬ ହଜାରରୁ ଊର୍ଦ୍ଧ୍ୱ ପଥଚାରୀ ଓ ଶ୍ରଦ୍ଧାଳୁଙ୍କୁ ପଣା ବଣ୍ଟନ





ଭୁବନେଶ୍ୱର,୧୪।୪(ସମିସ): ପବିତ୍ର ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ଅବସରରେ ରାଜ୍ୟର ପ୍ରସିଦ୍ଧ ଖାଦ୍ୟସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥା ବ୍ରାଣ୍ଡ ଫାର୍ମ-ବି ପକ୍ଷରୁ ରାମ ମନ୍ଦିରଠାରେ ଭବ୍ୟ ପଣା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। 'ସକାଳ' ଓ 'ନନ୍ଦିଘୋଷ ଟିଭି' ସହଯୋଗରେ ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗ ଦେଇ ପଣା ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜଧାନୀସ୍ଥିତ ରାମମନ୍ଦିର ନିକଟରେ ସକାଳ ୮.୩୦ ମିନିଟରୁ ଅପରାହ୍ନ ପର୍ଯ୍ୟନ୍ତ ପ୍ରାୟ ୬ ହଜାରରୁ ଊର୍ଦ୍ଧ୍ୱ ପଥଚାରୀ, ଶ୍ରଦ୍ଧାଳୁ ଓ ସାଧାରଣ ଜନତାଙ୍କୁ ପଣା ବଣ୍ଟନ କରାଯାଇଥିଲା।

ଫାର୍ମ-ବି ର ଦେଶୀ ସତ୍ତୁ (ଛତୁଆ)ରେ ପ୍ରସ୍ତୁତ ଏହି ପଣା। ପରମ୍ପରାଗତ ସ୍ୱାଦ ସହିତ ସ୍ୱାସ୍ଥ୍ୟକର ଓ ପୌଷ୍ଟିକ୍ ହୋଇଥିବାରୁ ସମସ୍ତଙ୍କ ଆକର୍ଷଣ କେନ୍ଦ୍ର ହୋଇଥିଲା। କ୍ଷୀର, ନଡ଼ିଆ, ଛେନା, ବିଭିନ୍ନ ଫଳ, ଡ୍ରାଏଫ୍ରୁଟ୍‌ସ ଆଦିରେ ପ୍ରସ୍ତୁତ ଏହି ପଣା ପାନ ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲା। କାର୍ଯ୍ୟକ୍ରମରେ ଦୈନିକ ଖବରକାଗଜ 'ସକାଳ'ର ସିଇଓ ସୁବ୍ରତ ଦାସ, କାର୍ଯ୍ୟନିର୍ବାହୀ ସମ୍ପାଦକ ସମରେନ୍ଦୁ ଦାସ, ପ୍ରକାଶକ ଅମିତ୍ ମଲ୍ଲିକ, ବ୍ୟୁରୋ ମୁଖ୍ୟ ରଞ୍ଜିତ୍ ମହାନ୍ତି, ବାର୍ତ୍ତା ସଂଯୋଜକ ତୁଷାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। 'ସକାଳ'ର ପ୍ରସାରଣ ଓ ବିଜ୍ଞାପନ ବିଭାଗର ଅଧିକାରୀ ପ୍ରିୟବ୍ରତ ଦାସ, ସୁଧାଂଶୁ ସାହୁ, ଅଭିଷେକ ସାହୁ, ମାନବସମ୍ବଳ ବିଭାଗର କମଳ ଖୁଣ୍ଟିଆ, ଫାର୍ମ ବି ଡ଼ିଜିଟାଲ ମୁଖ୍ୟ ପ୍ରଭାତ କୁମାର ମଲ୍ଲିକ, ଅଫିସିଆଲ ଇଭେଣ୍ଟ ପାର୍ଟନର ଉଲ୍ଲାସ ଚନ୍ଦ୍ର ବେହୁରା ପ୍ରମୁଖ କାର୍ଯ୍ୟକ୍ରମର ତତ୍ତ୍ୱାବଧାନ କରିଥିଲେ।

ଫାର୍ମ-ବିର ପରିଚାଳନା ନିର୍ଦ୍ଦେଶିକା ରଶ୍ମି ସାହୁ ଏହି ଅବସରରେ ରାଜ୍ୟବାସୀଙ୍କୁ ଓଡ଼ିଆ ନୂଆବର୍ଷର ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ଯେ ଫାର୍ମ-ବି ର ଦେଶୀ ସତ୍ତୁ ପ୍ରତି ଲୋକମାନଙ୍କର ବିଶ୍ୱାସ ଦିନକୁ ଦିନ ବଢୁଛି। ଓଡ଼ିଶାବାସୀଙ୍କୁ ପର୍ବପର୍ବାଣୀ ମାଧ୍ୟମରେ ଦେଶୀ ଓ ପୌଷ୍ଟିକ୍ ଖାଦ୍ୟ ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ। ଫାର୍ମ-ବି ସଦା କୃଷି ଭିତ୍ତିକ ଉତ୍ପାଦକୁ ପ୍ରୋତ୍ସାହନ ଓ ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ସଚେତନତା ବୃଦ୍ଧି ପାଇଁ ପ୍ରତିବଦ୍ଧ ରହିଛି ବୋଲି ରଶ୍ମୀ ପ୍ରକାଶ କରିଛନ୍ତି ।

# ସକାଳ
THE SAKALA

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-287 ◆WEDNESDAY ◆15 APRIL 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୮୭ ◆ବୁଧବାର ◆୧୫ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ସଞ୍ଜୁ ମାର୍ଚ୍ଚର ଶ୍ରେଷ୍ଠ କ୍ରିକେଟର

▶କ୍ରୀଡ଼ା ପୃଷ୍ଠାରେ...

# ହର୍ମୁଜ ଘେରିଲା ଆମେରିକା; ଇରାନର କ୍ଷେପଣାସ୍ତ୍ର ମାଡ଼

■ ତେହେରାନ, ୧୪।୪(ଏଜେନ୍ସି): ଇରାନର କଟକଣା ଏବଂ ଆମେରିକାର ନୌସେନା ଅବରୋଧକୁ ନେଇ ହର୍ମୁଜ ପ୍ରଣାଳୀରେ ଉତ୍ତେଜନା ଲାଗି ରହିଥିବା ବେଳେ ଇରାନ ଆଜି ଆମେରିକା ଜାହାଜକୁ କ୍ଷେପଣାସ୍ତ୍ର ମାଡ଼ କରିଥିବାର ଖବର ମିଳିଛି। ଇରାନ ଗଣମାଧ୍ୟମରେ ପ୍ରସାରିତ ଭିଡିଓ ଫୁଟେଜ୍ ଅନୁଯାୟୀ ଇରାନ ପକ୍ଷରୁ ଆଜି ଜାହାଜ ବିଧ୍ୱଂସକାରୀ କ୍ରୁଜ୍ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଉପସାଗରରେ ମୁତୟନ ଆମେରିକାର ଶକ୍ତିଶାଳୀ ଯୁଦ୍ଧ ଜାହାଜ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ୍ (ସିଭିଏନ୍-୭୨)କୁ ଲକ୍ଷ୍ୟ କରି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିବା କୁହାଯାଇଛି। ଇରାନର ରେଭଲ୍ୟୁସନାରୀ ଗାର୍ଡ ସୂତ୍ରକୁ ଉଦ୍ଧାର କରି କୁହାଯାଇଛି ଯେ ୟୁଏସ୍ଏସ୍ ଆବ୍ରାହମ ଲିଙ୍କନ୍ ଓମାନ ସାଗରରୁ ପାରସ୍ୟ ଉପସାଗରକୁ ଆସୁଥିବା ବେଳେ କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଇରାନର ୩୪୦ କିଲୋମିଟର ସମୁଦ୍ର ସୀମା ନିକଟରେ ଏହି ଆକ୍ରମଣ ହୋଇଛି। ଇରାନୀ ଗଣମାଧ୍ୟମ କ୍ଷେପଣାସ୍ତ୍ର



ଆକ୍ରମଣର ଫୁଟେଜ୍ ଜାରି କରିଥିଲେ ମଧ୍ୟ ସରକାରୀ ଭାବେ କିଛି କୁହାଯାଇ ନାହିଁ। ଆମେରିକା ମଧ୍ୟ ଏସଂପର୍କରେ କୌଣସି ପ୍ରତିକ୍ରିୟା ଦେଇନାହିଁ। ୟୁଏସ୍ଏସ୍ ଆବ୍ରାହମ ଲିଙ୍କନରେ ଏକ ଲକ୍ଷ ଟନ୍ ପରମାଣୁ ଅସ୍ତ୍ର ଥିବା କୁହାଯାଉଛି।

ସୂଚନା ଅନୁସାରେ ହର୍ମୁଜରେ ଆମେରିକା ନାକାବନ୍ଦୀରେ ୧୫ଟି ଯୁଦ୍ଧ ଜାହାଜ ଓ ୧୦ ହଜାରରୁ ଊର୍ଦ୍ଧ୍ୱ ସେନା ମୁତୟନ କରିଛି। ବିମାନବାହୀ ଯୁଦ୍ଧ ଜାହାଜ ଆବ୍ରାହାମ ଲିଙ୍କନ ଓ କିଛି ବିଧ୍ୱଂସକ ଜାହାଜ ମଧ୍ୟ ଏଥିରେ ସାମିଲ ରହିଛି। ଆମେରିକାର ଏପରି ପଦକ୍ଷେପ ଯୋଗୁଁ ୬ଟି ତୈଳବାହୀ ବାଣିଜ୍ୟିକ ଜାହାଜ ହର୍ମୁଜ୍‌ରୁ ଅତିକ୍ରମ କରି ନ ପାରି ଫେରି ଯାଇଛି। ନାକାବନ୍ଦୀର ପ୍ରଥମ ୨୪ ଘଣ୍ଟା ମଧ୍ୟରେ କୌଣସି ଜାହାଜ ହର୍ମୁଜ ଅତିକ୍ରମ କରିନାହିଁ ଓ ଯେଉଁ ଜାହାଜଗୁଡ଼ିକ ଅତିକ୍ରମ କରିବାକୁ ଚେଷ୍ଟା କରିଥିଲେ, ସେଗୁଡ଼ିକ ଆମେରିକୀୟ ସେନା ଆଦେଶରେ ପଛକୁ ଫେରିଛି ବୋଲି ମାର୍କିନ ସେଣ୍ଟ୍ରାଲ କମାଣ୍ଡ ଦାବି କରିଛି। ଅନ୍ୟପକ୍ଷରେ କିଛି ଆନ୍ତର୍ଜାତୀୟ ମିଡ଼ିଆ ସୂଚନା ଅନୁସାରେ ଆମେରିକାର ଚେତାବନୀ ସତ୍ତ୍ୱେ ୪ଟି ଜାହାଜ ହର୍ମୁଜ ଅତିକ୍ରମ କରିଛି। ଏଥିରେ ଚୀନର ଗୋଟିଏ ଜାହାଜ ରହିଛି। ହର୍ମୁଜରେ ଏହାର ଜାହାଜ ଯାତାୟତରେ କୌଣସି ହସ୍ତକ୍ଷେପ ନକରିବା ଲାଗି ଆମେରିକାକୁ ଚେତାବନୀ ଦେଇଛନ୍ତି ଚୀନ ରାଷ୍ଟ୍ରପତି। ହର୍ମୁଜରେ ଆମେରିକା ନୌସେନାର ନାକାବନ୍ଦୀକୁ ସେ ତୀବ୍ର ବିରୋଧ କରିଛନ୍ତି। ଅପରପକ୍ଷରେ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ପାଇଁ ଚୀନ୍ ୪ ▶ପୃଷ୍ଠା-୭

## ଚିଠା ପ୍ରସ୍ତୁତ

# ୮୫୦କୁ ବଢ଼ିବ ଲୋକସଭା ଆସନ

## ୨୦୨୯ ନିର୍ବାଚନରେ ମହିଳାଙ୍କ ପାଇଁ ୩୩% ଆସନ ସଂରକ୍ଷଣ

■ ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ଚଳିତ ମାସ ଶେଷ ସପ୍ତାହ ଆଡ଼କୁ ପଶ୍ଚିମବଙ୍ଗ ଓ ତାମିଲନାଡ଼ୁରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ତାହା ପୂର୍ବରୁ ଆସନ୍ତା ୧୬ରୁ ସଂସଦର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି କେନ୍ଦ୍ର ସରକାର। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ସହିତ ମହିଳାମାନଙ୍କ ପାଇଁ ଆସନ ସଂରକ୍ଷଣ ବିଲ୍ (ନାରୀ ଶକ୍ତି ବନ୍ଦନ ଅଧିନିୟମ) ଆଣିବା ଲାଗି ସରକାର ଏହି ଅଧିବେଶନ ଡାକିଛନ୍ତି। ତେବେ ବିରୋଧୀ ଦଳ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନଙ୍କ ସହିତ ବିଚାରବିମର୍ଶ ନକରି ସରକାର କାହିଁକି ତରବରିଆ ଭାବେ ସଂସଦ ଡାକିଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। ପୁଣି ୨୦୧୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ଏହାକୁ ସେମାନେ ବିରୋଧ କରିଛନ୍ତି। ୨୦୨୧ ଜନଗଣନା ଆଧାରରେ ସୀମାପୁନଃନିର୍ଦ୍ଧାରଣ ଲାଗି ସେମାନେ ଦାବି କରିଛନ୍ତି।

ସ୍ୱତନ୍ତ୍ର ଅଧିବେଶନରେ ସରକାର ମୁଖ୍ୟତଃ

**୧୬ରୁ ସ୍ୱତନ୍ତ୍ର ଅଧିବେଶନ, ଉପସ୍ଥାପିତ ହେବ ୩ଟି ବିଲ୍**

**୨୦୧୧ ଜନଗଣନା ଆଧାରରେ ହେବ ସୀମା ପୁନଃ ନିର୍ଦ୍ଧାରଣ**

**ସରକାରଙ୍କ ଆନ୍ତରିକତା ନେଇ ପ୍ରଶ୍ନ ଉଠାଇଲେ ବିରୋଧୀ**



ତିନିଟି ବିଲ୍ ଆଗତ କରିବେ। କେନ୍ଦ୍ର ସରକାର ଆଜି ଏସଂକ୍ରାନ୍ତ ଚିଠାପ୍ରସ୍ତାବ ସାଂସଦମାନଙ୍କୁ ଦେଇଛନ୍ତି। ଏହି ବିଲ୍‌ଗୁଡ଼ିକ ହେଲା ସୀମା ପୁନଃନିର୍ଦ୍ଧାଣ ବିଲ-୨୦୨୬, ତିନିଟି କେନ୍ଦ୍ରଶାସିତ ଅଞ୍ଚଳ ନିୟମ (ସଂଶୋଧନ) ବିଲ୍ ଏବଂ ମହିଳା ଆସନ ସଂରକ୍ଷଣ (ସମ୍ବିଧାନ ସଂଶୋଧନ) ବିଲ୍। ଏଥିଲାଗି ସରକାର ସମ୍ବିଧାନରେ ୧୩୧ତମ ସଂଶୋଧନ କରିବାକୁ ଯାଉଛନ୍ତି। ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାଣ ପାଇଁ ସରକାର ଦେଇଥିବା ପ୍ରସ୍ତାବ ଅନୁଯାୟୀ ଲୋକସଭାରେ ଆସନ ସଂଖ୍ୟା ୫୪୩ରୁ ୮୫୦କୁ ବୃଦ୍ଧି ପାଇବ। ରାଜ୍ୟମାନଙ୍କ ପାଇଁ ୮୧୫ଟି ଆସନ ରଖାଯାଇଥିବା ବେଳେ ୩୫ଟି ଆସନ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ରଖାଯାଇଛି। ଏହାସହିତ ମହିଳାଙ୍କ ଲାଗି ୩୩ ପ୍ରତିଶତ ଆସନ ସଂରକ୍ଷଣ ପାଇଁ ମଧ୍ୟ ବାଟ ଫିଟିବ। ରାଜ୍ୟମାନଙ୍କରୁ ୮୧୫ ସଭ୍ୟଙ୍କ ପ୍ରତ୍ୟକ୍ଷ ନିର୍ବାଚନ ଲାଗି ସମ୍ବିଧାନର ଧାରା ୮୧ରେ ମଧ୍ୟ ସଂଶୋଧନ କରାଯିବ। କେନ୍ଦ୍ର ଶାସିତ ଅଞ୍ଚଳରୁ ୩୫ ଜଣ ସଭ୍ୟ ନିର୍ବାଚନ ଲାଗି ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଛି। ଆସନ୍ତା ୨୦୨୯ରୁ ନୂଆ ବ୍ୟବସ୍ଥା ଲାଗୁ କରିବାଲାଗି ସରକାର ଯୋଜନା କରିଛନ୍ତି।

୨୦୧୧ ଜନଗଣନାକୁ ଆଧାର କରି ଲୋକସଭା ଓ ବିଧାନସଭା ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ଲାଗି ସରକାର ପ୍ରସ୍ତାବ ଦେଇଥିବା ବେଳେ ବିରୋଧୀ ଦଳ ଏହାର ତୀବ୍ର ବିରୋଧ କରିଛନ୍ତି। ୨୦୨୧ ଜନଗଣନା ଆଧାରରେ ସୀମା ପୁନଃନିର୍ଦ୍ଧାରଣ ପାଇଁ ସେମାନେ ଦାବି କରିଛନ୍ତି। ଆପ୍, ଆରଜେଡି ଏବଂ ଡିଏମ୍‌କେ ଏହା ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ପୁଣି ମହିଳାଙ୍କ ସଂରକ୍ଷିତ ଆସନ ମଧ୍ୟରେ ପଛୁଆବର୍ଗ ମହିଳାଙ୍କ ଲାଗି ସଂରକ୍ଷଣ ବ୍ୟବସ୍ଥା ରହିବ କି ନାହିଁ, ସେସଂପର୍କରେ ବିରୋଧୀ ଦଳ ସରକାରଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ଇତିମଧ୍ୟରେ ତୃଣମୂଳ କଂଗ୍ରେସ ସାଂସଦ ଡେରେକ ଓବ୍ରାଏନ ▶ପୃଷ୍ଠା-୭

# ମହଙ୍ଗା ହେବ ତେଲ

## ପେଟ୍ରୋଲ ବଢ଼ିବ ୧୮ ଟଙ୍କା, ଡିଜେଲ ୩୫ ଟଙ୍କା

■ ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଭାରତକୁ ଖୁବ୍ ଶୀଘ୍ର ବଡ଼ ଝଟକା ଲାଗିବାକୁ ଯାଉଛି। କାରଣ ଘରୋଇ ବଜାରରେ ମହଙ୍ଗା ହେବାକୁ ଯାଉଛି ପେଟ୍ରୋଲ ଏବଂ ଡିଜେଲ। ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ଏକାଥରକେ ବଡ଼ ଧରଣର ବୃଦ୍ଧି ଖାଉଟିଙ୍କ ସ୍ଥିତି ଦୋହଲାଇ ଦେବାକୁ ଯାଉଛି। ଏଥିରେ ପେଟ୍ରୋଲ ଲିଟର ପିଛା ୧୮ ଟଙ୍କା ଏବଂ ଡିଜେଲ ୩୫ ଟଙ୍କା ମହଙ୍ଗା ହୋଇପାରେ। ପଶ୍ଚିମବଙ୍ଗ ଓ ତାମିଲନାଡୁରେ ନିର୍ବାଚନ ଶେଷ ହେବା ପରେ ପେଟ୍ରୋଲ-ଡିଜେଲ ମୂଲ୍ୟରେ ଏଭଳି ବୃଦ୍ଧି ଘଟାଇବାକୁ ଯାଉଛନ୍ତି କେନ୍ଦ୍ର ସରକାର।



ଆମେରିକା ଏବଂ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଏବେ ଭାରତୀୟ ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଉପରେ ପଡିବାରେ ଲାଗିଛି। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ଯୋଗୁ ତୈଳ କମ୍ପାନୀଗୁଡ଼ିକ ପ୍ରତି ଲିଟର ପେଟ୍ରୋଲରେ ପ୍ରାୟ ୧୮ ଏବଂ ଡିଜେଲରେ ୩୫ ଟଙ୍କା କ୍ଷତି ସହୁଛନ୍ତି। ଗତ ମାସରେ ତିନି କମ୍ପାନୀ ତେଲ ବିକ୍ରିରେ ପ୍ରାୟ ୨୪୦୦ କୋଟି ଟଙ୍କା କ୍ଷତି ସହିଛନ୍ତି। ସରକାରଙ୍କ ଦ୍ୱାରା ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ଛାଡ଼ ପରେ ଏହି କ୍ଷତି ୧୬୦୦ କୋଟି ଟଙ୍କାକୁ ହ୍ରାସ ହୋଇଛି। ଅପରପକ୍ଷେ ଅଶୋଧିତ ତୈଳ ମୂଲ୍ୟରେ ବ୍ୟାରେଲ ପ୍ରତି ୧୦ ଡଲାର ବୃଦ୍ଧି ଘଟିଲେ ପେଟ୍ରୋଲ ଲିଟରରେ ପ୍ରାୟ ୬ ଟଙ୍କାର ଅତିରିକ୍ତ ଚାପ ପଡୁଛି। ତୈଳ କମ୍ପାନୀଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ କ୍ଷତି ଭରଣା କରିବା ପାଇଁ କେନ୍ଦ୍ର ସରକାର ବିଧାନସଭା ନିର୍ବାଚନ ପରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି କରିପାରନ୍ତି। ମ୍ୟାକ୍ୱାରି ଗ୍ରୁପର ଏକ ରିପୋର୍ଟ ଅନୁଯାୟୀ, ଯେ ଏପ୍ରିଲ ପରେ ପେଟ୍ରୋଲ ବୃଦ୍ଧି ସୁନିଶ୍ଚିତ। ଏହାକୁ କେହି ଅଟକାଇପାରିବେ ନାହିଁ।

# ପହିଲି ବୈଶାଖରେ ତାତି ଟପିଲା ୪୧

## ୧୭ ତାରିଖ ପର୍ଯ୍ୟନ୍ତ ଅସମ୍ଭାଳ

■ ଭୁବନେଶ୍ୱର, ୧୪।୪ (ସମିସ): ପହିଲି ବୈଶାଖରେ ରାଜ୍ୟରେ ପାରା ଟପିଛି ୪୧ ଡିଗ୍ରୀ।। ୭ଟି ସହରର ତାପମାତ୍ରା ୪୦ ଉପରେ ପହଞ୍ଚିଥିବା ବେଳେ ଟିଟିଲାଗଡ଼ରେ ୪୧.୭ ଓ ସମ୍ବଲପୁରରେ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ଝାରସୁଗୁଡ଼ାରେ ୪୧, ଭବାନୀପାଟଣାରେ ୪୧, ସୋନପୁରରେ ୪୦.୬ ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଏଭଳି ସ୍ଥିତି ଜାରି ରହିବ। ଅନ୍ୟପଟେ ଆସନ୍ତା ତିନି ଦିନ ମଧ୍ୟରେ ଅଧିକାଂଶ ସ୍ଥାନରେ ତାତି ଆହୁରି ୪ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ରାଜ୍ୟକୁ ବର୍ତ୍ତମାନ କ୍ରମାଗତ ଭାବେ ଶୁଷ୍କ ଗରମ ବାୟୁ ପ୍ରବେଶ କରୁଛି। ଏହା ପ୍ରଭାବରେ ଆଭ୍ୟନ୍ତରୀଣ ଓଡ଼ିଶାରେ ତାପମାତ୍ରା ▶ପୃଷ୍ଠା-୭

**୩ ଦିନରେ ଆହୁରି ୪ ଡିଗ୍ରୀ ବଢ଼ିପାରେ ତାପମାତ୍ରା**

**ଟିଟିଲାଗଡ଼ରେ ୪୧.୭ ଡିଗ୍ରୀ, ସମ୍ବଲପୁରରେ ୪୧.୫**

**ରାଜ୍ୟର ୭ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଉପରେ**



## ପଞ୍ଚାୟତ ସଂରକ୍ଷଣ

# ଆଠ ଦିନରେ 'ୟୁ-ଟର୍ଣ୍ଣ'

■ ଭୁବନେଶ୍ୱର, ୧୪।୪ (ସମିସ): ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ବ୍ୟବସ୍ଥାର ସଠିକ ଅନୁପାଳନ ଓ ଏହାକୁ ସୁନିଶ୍ଚିତ କରିବା ପାଇଁ ଗତ ୬ ତାରିଖରେ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖାଯାଇଥିଲା। ମାତ୍ର ୮ ଦିନ ନ ଯାଉଣୁ ଏ ସଂକ୍ରାନ୍ତ ନିଷ୍ପତ୍ତିରୁ ଓହରିଛନ୍ତି ସରକାର। ନୂଆ ମାର୍ଗଦର୍ଶିକା ଆସିବା ପରେ ଏଥିପାଇଁ ପଦକ୍ଷେପ ନିଆଯିବ ବୋଲି ଉଲ୍ଲେଖ କରି ସଂରକ୍ଷଣ ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ମାତ୍ର କେଇଟା ଦିନରେ ସରକାରଙ୍କ ଏହି 'ୟୁ-ଟର୍ଣ୍ଣ' ସାଧାରଣରେ ପଞ୍ଚାୟତିରାଜ ବିଭାଗର କାର୍ଯ୍ୟ ପଦ୍ଧତି ଓ ନିଷ୍ପତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସାନି ଚିଠିରେ କୁହାଯାଇଛି ଯେ ରାଜ୍ୟ ସରକାର ସଂରକ୍ଷଣ ବ୍ୟବସ୍ଥା ଓ ଏହାର ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଏକ ମାର୍ଗଦର୍ଶିକା ଆଣିବେ। ଏହାକୁ ଆଧାର କରି ସଂରକ୍ଷଣ ବ୍ୟବସ୍ଥା ସୁନିଶ୍ଚିତ କରାଯିବ। ତେଣୁ ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟ ଆଦି ଆସନ ପାଇଁ ସଂରକ୍ଷଣ ବ୍ୟବସ୍ଥା ସ୍ଥିର କରିବାକୁ ହୋଇଥିବା ନିର୍ଦ୍ଦେଶନାମାକୁ ପରବର୍ତ୍ତୀ ଚିଠି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସରକାରଙ୍କ ପକ୍ଷରୁ ୬ ତାରିଖରେ ଜାରି ଚିଠିରେ ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ▶ପୃଷ୍ଠା-୭

**ଏପ୍ରିଲ ସୁଦ୍ଧା ସଂରକ୍ଷଣ ନିର୍ଦ୍ଦେଶ ପ୍ରତ୍ୟାହାର**

**ନୂଆ ମାର୍ଗଦର୍ଶିକା ଆସିବା ପରେ ପଦକ୍ଷେପ**

**ଜିଲ୍ଲାପାଳଙ୍କୁ ସାନି ଚିଠି ଲେଖିଲେ ସରକାର**

## ବିହାରରେ ନୀତୀଶ ଯୁଗର ଅବସାନ

# ମୁଖ୍ୟମନ୍ତ୍ରୀ ରୂପେ ସମ୍ରାଟଙ୍କ ଶପଥ ଆଜି

■ ପାଟନା, ୧୪।୪(ଏଜେନ୍ସି): ବିହାର ରାଜନୀତିରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟର ଅନ୍ତ ଘଟିଛି। ଦୀର୍ଘ ଦୁଇ ଦଶନ୍ଧି ଧରି ରାଜ୍ୟର ମଙ୍ଗ ଧରିଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ଆଜି ଅପରାହ୍ଣରେ ଲୋକ ଭବନଠାରେ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ୍ (ଅବସରପ୍ରାପ୍ତ) ସୟଦ ଅତା ହସନୈନଙ୍କୁ ଭେଟି ନିଜର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ନୀତୀଶଙ୍କ ଏହି ନିଷ୍ପତ୍ତି ପରେ ବିହାରରେ ପ୍ରଥମ ଥର ପାଇଁ ବିଜେପି ନେତୃତ୍ୱାଧୀନ ସରକାର ଗଠନ ହେବାକୁ ଯାଉଛି। ବିଜେପିର ବରିଷ୍ଠ ନେତା ସମ୍ରାଟ ଚୌଧୁରୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଆସନ୍ତାକାଲି ଏପ୍ରିଲ ୧୫ ତାରିଖ ପୂର୍ବାହ୍ନ ୧୧ଟାରେ ରାଜଭବନଠାରେ ଏହି ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ନୀତୀଶଙ୍କ ଇସ୍ତଫା ପରେ ବିହାର ରାଜନୀତିରେ ଏକ ଯୁଗର ଅବସାନ ହୋଇଥିବା କୁହାଯାଉଛି। ସେ ୨୦୦୦ରୁ ୨୦୨୬ ମଧ୍ୟରେ ରେକର୍ଡ ୧୦ ଥର ▶ପୃଷ୍ଠା-୭



## ଚାଲିଲା ନୂଆ ପାଞ୍ଜି: ଶକାବ୍ଦ ୧୯୪୮, ସମ୍ବତ୍ ୨୦୮୩

# କମିବ କୃଷି ଉତ୍ପାଦନ; ବଢ଼ିବ ଭ୍ରଷ୍ଟାଚାର, ଅପରାଧ

■ ପୁରୀ, ୧୪।୪ (ସମିସ): ସୌରମାସ ଅନୁସାରେ ଆଜିଠାରୁ ଆରମ୍ଭ ହୋଇଛି ଓଡ଼ିଆ ବର୍ଷର ପ୍ରଥମ ଦିନ। ଏହିଦିନଠାରୁ ଏକମାସ ସୂର୍ଯ୍ୟ ଦେବ ମେଷ ରାଶିରେ ଅବସ୍ଥାନ କରୁଥିବାରୁ ଏହାକୁ ମେଷ ସଂକ୍ରାନ୍ତି ଓ ମହାବିଷୁବ ସଂକ୍ରାନ୍ତି ଭାବରେ ଅଭିହିତ କରାଯାଇଥାଏ। ଶକାବ୍ଦ ୧୯୪୮, ସମ୍ବତ୍ ୨୦୮୩ର ନୂତନ ପଞ୍ଜିକା ଆଜିଠାରୁ ପ୍ରଚଳନ ହୋଇଛି। ଚଳିତ ବର୍ଷ ରାଜ୍ୟରେ ବର୍ଷା ହ୍ରାସ ଯୋଗୁଁ କୃଷି ଉତ୍ପାଦନ କମିବ। ରାଜ୍ୟରେ ଭ୍ରଷ୍ଟାଚାର, ଦୁର୍ନୀତି, ଅପରାଧ ବୃଦ୍ଧି ପାଇବ ବୋଲି ନୂତନ ପଞ୍ଜିକାରେ ପୂର୍ବାନୁମାନ କରାଯାଇଛି।

ଦୋଳ ପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ଚଳିତ ବର୍ଷର ପାଞ୍ଜି ଆକଳନ ସମ୍ପର୍କରେ ବିଶିଷ୍ଟ ଜ୍ୟୋତିର୍ବିଦ୍ ତଥା ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି ଯେ ଓଡ଼ିଶାରେ ଏ ବର୍ଷ ପ୍ରଚଣ୍ଡ ରୌଦ୍ର ଓ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ କୃଷି ଉତ୍ପାଦନ ହ୍ରାସ ପାଇବ। ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟ ବୃଦ୍ଧି ଘଟିବ। ▶ପୃଷ୍ଠା-୭

## ଛତିଶଗଡ଼ ଛଳ

# ହୀରାକୁଦ ଶୁଖିଲା, ଉଛୁଳୁଛି କଲମା

■ ଭୁବନେଶ୍ୱର, ୧୪।୪ (ସମିସ): ଉପରମୁଣ୍ଡରୁ ଜଳ ପ୍ରବାହ ବନ୍ଦ ଯୋଗୁଁ ମହାନଦୀ ଶଯ୍ୟା ଏବେ ମରୁଭୂମିର ଭ୍ରମ ସୃଷ୍ଟି କରିଛି। ମହାନଦୀ ଓ ଏହାର ଶାଖାନଦୀଗୁଡିକ ଏବେ ଶୁଖିଲା । ଅନ୍ୟପଟେ ଛତିଶଗଡର କଲମା ଜଳଭଣ୍ଡାରରେ ଧାରଣ କ୍ଷମତାର ୬୭ ପ୍ରତିଶତରୁ ଅଧିକ ପାଣି ମହଜୁଦ। ଜଳଭଣ୍ଡାରର ବର୍ତ୍ତମାନ ୬୩ ଟି ଗେଟ୍ ବନ୍ଦ ରହିଥିବାରୁ ତଳମୁଣ୍ଡରେ ଥିବା ମହାନଦୀକୁ ପାଣି ଆସିବା ଏକ ପ୍ରକାର ବନ୍ଦ ହୋଇଯାଇଛି ଓ ହୀରାକୁଦ ଜଳସ୍ତର ଦିନକୁ ଦିନ ହ୍ରାସ ପାଉଛି। ମୌସୁମୀ ବର୍ଷା ଆସିବାକୁ ଆହୁରି ପାଖାପାଖି ୩ ମାସ ବାକି ଥିବା ବେଳେ ଏହି ସମୟ ମଧ୍ୟରେ ତଳମୁଣ୍ଡରେ ଆବଶ୍ୟକ ପାଣି ସଠିକ ପରିମାଣରେ ମିଳିପାରିବ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଉପରମୁଣ୍ଡରେ ବର୍ଷା



**ଛତିଶଗଡ଼ ବନ୍ଦ କଲା ୬୩ ଫାଟକ**

**ମହାନଦୀ ଶଯ୍ୟାରେ ମରୁଭୂମି ଭ୍ରମ**

**ଓଡ଼ିଶା ଇଞ୍ଜିନର ସ୍ୱର କ୍ଷୀଣ ଓ ନିଷ୍ପ୍ରଭ**

ହେଲେ ଛତିଶଗଡର ଜଳଭଣ୍ଡାର ଏକାବେଳେ ଅଧିକ ଗେଟ୍ ଖୋଲାଯାଉଥିବାରୁ ଓଡ଼ିଶାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି; ଠିକ୍ ସେହିପରି ଖରାଦିନରେ ଜଳ ପ୍ରବାହ ବନ୍ଦ ଯୋଗୁଁ ପରିସ୍ଥିତି ଅସମ୍ଭାଳ ହୋଇପଡୁଛି।

କ୍ଷୁଦ୍ର ଓ ମଧ୍ୟମ ଜଳସେଚନ ଯୋଜନା ଆଳରେ ଛତିଶଗଡ ମହାନଦୀର ଉପରମୁଣ୍ଡରେ ୭୦ରୁ ଅଧିକ ବନ୍ଧ ବାନ୍ଧିଛି। ଜଳସେଚନ ଯୋଜନା ନାମରେ ବନ୍ଧ ବାନ୍ଧି ଛତିଶଗଡ଼ ସରକାର ବିଭିନ୍ନ ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଇ ଦେବା ପାଇଁ ରାଜିନାମା ଉପରେ ରାଜିନାମା କରୁଛନ୍ତି। ଇତିମଧ୍ୟରେ ସେଠାରେ କେତେକ କଳକାରଖାନା ବନ୍ଦ ହୋଇ ଯାଇଥିବାରୁ କଲମା ବ୍ୟାରେଜ୍‌ରେ ଆବଶ୍ୟକତାଠାରୁ ଅଧିକ ପରିମାଣରେ ଜଳ ମହଜୁଦ୍ ଥିବା ଚର୍ଚ୍ଚା ହେଉଛି। ଦୁଇ ବର୍ଷ ତଳେ ଏପ୍ରିଲ୍ ମାସରେ ଛତିଶଗଡର ଯେଉଁ ଜଳଭଣ୍ଡାରଗୁଡିକରେ ଅତି ବେଶିରେ ୪୨ ପ୍ରତିଶତ ପର୍ଯ୍ୟନ୍ତ ଜଳ ରହୁଥିଲା, ଏବେ ସେଠାରେ ୬୭ ପ୍ରତିଶତରୁ ଅଧିକ ଜଳ ମହଜୁଦ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।

ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

# ବିଭିନ୍ନ ସ୍ଥାନରେ ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଝାମୁଯାତ୍ରା



**ତ୍ରିଶୂଳିଆ,୧୪।୪(ସମିସ):** ବାରଙ୍ଗର ବିଭିନ୍ନ ଗ୍ରାମରେ ମହାବିଷୁବ ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ଓଡିଆ ନବବର୍ଷ ପାଳନ କରାଯାଇଛି। ଦେବା ଦେବୀ ପୀଠ ମାନଙ୍କରେ ଝାମୁଯାତ୍ରା ସହ କେତେକ ସ୍ଥାନରେ ବେଲପଣା, ଦହି ସର୍ବତ, ଜଳଛତ୍ର, ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ଫୁଲପୋଖରୀ, ବଛିପୁର, ଭୁବନପୁର, ଗଦେଇକୁଦ, ପାଟପୁର ଶଅର ସାହି, ପାଟପୁର ସାମଲ ସାହି, ମଧୁବନ, ଫକିରପଡ଼ା, ଗୋଡ଼ିସାହି, ନରାଜ ମାର୍ଥାପୁର, ମୁଣ୍ଡଳୀ, ବିଦ୍ୟାଧରପୁର, ଦାଢାପାଟଣା ଆଦି ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଛି। ବହୁ ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକଧାରୀମାନେ ନିଆଁରେ ଚାଲୁଥିବା ଦେଖିବାକୁ ମିଳିଥିଲା।

**ଆଠଗଡ :** ଆଠଗଡ଼ ଏନଏସି ଅନ୍ତର୍ଗତ କନ୍ତୋଲର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣ ଚଣ୍ଡୀଙ୍କ ପୀଠରେ ମହାବିଷୁବ ସଂକ୍ରାନ୍ତି ଅବସରରେ ପ୍ରସିଦ୍ଧ ଝାମୁଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ପରମ୍ପରାରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ମାନସିକଧାରୀ ବ୍ରତଧାରୀ ନିଆଁରେ ଚାଲି ନିଜର ବ୍ରତ ସମାପନ କରିଛନ୍ତି। ପରମ୍ପରା ଅନୁଯାୟୀ, ଅଶୋକାଷ୍ଟମୀ ଠାରୁ ବ୍ରତଧାରୀମାନେ ନିଷ୍ଠାର ସହ ରହି ଭିକ୍ଷାଟନ କରିଥାନ୍ତି। ମେରୁ ପର୍ବରେ ମା' ଦକ୍ଷିଣ ଚଣ୍ଡୀଙ୍କ ଆଜ୍ଞାମାଳ ପାଇବା ପରେ ମା' ବଜ୍ର ମହାକାଳୀଙ୍କ ପୀଠରେ ଝାମୁଯାତ୍ରା ପାଇଁ ଅନୁମତି ମିଳିଥାଏ। ସଂକ୍ରାନ୍ତି ଦିନ ସ୍ଥାନୀୟ ବିଶ୍ୱନାଥ ସାଗରରେ ସ୍ନାନ ସାରି ଫେରିବା ପରେ ବ୍ରତଧାରୀମାନେ ପ୍ରଜ୍ୱଳିତ ଅଗ୍ନି ଗାତରେ ଚାଲି ନିଜର ମାନସିକ ପୂରଣ କରିଥିଲେ। ମା'



ଦକ୍ଷିଣ ଚଣ୍ଡୀ ମନ୍ଦିର ଉନ୍ନୟନ ପରିଷଦ ପକ୍ଷରୁ ବ୍ରତଧାରୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯିବା ସହ ଶ୍ରଦ୍ଧାଳୁଙ୍କ ପାଇଁ ପଣା ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ପ୍ରାୟ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଏହି ଯାତ୍ରାରେ ସାମିଲ ହୋଇଥିବା ବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

**ଟାଙ୍ଗୀ :** ପବିତ୍ର ମହାବିଷୁବ ସଂକ୍ରାନ୍ତୀ ଅବସରରେ ଟାଙ୍ଗୀ ଅଞ୍ଚଳର ପୁରପଲ୍ଲୀ ଉ ତ୍ସ ବ ମୁ ଖ ର ହୋଇଥିବାବେଳେ ଶୈବପୀଠ ଓ ହନୁମାନଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା ବିଶେଷକରି ସଫା ପଞ୍ଚାୟତ ଡାହାଣୀଗାଡିଆ, କୋଟସାହି ପଞ୍ଚାୟତ ଟାଙ୍ଗୀ, ବନ୍ଧାଳ, ମାଗୁରା ପଞ୍ଚାୟତ ହସିନାବାଦ ଓ ଭଙ୍ଗିମୁଣ୍ଡା ପଞ୍ଚାୟତ ବଣିଆସାହି ସମେତ କନ୍ହେଇପୁର ପଞ୍ଚାୟତ ଭଗତପୁର ଶବରପଲ୍ଲୀସ୍ଥିତ ମା' ବୁଢ଼ୀ ଠାକୁରାଣୀଙ୍କ ପୀଠରେ ଝାମୁଁଯାତ୍ରା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଆବଶ୍ୟକ ପୂଜାର୍ଚ୍ଚନା ପରେ କାଳିସୀ ସାଜିଥିବା ଉଭୟ ପୁରୁଷ ଓ ମହିଳା ନିଆଁରେ ଚାଲିଥିଲେ। ଏକ ପୁରାତନ ବରଗଛ ମୂଳେ ସ୍ଥାପିତ ଏହି ପୀଠରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଶିକ୍ଷାବିତ୍ ତ୍ରିଦେବ ବେହେରା, ପ୍ରାକ୍ତନ ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ ଓ ସରପଞ୍ଚ ଭରତ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମୁରବୀ ପଦ୍ମନାଭ ଦେହୁରୀଙ୍କ ସହ ପ୍ରଫୁଲ୍ଲ ଦେହୁରୀ, ପ୍ରହଲ୍ଲାଦ ଦେହୁରୀ, ଦାମୋଦର ଦେହୁରୀ ଓ ସିଲୁ ଦେହୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



**ବଡ଼ମ୍ବା :** ବଡ଼ମ୍ବା ବ୍ଲକ ଅଧିନ ଗୋପାଳପୁର ଛକ ଠାରେ ସ୍ୱେଚ୍ଛାସେବୀ ଯୁବକଙ୍କ ଦ୍ୱାରା ମହା ବିଷୁବ ପଣାସଂକ୍ରାନ୍ତି



ଅବସରରେ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଶିକ୍ଷକ ରମେଶ ଦାଶଙ୍କ ସହଯୋଗରେ ଆଜିର ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ସ୍ୱାଦିଷ୍ଟ ପଣା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ବଟକୃଷ୍ଣ ଅଭୟବୁଦ୍ଧି, ଦିପ୍ତି ରଞ୍ଜନ ପାଇକରାୟ, ରଞ୍ଜନ କୁମାର ସାମନ୍ତରାୟ, ରତ୍ନାକର ନାୟକ, ସରପଞ୍ଚ ପ୍ରତିନିଧି ପ୍ରତାପ ଦାଶ ପ୍ରମୁଖ ସହଯୋଗ କରିଥିଲେ।



**କନ୍ଦରପୁର :** କଟକ ସଦର ବ୍ରହ୍ମପୁର ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମ ଗ୍ରାମରେ ଅବସ୍ଥିତ ମାଳିକା ବର୍ଣ୍ଣିତ ମା' ଭଗବତୀଙ୍କ ପୀଠରେ ୟୁନିଅନ ଫର୍ କଟକ ସଦର ଡେଭଲପମେଣ୍ଟର ସଭାପତି ସମାଜସେବୀ ଶିକ୍ଷାବିତ୍ ପ୍ରଫେସର ମନୋଜ ନାୟକଙ୍କ ତରଫରୁ ଏକ ଜଳଦାନ ଶିବିର ଆୟୋଜିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଉପଦେଷ୍ଟା ବିଜୟ ନାୟକ, ପୂର୍ବତନ ସରପଞ୍ଚ ସରୋଜ ନାୟକ, ସରୋଜ ସାସମଲ, ସୁନୀଲ ପରିଡ଼ା, ଚନ୍ଦନ ପରିଡ଼ା, ପ୍ରଦୀପ୍ତ ବେହେରା, ଶମ୍ଭୁ ରଞ୍ଜନ ବେହେରା, ପ୍ରକାଶ ସାହୁ, ଟୁଲୁ ପତି, ବଳରାମ ସାହୁ, ସୁନୀଲ ମୁଦୁଲି, ଅଶୋକ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

**ଚୌଦ୍ୱାର :** ଓଡ଼ିଆ ନବବର୍ଷ ତଥା ପଣାସଂକ୍ରାନ୍ତି ଅବସରରେ ଚୌଦ୍ୱାରରେ ବିଭିନ୍ନ ଦେବୀ ମନ୍ଦିରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୌରପାଳିକା ୧୭ ନଂ ୱାର୍ଡ ସ୍ଥିତ ସୁଇପର କଲୋନୀ ବସ୍ତିର ଗ୍ରାମଦେବତୀ ମଙ୍ଗଳାଙ୍କ ପୀଠରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଟୁଆମାନେ ରୀତିନୀତି ଅନୁଯାୟୀ




ମା'ଙ୍କ ପୂଜାର୍ଚ୍ଚନା ପରେ ମଙ୍ଗଳାଙ୍କ ନିକଟରେ ତିଆରି ହୋଇଥିବା ଝାମୁ ନିଆଁରେ ଚାଲିବା ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଭକ୍ତିର ସହ ଦର୍ଶନ କରିବା ସହ ମା'ଙ୍କୁ ପୂଜାର୍ଚ୍ଚନା କରିଥିଲେ। ସେହିପରି ହରିଅନ୍ତା ପଞ୍ଚାୟତର ଦପ୍ତରୀ ଗ୍ରାମରେ ଆୟୋଜିତ ଝାମୁ ଯାତ୍ରାରେ କାଳିସୀମାନେ ଅଗ୍ନିରେ ଚାଲିବା, ଖଣ୍ଡା ଓ ତ୍ରିଶୂଳରେ ଛିଡା ହେବା ସହିତ କଣ୍ଟାରେ ଗଡିବା ଭଳି ଦୃଶ୍ୟ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ସହସ୍ରାଧିକ ଭକ୍ତଙ୍କ ସମାବେଶ ଦେଖିବାକୁ ମିଳିଥିଲା। ଅନୁରୂପ ଭାବେ ଇନ୍ଦ୍ରାଣୀପାଟଣା ପଞ୍ଚାୟତର ଚଷାପଡା ଓ ନଖରା ପଞ୍ଚାୟତର ଅଙ୍ଗଦରାଡିହ ଗ୍ରାମରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି।

**ସାଲେପୁର :** ଆଜି ପବିତ୍ର ହନୁମାନ ଜୟନ୍ତୀ ଅବସରରେ ସଙ୍କଟମୋଚନ ମହାବୀର ହନୁମାନଙ୍କ ଜୟନ୍ତୀ ସାଲେପୁରରେ ଅଞ୍ଚଳରେ ଥିବା ସମସ୍ତ ଶ୍ରୀରାମ ଓ ହନୁମାନ ମନ୍ଦିରରେ ମହାପ୍ରଭୁ ହନୁମାନଙ୍କର ଜୟନ୍ତୀ ଉତ୍ସବ ଯଥା ରୀତିନୀତିରେ ଅନୁଷ୍ଠିତ ହୋଇଯାଇଛି। ଆଜି ଭୋରରୁ ବିଭିନ୍ନ ହନୁମାନଙ୍କ ପୀଠରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ସ୍ନାନ ପରେ, ମହାପ୍ରଭୁଙ୍କ ସମସ୍ତ ରୀତିନୀତି କାର୍ଯ୍ୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ କୂଳିଆ ହନୁମାନ ମନ୍ଦିର, ବଳି ସାହି ମନ୍ଦିର, ରୋଧପୁର୍, ଲୁନହାର, ମା' ସାହେଶ୍ୱରୀଙ୍କ ପୀଠ, ହନୁମଞ୍ଚେଶ୍ୱର୍ ସମେତ ବିଭିନ୍ନ ମନ୍ଦିର ପରିସରରେ ଶହେ ଆଠ ହନୁମାନ ଚାଳିଶା ପାଠ, ସୁନ୍ଦର କାଣ୍ଡ ଓ ଭଜନ କୀର୍ତ୍ତନ ଆଦି ଅନୁଷ୍ଠିତ ହୋଇଥିବା ବେଳେ, ମହାପ୍ରଭୁଙ୍କ ନିକଟରେ ସ୍ୱତନ୍ତ୍ର ଛତୁଆ ଓ ପଣା ଭୋଗ ଲାଗି କରାଯାଇଛି। ଏହି ଅବସରରେ ଆଜି ସମସ୍ତ ମନ୍ଦିରରେ ସକାଳୁ ଭକ୍ତମାନଙ୍କର ନାହିଁ ନ ଥିବା ଭିଡ଼ ଲାଗିଥିବା ଦେଖିବାକୁ ମିଳିଥିଲା।



**ନରସିଂହପୁର :** ନରସିଂହପୁର ଅଞ୍ଚଳରେ ଥିବା ବିଭିନ୍ନ ହନୁମାନ ମନ୍ଦିର ପରିସରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ନୂଆଫୁଲପଡା, ନୂଆସାହି, ଆତଣ୍ଡା, ବାସେଳିହତା, ଡିମିରିଆ, ଏକଡାଳ, କମଳାଡିହ, ଲିଣ୍ଡା, ସାଗର, ଅଢେଇଗୁଣ୍ଠି, କମଳାଦେଇପୁର, ଲେମ୍ବୋ, ବାଲିସାହ, କମଳାଡିହ, ଜିଲିଣ୍ଡା, ବାଲିସାହି ସମେତ ଏବଂ ପୁରପଲ୍ଲୀରେ ଥିବା ସମସ୍ତ ହନୁମାନଜୀଉଙ୍କ ମନ୍ଦିର ପରିସରରେ ମହାଆଡମ୍ବରରେ ହନୁମାନ ଜୟନ୍ତୀ ପାଳନ ହୋଇଯାଇଛି। ସେହିପରି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପଥିକଙ୍କୁ ପଣା ବଣ୍ଟନ କରାଯାଇଥିଲା।



## ଦୁଇଟି ବିଦ୍ୟାଳୟର ବାର୍ଷିକ ଉତ୍ସବ

**ନରସିଂହପୁର,୧୪।୪(ସମିସ):** ନରସିଂହପୁର ବ୍ଲକ ଅଧୀନ ନୁଖାପଡା ସ୍ଥିତ ଓଁମ ପବ୍ଲିକ ସ୍କୁଲ ଓ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୨ ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଁମ ପବ୍ଲିକ ସ୍କୁଲରେ ଓଁମ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ସାଗରିକା ମିଶ୍ର ପୌରହିତ୍ୟ କରିଥିଲେ। ଅଧ୍ୟକ୍ଷ ତ୍ରିନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ମିତାରାଣୀ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଶତ୍ରୁଘ୍ନ ରାଉତ, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ନନ୍ଦ, ଭାଗିରଥି ସାହୁ, ହରିହର କର, ସିଆରସିସି ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମାନସୀ ନନ୍ଦ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଉଭୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା।

## କନ୍ହେଇପୁର ପଞ୍ଚାୟତରେ ବାଇକ ଶୋଭାଯାତ୍ରା

**ଟାଙ୍ଗୀ,୧୪।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତରେ ବଜରଙ୍ଗୀ ଦଳ ସହ ଶତାଧିକ ଯୁବଗୋଷ୍ଠୀଙ୍କ ଦ୍ୱାରା ହନୁମାନ ଜୟନ୍ତୀରେ ବାଇକ୍ ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ବିଶ୍ୱଜିତ ଆଞ୍ଚଲଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ଯୋଗଦେଇ ବାଇକ୍ ଶୋଭାଯାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ବାଇକ୍ ଶୋଭାଯାତ୍ରା ଭଗତପୁରରୁ ଆରମ୍ଭ କରି ମିଟୁକୁଳା, ଚିନ୍ତାମଣୀପୁର, ଟାଙ୍ଗୀ, ତେଲିଆପଡା ଓ ବରପଦା ଗ୍ରାମରେ ଶେଷ ହୋଇଥିଲା। ଏଥିରେ ବିଜେପି ମଣ୍ଡଳ ସଭାପତି ହୃଷିକେଶ ସାମଲ, ଚୌଧୁରୀ ମାନସ ସାହୁ, ବିଷ୍ଣୁ ଚରଣ ଦାସ, ପ୍ରଫୁଲ୍ଲ ବେହେରା, ବାବୁଲି ସାହୁ, ସରୋଜ ବାରିକଙ୍କ ସମେତ ତିନି ଶହରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ବଡ଼ମ୍ବାରେ 'ଆମ ରୁଚି ଆମ ଖାଦ୍ୟ' କାର୍ଯ୍ୟକ୍ରମ



**ବଡ଼ମ୍ବା,୧୩।୪(ସମିସ):** ବଡ଼ମ୍ବା ବ୍ଲକ୍ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଡ଼ିଶା ପକ୍ଷ ୨୦୨୬ ଅବସରରେ "ଆମ ରୁଚି ଆମ ଖାଦ୍ୟ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଉନ୍ନୟନ ଅଧିକାରୀ ଚିତ୍ତରଞ୍ଜନ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, ୩୦ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ସାହୁ, ଆମ୍ବ ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସ୍ୱର୍ଣ୍ଣଲତା ବେହେରା ଓ ୩୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟା ନୟନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଶ୍ରୀ ଦଳବେହେରା "ଆମ ରୁଚି ଆମ ଖାଦ୍ୟ"ର ଗୁରୁତ୍ୱ ଉପରେ ବିସ୍ତୃତ ଅଲୋଚନା କରିଥିଲେ। ଏହି ଅବସରରେ ବଡ଼ମ୍ବା ବ୍ଲକ ମିଶନ ଶକ୍ତି ମହିଳାମାନେ ବିଭିନ୍ନ ଷ୍ଟଲ୍ ମାଧ୍ୟମରେ ପାରମ୍ପରିକ ଓଡ଼ିଆ ଖାଦ୍ୟ ପଖାଳ ଭାତ, ବଡି ଚୁରା, ଶାଗ, ମୁଗ ଡାଲି, ଚକୁଳି, କାକେରା, ଆରିସା ମଣ୍ଡା ଓ ପୋଡ଼ ପିଠା ପ୍ରମୁଖ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରଦର୍ଶନ ଓ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ୩୮ ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତି ସଦସ୍ୟ ଓ ଏସ୍ଏଚ୍ଜି ମହିଳା ତଥା ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଦଣ୍ଡ ଯାତ୍ରାର ମେରୁ ଉତ୍ସବ

**ନରସିଂହପୁର,୧୩।୪(ସମିସ):** ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିସାହ ପଞ୍ଚାୟତର ନୂଆଗାଁ ଗ୍ରାମରେ କାମେନା ମନ୍ଦିର ପରିସରରେ ଦଣ୍ଡ ଯାତ୍ରାର ମେରୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମଦାଣ୍ଡର ଦଣ୍ଡୁଆମାନେ ଧୂଳି ଖେଳ କରିଥିଲେ। ଧୂଳି ଖେଳ ସରିବା ପରେ ଦଣ୍ଡୁଆମାନେ ହୋମର ଆୟୋଜନ କରି ଭକ୍ତଙ୍କୁ ଆମ୍ବ ଫୋପାଡି ଥିଲେ। ସେହିପରି ଚକ୍ରଗଡ଼, ସରଧାପୁର, ନୂଆଗଡ, କୋକଳବା, ନୂଆପାଟଣା, ନଡ଼ିଗଡ଼, କାକୁଡ଼ିଆ, ରଣସିଂହପୁର, ଚମ୍ପେଶ୍ୱର, ଏକଡ଼ାଳ, ରଙ୍ଗଡ଼ାବ, ସିଆରିଆ, କାନପୁର, ବାଲିଝରି ଗ୍ରାମରେ ମେରୁ ଯାତ୍ରା ପାଳିତ ହୋଇଯାଇଛି।

## ନୂଆପାଟଣା ପ୍ରସିଦ୍ଧ ଖଣ୍ଡା ପାଟୁଆ ଯାତ୍ରା ଉଦଯାପିତ

**ତିଗିରିଆ,୧୪।୪(ସମିସ):** ତିଗିରିଆ ବ୍ଲକ ଅଧୀନ ଜେମାଦେଇପୁର ପଞ୍ଚାୟତର ସାନପାଟଣା ଗ୍ରାମର ଆରାଧ ଠାକୁରାଣୀ ମା' ରୁଦ୍ରକାଳୀ ଓ ନୂଆପାଟଣାର ବଡସାହି ଦକ୍ଷିଣ କାଳୀଙ୍କ ପୀଠରେ ପ୍ରସିଦ୍ଧ ଖଣ୍ଡାପାଟୁଆ ଯାତ୍ରା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଯାତ୍ରାରେ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଆଜିର ଯାତ୍ରାରେ କାଳିସୀ ଭାବେ ପ୍ରକାଶ ଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଖଣ୍ଡା ପାଟୁଆ ଭାବେ ଦୀପକ ମହାପାତ୍ର, ପାଟଭକ୍ତା ନରେନ୍ଦ୍ର ପାତ୍ର ଓ ପ୍ରେମାନନ୍ଦ ପାତ୍ର, ପାଟ ଦଣ୍ଡୁଆ ଧକ ରଣା ଓ ବେଣୁଧର ପାତ୍ର ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ଯାତ୍ରା ପରିଚାଳନାରେ ବିଭୂତି ବେହେରା, ଅଜୟ ମହାରଣା, ଅରବିନ୍ଦ ସାହୁ, ସରୋଜ ସାହୁ, ଶୁଭାଶିଷ ସାହୁ, ଜ୍ୟୋତି ପ୍ରକାଶ ସାହୁ, ପ୍ରଭୁ ପ୍ରସାଦ ପାତ୍ର, କୃଷ୍ଣ ପ୍ରସାଦ ପାତ୍ର, କୃତିବାସ ଚନ୍ଦ ପ୍ରମୁଖଙ୍କ ସମେତ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ପାଇଁ ସ୍ଥାନୀୟ ଥାନା ଆଇଆଇସି ରମାକାନ୍ତ ନାୟକଙ୍କ ସମେତ ଅନ୍ୟାନ୍ୟ ଥାନା ଅଧିକାରୀ, କର୍ମଚାରୀ ଓ ଅତିରିକ୍ତ ଫୋର୍ସ ମୁତୟନ ରହିଥିବା ସୂଚନା ମିଳିଛି।



## ଅଟଳସେନା ପକ୍ଷରୁ ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ

**ସାଲେପୁର,୧୪।୪(ସମିସ):** ଅଟଳସେନା ଓଡ଼ିଶା ପକ୍ଷରୁ ସାଲେପୁର ନିକଟସ୍ଥ ପିକୋଳ ଗ୍ରାମର ଜଗନ୍ନାଥ ଗୋପୀନାଥ ଟ୍ରଷ୍ଟ ସଭାଗୃହରେ ମହାବିଷୁବ ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ହନୁମାନ ଜନ୍ମୋତ୍ସବ ଏବଂ ଆମ୍ବେଦକର ଜୟନ୍ତୀ ମିଳିତ ଭାବେ ପାଳିତ ହୋଇଯାଇଛି। ଅଟଳସେନା ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୌଦ୍ଧିକ ଆସରରେ "ସାମାଜିକ ସମରସତା ଆଜିର ଆବଶ୍ୟକତା' ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କଟକ ବିଭାଗ ଆରଏସଏସର ସଂଘଚାଳକ ଡ. ଗୌତମ ମହାରଣା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ମହାନ ଦିବସଗୁଡ଼ିକର ବୈଶିଷ୍ଟ୍ୟ ସମ୍ପର୍କରେ ଏକ ସ୍ୱରଚିତ କବିତା ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ କିଶୋର ମହାନ୍ତି, ସମ୍ମାନିତ ଅତିଥି ଶିକ୍ଷାବିତ୍ ବିପିନ ବିହାରୀ କର ଯୋଗଦେଇଥିଲେ। ଏହି ଆଲୋଚନା ଚକ୍ରକୁ ଅଟଳସେନା ଚିନ୍ତନ ପରିଷଦର ଉପାଧ୍ୟକ୍ଷ ଡ. ପ୍ରଭାତ କିଶୋର ନାୟକ ସଂଯୋଜନା କରିଥିଲେ। ସମ୍ମାନିତ ବକ୍ତା ଭାବେ ଡ. ଉମେଶ ଚନ୍ଦ୍ର ପତି, ଅଶୋକ ସ୍ୱାଇଁ, ନିର୍ମଳେନ୍ଦୁ ଦାସ ଏବଂ ମାନସ ଦାସ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। କୃଷିବିତ ସାରଦା ପ୍ରସାଦ ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ସେନାର ସାଧାରଣ ସମ୍ପାଦକ ମହେଶ୍ୱର ଚନ୍ଦ୍ର କର ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଟଳସେନାର ଶତାଧିକ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହି ଏହି ସାରସ୍ୱତ ଉତ୍ସବକୁ ସଫଳ କରିଥିଲେ।




### ନିଶ୍ଚିନ୍ତକୋଇଲି ବାଣ ବିସ୍ଫୋରଣ ଘଟଣା

# ଅଭିଯୋଗ ପରେ ପୁଲିସର ତଦନ୍ତ ଆରମ୍ଭ

**ନିଶ୍ଚିନ୍ତକୋଇଲି,୧୪।୪(ସମିସ):** ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରରେ ଏକ ଦୁଇ ମହଲା ରେଡିଓ ମରାମତି ଦୋକାନରେ ସୋମବାର ରାତି ୧୦.୩୦ ସମୟରେ ହଠାତ୍ ବାଣ ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦ ଓ ଭୀଷଣ ଧୂଆଁରେ ବଜାରରେ ଉପସ୍ଥିତ ଥିବା ପାଖ ଦୋକାନୀ ଓ ସାଧାରଣ ଲୋକମାନେ ଛତ୍ରଭଙ୍ଗ ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ନିଶ୍ଚିନ୍ତକୋଇଲି ଦମକଳ କେନ୍ଦ୍ରର କର୍ମଚାରୀ ଏବଂ ପୁଲିସ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ବଜାରର ସ୍ୱାଭାବିକ ଅବସ୍ଥା ଫେରାଇ ଆଣିଥିଲେ। ମଙ୍ଗଳବାର ଦିନ ଘରର ମାଲିକ ସତ୍ୟ ମହାନ୍ତି ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିବା ପରେ ପୁଲିସର ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଥାନା ଅଧିକାରୀ ଅନୀତା ସାହୁଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତନଖି କରି ଫେରିଥିବା ବେଳେ ରେଡିଓ ମରାମତି ଦୋକାନରେ ବାଣ ବିସ୍ଫୋରଣ ସଂକ୍ରାନ୍ତ ଘଟଣାର ଖୋଳତାଡ ଆରମ୍ଭ ହୋଇଛି। ଏହି ଥାନା ଅଧିନସ୍ଥ ସରପଡା ଗ୍ରାମର ବ୍ରଜକିଶୋର ପୃଷ୍ଟି ବିଗତ ୧୦ ବର୍ଷ ହେବ ନିଶ୍ଚିନ୍ତକୋଇଲି ମୁଖ୍ୟ ବଜାରରେ ଥିବା ଏକ ଦୁଇ ମହଲା ଘରର ଉପର ମହଲା ଗୃହଟିକୁ ଭଡାରେ ନେଇ ସେଥିରେ ରେଡିଓ ମରାମତି ଦୋକାନ କରିଥିଲେ। ଦୋକାନୀ ଶ୍ରୀ ପୃଷ୍ଟିଙ୍କ ବାସଭବନ ବଜାରଠାରୁ ପ୍ରାୟ ୩ କିମି ଦୂରତା ହୋଇଥିଲେ ମଧ୍ୟ ଘରକୁ ନ ଯାଇ ଅଧିକାଂଶ ସମୟରେ ସେ ତାଙ୍କ ଦୋକାନରେ ରହୁଥିଲେ। ଦୀର୍ଘ ବର୍ଷ ହେବ ରେଡିଓ ମରାମତି ଦୋକାନରେ ବେଆଇନ ଭାବେ ବାଣ ତିଆରି କରାଯାଉଥିବା ବେଳେ ଏ ସଂପର୍କରେ ପୁଲିସ ତ ଜାଣିବା ଦୂରର କଥା ପାଖ ଦୋକାନୀ ଏବଂ ବଜାର ବ୍ୟବସାୟୀ ସଂଘ ମଧ୍ୟ ଏ ସଂକ୍ରାନ୍ତରେ ଅବଗତ ନ ଥିଲା। ବାଣ ବିସ୍ଫୋରଣ ହେବା ପରେ ଏହି ଦୋକାନ ମଧ୍ୟରେ ପୂର୍ବରୁ ତିଆରି ହୋଇ ରହିଥିବା ବହୁ ବାଣଗୁଡିକର ପ୍ରଚଣ୍ଡ ଶବ୍ଦକୁ ନେଇ ପ୍ରକୃତରେ ଏହା ବିସ୍ଫୋରଣ ହୋଇଥିବା ବାଣ କିମ୍ବା ଅସାମାଜିକ କାର୍ଯ୍ୟରେ ବ୍ୟବହୃତ ପାଇଁ ରହିଥିବା ହାତବୋମା ସେ ନେଇ ସନ୍ଦେହ ପ୍ରକାଶ ପାଇଛି। ଏହି ବାଣଗୁଡିକ ଫୁଟିବା ସମୟରେ ବଜାର ସାରା ବହୁ ଟୁକୁଡା କାଗଜ ଖଣ୍ଡ ଉଡୁଥିବାର ଦେଖିବାକୁ ମିଳିଥିଲା। ଏହି ବାଣ ବିସ୍ଫୋରଣରେ ଦୋକାନରେ ଥିବା ବହୁ ଜିନିଷପତ୍ର ନଷ୍ଟ ହୋଇଥିବା ବେଳେ ଘରର କାନ୍ଥ ଓ ଛାତ ମଧ୍ୟ ପ୍ରଭାବିତ ହୋଇଛି। ଏହାଛଡା ବାଣ ଭିଡୁଥିବା ଦୋକାନୀ ଶ୍ରୀ ପୃଷ୍ଟି ମଧ୍ୟ ଗୁରୁତର ହୋଇ ଏବେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଅପରପକ୍ଷରେ ସଂପୃକ୍ତ ଦୋକାନୀ ଜଣେ ଆଧ୍ୟାତ୍ମିକବାଦୀ ହୋଇଥିଲା ବେଳେ ଅନେକ ସମୟରେ ନିଜେ ବାରୁଦ ଆଣି ବାଣ ତିଆରି କରି ବିଭିନ୍ନ ଦେବାଦେବୀଙ୍କ ମନ୍ଦିରରେ ନେଇ ଫୁଟାଇଥାଆନ୍ତି। ହନୁମାନ ଜୟନ୍ତୀ ଓ ପାଟୁଆଯାତ୍ରା ଥିବାରୁ ସେ ଫୁଟାଇବା ପାଇଁ ବାଣ ତିଆରି କରୁଥିବା ବେଳେ ଏଭଳି ବିସ୍ଫୋରଣ ହୋଇଥାଇପାରେ ବୋଲି ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି। ପୁଲିସର ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଘଟଣା ଉନ୍ମୋଚନ ହୋଇପାରିବ ବୋଲି ଲୋକେ ଆଲୋଚନା କରୁଛନ୍ତି।



# କଟକ ସିଟି





## ବ୍ୟବସାୟିକ ଶତ୍ରୁତାରୁ ହତ୍ୟା ଷଡ଼ଯନ୍ତ୍ର

# ୪ ସୁପାରି କିଲର୍ ଗିରଫ




କଟକ,୧୪।୪(ସମିସ):

ବ୍ୟବସାୟିକ ଶତ୍ରୁତାରୁ ଜଣେ ବ୍ୟବସାୟୀଙ୍କୁ ହତ୍ୟା ଉଦ୍ୟମ ହୋଇଥିବା ବେଳେ ତାହାକୁ ଦୁର୍ଘଟଣାର ରୂପ ଦେବାକୁ ଯାଇ ଅଭିଯୁକ୍ତମାନେ ବିଫଳ ହୋଇଛନ୍ତି। ଏହି ଘଟଣାରେ ମର୍କତନଗର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଏସିଆ ଗାଁର ଚନ୍ଦନ ଭୋଳ(୩୪) ସମେତ ସୁପାରି କିଲର ଭୁବନେଶ୍ୱର ଓଲ୍ଡ ଟାଉନର ରାକା ଓରଫ ଚିକୁ ଓରଫ ରାକେଶ କୁମାର ବେହେରା(୨୨), ଏୟାର ଫିଲ୍ଡ କଣ୍ଟିଲୋ ଗାଁର ଶିଶିର ଜେନା(୩୩) ଓ କ୍ୟାପିଟାଲ ଥାନା ଅନ୍ତର୍ଗତ ଶିଶୁ ଭବନ ଛକ ନିକଟ ଦିନୁ ଓରଫ ରାଜେଶ ନାୟକ(୨୫)କୁ ଗିରଫ କରିଛି। ଏମାନଙ୍କ ପାଖରୁ ଗୋଟିଏ କାର, ଗୋଟିଏ ପଲସର ବାଇକ, ଧାରୁଆ ମାରଣାସ୍ତ୍ର, ୫ଟି ମୋବାଇଲ, ୧୧ ହଜାର ଟଙ୍କା ଜବତ ହୋଇଛି।

ପୁଲିସ ସୂଚନା ଅନୁସାରେ, ଏରସମାର ଚନ୍ଦନ ଭୋଳ ବାଦାମବାଡି ଅଞ୍ଚଳରେ ଏକ ବହି ଦୋକାନ କରିଛନ୍ତି। ମର୍କତନଗର ସେକ୍ଟର ୬ ଅଞ୍ଚଳର ଜଣେ ବ୍ୟକ୍ତି ବହି ହୋଲସେଲ ବ୍ୟବସାୟ କରନ୍ତି। ଗତ କିଛି ବର୍ଷ ହେବ ଚନ୍ଦନଙ୍କ ବ୍ୟବସାୟ କ୍ଷତିରେ ଚାଲିଥିଲା। ଯେବେଠାରୁ ମର୍କତନଗର ଅଞ୍ଚଳର ସମ୍ପୃକ୍ତ ବ୍ୟକ୍ତି ହୋଲ୍‌ସେଲ ସହିତ ରିଟେଲ ବ୍ୟବସାୟ ଆରମ୍ଭ କଲେ ସେବେଠାରୁ ଚନ୍ଦନର ଗ୍ରାହକ ସଂଖ୍ୟା କମିଯାଇଥିଲା। ଏହାକୁ ନେଇ ଚନ୍ଦନ ପ୍ରତିଶୋଧ ପରାୟଣ ହୋଇପଡିଥିଲା। ଦୀର୍ଘ ଦିନ ଧରି ଆର୍ଥିକ କ୍ଷତି ସହିବା ପରେ ଚନ୍ଦନ ଶେଷରେ ସଂପୃକ୍ତ ବ୍ୟକ୍ତିଙ୍କୁ ମାର୍‌ପିଟ କରିବାକୁ ଷଡଯନ୍ତ୍ର କରିଥିଲା। ଏହାପରେ ସେ ଭୁବନେଶ୍ୱରର ଦିନୁ ସହିତ ଯୋଗାଯୋଗ କରିଥିଲା। ଦିନୁ ଓ ସହଯୋଗୀଙ୍କ ସହିତ ମିଳିମିଶି କିଭଳି ଦୁର୍ଘଟଣାର ରୂପ ଦିଆଯିବ ସେନେଇ ଯୋଜନା କରିଥିଲେ। ଏଥିପାଇଁ ଦେଢ ଲକ୍ଷ ଟଙ୍କାରେ ଡିଲ୍ ହୋଇଥିଲା। ଯୋଜନା ମୁତାବକ ଏପ୍ରିଲ ୫ ତାରିଖରେ ଆକ୍ରମଣ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। ଭୁଲ୍‌ବଶତଃ ସେମାନେ ଟାର୍ଗେଟ କରିଥିବା ବ୍ୟକ୍ତିଙ୍କ ବଦଳରେ ତାଙ୍କ ଘର ମାଲିକଙ୍କୁ ଆକ୍ରମଣ କରିଥିଲେ। ଘର ମାଲିକ ସକାଳେ ପ୍ରାତଃଭ୍ରମଣ କରୁଥିଲେ। ଏତିକିବେଳେ ଜୟପ୍ରକାଶ ନାରାୟଣ ପାର୍କ ସମ୍ମୁଖରେ ଅଭିଯୁକ୍ତ ରାକା, ଶିଶିର ଓ ଦିନୁ ଏକ ବାଇକରେ ଆସି ତାଙ୍କୁ ଜାଣିଶୁଣି ଧକ୍କା ଦେଇଥିଲେ। ଏହାକୁ ନେଇ ବଚସା ହେବା ଭିତରେ ଦୁର୍ବୃତ୍ତମାନେ ଧାରୁଆ ମାରଣାସ୍ତ୍ରରେ ତାଙ୍କୁ ଆକ୍ରମଣ କରିଥିଲେ। ବ୍ୟକ୍ତିଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଦୁର୍ବୃତ୍ତମାନେ ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନକୁ ଜୋରଦାର ଆଘାତ ଦେଇଥିଲେ। ଘର ମାଲିକ ଜଣକ ରକ୍ତାକ୍ତ ହୋଇ ଅଚେତ ହୋଇଯିବା ପରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ମାତ୍ର କିଛି ମିନିଟ୍ ଭିତରେ ସେମାନେ ମର୍କତନଗରରୁ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇଥିଲେ। ଏନେଇ ଆହତଙ୍କ ପରିବାର ସଦସ୍ୟଙ୍କ ଏତଲା ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରାରମ୍ଭିକ ତଦନ୍ତରୁ ପୁଲିସ ଏହାକୁ ଦୁର୍ଘଟଣା ଜନିତ ଗଣ୍ଡଗୋଳ ବୋଲି ଆଶଙ୍କା କରୁଥିଲା। କିନ୍ତୁ ସିସିଟିଭି ଫୁଟେଜରେ ଦୁର୍ବୃତ୍ତଙ୍କ ଗତିବିଧିରୁ ପୁଲିସର ସନ୍ଦେହ ବଢିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢଉ କରି ଗତ ୭ ତାରିଖରେ ପ୍ରଥମେ ରାକାକୁ ଗିରଫ କରିଥିଲା। ତାର ସୂଚନା ଆଧାରରେ ଏସିପି ଅରୁଣ ସ୍ୱାଇଁ ଓ ଇନ୍ସପେକ୍ଟର ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ୍ ବ୍ରହ୍ମପୁର, ଗଞ୍ଜାମ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ ଆଦି ଜିଲ୍ଲାରେ ଲଗାତାର ୫ ଦିନ ଧରି ଚଢଉ କରିଥିଲା। ଏହାପରେ ୨ ସୁପାରି କିଲର ଶିଶିର ଓ ଦିନୁ ଧରାପଡିଥିଲେ। ସେମାନଙ୍କୁ ଜେରା ବେଳେ ଘଟଣା ପଛର ମାଷ୍ଟର୍‌ମାଇଣ୍ଡ ଚନ୍ଦନ ଭୋଳ ବିଷୟରେ ଜଣାପଡଥିଲା। ପୁଲିସ ସଂଗେ ସଂଗେ ଅଭିଯୁକ୍ତ ଚନ୍ଦନକୁ ଗିରଫ କରିଥିଲା। ଅଭିଯୁକ୍ତ ଦିନୁ ନାଁରେ ପୂର୍ବରୁ ବଡଗଡ ଥାନା, ଚନ୍ଦ୍ରଶେଖରପୁର ଥାନା ଓ ଏୟାରପୋର୍ଟ ଥାନାରେ ଏକାଧିକ ଅପରାଧୀକ ମାମଲା ରହିଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସମସ୍ତ ଅଭିଯୁକ୍ତଙ୍କୁ ଚୌଦ୍ୱାର ଜେଲ୍ ପଠାଯାଇଛି।

## ବିଜୁ ପଟ୍ଟନାୟକ ଛକରେ ଖୋଲିଲା ଜଳଛତ୍ର



କଟକ,୧୪।୪(ସମିସ): ଭାରତୀୟ ଜନତା ପାର୍ଟିର ବାରବାଟୀ-କଟକ ନିର୍ବାଚନ ମଣ୍ଡଳୀର ୧୬ ନମ୍ବର ୱାର୍ଡ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆଜି ବିଜୁ ପଟ୍ଟନାୟକ ଛକ ଠାରେ ଏକ ଜଳଛତ୍ର ବିତରଣ କେନ୍ଦ୍ର ଉଦଘାଟନ ହୋଇଥିଲା। ମହମ୍ମଦ ସବୀରଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରାବାଟୀ ମଣ୍ଡଳ ସଭାପତି ଜୟକୃଷ୍ଣ ସ୍ୱାଇଁ ଅତିଥିରୂପେ ଯୋଗଦେଇଥିଲେ। ସୁମନ ରାଉତ, ସୁରେଶ ଚନ୍ଦ୍ର ସେଠି, ସଞ୍ଜୟ ମହାନ୍ତି, ବିକ୍ରମ ମହାନ୍ତି, ରମେଶ ପ୍ରଧାନ, ଅମୀୟ ମହାନ୍ତି, ସେକ ଏଯାଜ୍, ମଜିଦ୍ ଖାନ, ସୁମନ୍ତ ପାଲ, ସେଖ ମୁନା, ସେଖ ଅବଦୁଲ ଅଜିଜ, ଶେଖ ମୁନା, ବିଚିତ୍ର ଦାସ, ଆଶୀର୍ବାଦ ହରିଚନ୍ଦନ, ବି. ଶଙ୍କର ରାଓ, ରୋହନ ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶ୍ରୀଜଗନ୍ନାଥ ମଣ୍ଡଳରେ ବିଜେପିର 'ବସ୍ତି ଚାଲ' କାର୍ଯ୍ୟକ୍ରମ



କଟକ,୧୪।୪(ସମିସ): ବିଜେପିର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଦେଶବ୍ୟାପୀ ଭାବେ ବୁଥ୍‌ସ୍ତରରୁ ଆରମ୍ଭ କରି ଜିଲ୍ଲା ଓ ନିର୍ବାଚନ ମଣ୍ଡଳୀସ୍ତର ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଏପ୍ରିଲ ୬ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପାଳନ କରୁଛି। ଏହି କାର୍ଯ୍ୟକ୍ରମ ଅନୁସାରେ ଗ୍ରାମାଞ୍ଚଳରେ "ଗାଁ କୁ ଚାଲ" ଏବଂ ସହରାଞ୍ଚଳରେ "ବସ୍ତିକୁ ଚାଲ" ଅଭିଯାନକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆଜି କଟକ ଜିଲ୍ଲାର ଶ୍ରୀ ଜଗନ୍ନାଥ ମଣ୍ଡଳରେ ମଣ୍ଡଳ ସଭାପତି ହରିଚନ୍ଦନ ନାୟକଙ୍କ ସଭାପତିତ୍ୱରେ "ବସ୍ତିକୁ ଚାଲ" ଅଭିଯାନ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର ଏବଂ ଜିଲ୍ଲା ଉପସଭାପତି ବିଶ୍ୱରଞ୍ଜନ ମିଶ୍ର ଉପସ୍ଥିତ ରହି ସାଧାରଣ ଲୋକମାନଙ୍କୁ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ସେହିପରି ବସ୍ତିର ମୁରବୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଏହା ସହିତ ମଣ୍ଡଳର କାର୍ଯ୍ୟକର୍ତ୍ତାମାନେ ବସ୍ତିରେ ମିଠା ବଣ୍ଟନ କରି ପ୍ରତିଷ୍ଠା ଉତ୍ସବକୁ ଉତ୍ସାହର ସହ ପାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧାରଣ ସମ୍ପାଦକ ତପନ ବେହେରା, ମୀନକେତନ ଦାସ, ରାମ ସାମଲ, ଗୁଣନିଧି ଜେନା, ଟିମା ସାମଲ, ଅଶୋକ ସାମଲ, ତପନ ବୈଶାଖ, ଶ୍ରୀକାନ୍ତ ବେହେରା, ଏନ. ଫଗୁଆ, ପୀତବାସ ପ୍ରଧାନ, ଚଗୀ ପ୍ରଧାନ, ଦେବାଶିଷ ଦାସ, ଶାଶ୍ୱତ ବିଶ୍ୱାଳ, ଭୋଳାନାଥ ମହାରଣା, ସବିତା ବେହେରା, ଅମ୍ବିକା ଦାସ, ସଂଯୁକ୍ତା ବିଶ୍ୱାଳ, ଲକ୍ଷ୍ମୀ ପ୍ରଧାନ ଏବଂ ପୁଷ୍ପାଞ୍ଜଳି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଛତ୍ରବଜାରରେ ପଣା ବଣ୍ଟନ କାର୍ଯ୍ୟକ୍ରମ



କଟକ,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଛତ୍ରବଜାର ପରିବା ହାଟସ୍ଥିତ ଦୁର୍ଗା ମନ୍ଦିର ପାଶ୍ୱର୍ରେ ଏକ ବିଶାଳ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟା ୫ଟା ୩୦ ମିନିଟ୍ ସମୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ସ୍ଥାନୀୟ ବ୍ୟବସାୟୀ ସାମିଲ ହୋଇଥିଲେ। ଏହି ଅବସରରେ ସୁସ୍ୱାଦୁ ପଣା ପ୍ରସ୍ତୁତ କରାଯାଇ ସର୍ବସାଧାରଣଙ୍କୁ ବଣ୍ଟନ କରାଯାଇଥିଲା। ପ୍ରାୟ ୮୦୦ରୁ ଊର୍ଦ୍ଧ୍ୱ ଲୋକ ଏହି ପଣା ସେବନ କରି ନବବର୍ଷର ଶୁଭେଚ୍ଛା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ଅଜିତ ମୂଳିଆ, ନାରାୟଣ ମୂଳିଆ, ତୁଷାର ରାଉତ, ପରେଶ ମୂଳିଆ, ଅଶୋକ ମୂଳିଆ, ସୌମ୍ୟରଞ୍ଜନ ମୂଳିଆ, ମନୀଷ ମୂଳିଆ ଏବଂ ରୁଦ୍ରକାନ୍ତ ମୂଳିଆ ପ୍ରମୁଖ ସୁଚାରୁ ରୂପେ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ ସମାଜସେବୀ ଜିତେନ୍ଦ୍ର କୁମାର ବାରିକ, ସନ୍ତୋଷ ସ୍ୱାଇଁ, ଦୀପକ ବେହେରା, ସୂର୍ଯ୍ୟକାନ୍ତ ପୃଷ୍ଟି, ବିଶ୍ୱଜିତ ପାଣି, ମନୋରଞ୍ଜନ ସାହୁ, ରାଜେଶ ଦାସ, ଶୋଭନ ପୃଷ୍ଟି ଓ ମହେଶ୍ୱର ବେହେରା ଉପସ୍ଥିତ ରହି ସହଯୋଗ କରିଥିଲେ। ଯୁବଗୋଷ୍ଠୀର ଏଭଳି ସେବା କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ବେଶ ପ୍ରଶଂସା କରିଥିଲେ।

## କଟକ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ



କଟକ,୧୪।୪(ସମିସ): ଭାରତୀୟ ସମ୍ବିଧାନର ମୁଖ୍ୟ ସ୍ଥପତି ଭାରତରତ୍ନ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଅବସରରେ ମଙ୍ଗଳବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଓଡ଼ିଶା ଉଚ୍ଚ ନ୍ୟାୟାଳୟ ସନ୍ନିକଟରେ ଥିବା ଆମ୍ବେଦକରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ବାବାସାହେବଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହି ଅବସରରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର ସୁଶ୍ରୀ କିରଣଦୀପ କୌର ସାହୋତା ଏବଂ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟର ଆରତୀ ସାହୁଙ୍କ ସମେତ ବହୁ ସାମାଜିକ କର୍ମୀ, ରାଜନେତା, ଆଇନଜୀବୀ ଏବଂ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ କେନ୍ଦ୍ରାଞ୍ଚଳ ଉପ-ନିର୍ଦ୍ଦେଶକ ତଥା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ପ୍ରଶାସନର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ଏହି ଆୟୋଜନରେ ସହଯୋଗ କରିଥିଲେ।

## ଜିଲ୍ଲା ବିଜେଡି ପକ୍ଷରୁ ଓଡ଼ିଆ ନବବର୍ଷ ଓ ଆମ୍ବେଦକର ଜୟନ୍ତୀ




କଟକ,୧୪।୪(ସମିସ): କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଏବଂ ଭାରତୀୟ ସମ୍ବିଧାନର ଜନକ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ ଓଡ଼ିଆ ସଂସ୍କୃତି ଓ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରିଥିଲେ। ଶ୍ରୀ ସିଂହ ନିଜ ଅଭିଭାଷଣରେ କହିଥିଲେ ଯେ, ମହାବିଷୁବ ସଂକ୍ରାନ୍ତି ହେଉଛି ଓଡ଼ିଆ ପରମ୍ପରାର ଅନନ୍ୟ ପର୍ବ ଏବଂ ଏହି ଦିନଠାରୁ ନୂତନ ପଞ୍ଜିକା ଗଣନା ଆରମ୍ଭ ହୋଇଥାଏ। ଅନ୍ୟପକ୍ଷରେ, ବାବାସାହେବ ଆମ୍ବେଦକରଙ୍କ ଜନ୍ମଜୟନ୍ତୀକୁ ବିଶ୍ୱବ୍ୟାପୀ "ସମାନତା ଦିବସ' ଓ "ଜ୍ଞାନ ଦିବସ' ଭାବେ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ କଟକ ମେୟର ସୁବାଷ ସିଂହ, ବରିଷ୍ଠ ନେତା ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଦୀପ୍ତ ଖୁଣ୍ଟିଆ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ ଓ ଶିଶିର ପରିଜା ପ୍ରମୁଖ ଯୋଗଦେଇ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ମହିଳା ସଭାନେତ୍ରୀ ଅନିତା ବେହେରା, କର୍ପୋରେଟର ଏ. ଶ୍ରୀଦେବୀ, ନମିତା ବାରିକ, ଦୀପ୍ତିମୟୀ ମୂଳିଆ, କ୍ରିମିନାଲ ବାର୍ ଆସୋସିଏସନ ସମ୍ପାଦକ ଗଦାଧର ସାହୁଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ବାବାସାହେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ପଣା ସଂକ୍ରାନ୍ତିର ଶୁଭେଚ୍ଛା ଆଦାନପ୍ରଦାନ କରିଥିଲେ।

### କଟକରେ ହନୁମାନ ଜୟନ୍ତୀ ଓ ଓଡ଼ିଆ ନବବର୍ଷ

# 'ଜୟ ଶ୍ରୀରାମ-ଜୟ ହନୁମାନ' ଧ୍ୱନିରେ ପ୍ରକମ୍ପିତ ଗଗନ ପବନ







କଟକ,୧୪।୪(ସମିସ):

ଓଡ଼ିଆ ନବବର୍ଷ ତଥା ପଣା ସଂକ୍ରାନ୍ତୀ ଅବସରରେ ଆଜି ଦିନ ତମାମ ସହର ପ୍ରଭୁ ରାମ ଓ ହନୁମାନଙ୍କ ମନ୍ଦିରରେ ପ୍ରବଳ ଭକ୍ତ ସମାଗମ ହୋଇଥିଲା। ବିଶେଷ କରି ସହରର ୩୦ରୁ ଅଧିକ ରାମମନ୍ଦର ସହିତ ହନୁମାନ ମନ୍ଦିରରେ ଭୋର-୬ରୁ ଭିଡ଼ ବଢ଼ିଥିଲା। ଏଥି ସହିତ ହନୁମାନ ଜୟନ୍ତୀ ପାଳନ ଅବସରରେ ସହରରେ ରାମ ଭକ୍ତମାନେ ଶୋଭାଯାତ୍ରା ବାହାର କରିଥିଲେ।

- ପ୍ରଭୁ ଶ୍ରୀରାମ ଓ ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁ ସମାଗମ
- ଶାନ୍ତିଶୃଙ୍ଖଳାରେ ଶୋଭାଯାତ୍ରା ଶେଷ

ଆଜି ସକାଳ ୧୦ଟା ସମୟରେ ହିନ୍ଦୁସେନା ପକ୍ଷରୁ ଏକ ବଡ଼ ବାଇକ୍ ରାଲି ବାହାରିଥିଲା। ଶତାଧିକ ରାମ ଭକ୍ତ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଜୟ ଶ୍ରୀରାମ ଓ ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସାରା ସହର। ଅନ୍ୟପଟେ ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ରାଲି ବାହାରିଥିଲା। ସେହିପରି ହିନ୍ଦୁ ସେନା ପକ୍ଷରୁ 'ମହାବୀର ଧ୍ୱଜଯାତ୍ରା' ଆକର୍ଷଣୀୟ ହୋଇଥିଲା।

ଏହି ୩ଟି ବଡ଼ ରାଲିକୁ ବାଦ ଦେଲେ ସହରର ବିଭିନ୍ନ ଅଞ୍ଚଳରୁ ପ୍ରଭୁ ରାମ ଓ ହନୁମାନଙ୍କ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରା ବାହାରିବା ସମୟ ଠାରୁ ପରିକ୍ରମା ଶେଷ ପର୍ଯ୍ୟନ୍ତ, କୌଣସି ସ୍ଥାନରେ ଗଣ୍ଡଗୋଳ ହୋଇନଥିବା ସୂଚନା ମିଳିଛି। ଡିସିପି ଖିଲାରୀ ରିଷିକେଶ ଦ୍ୟାନଦେଓଙ୍କ ତତ୍ତ୍ୱାବଧାନରେ ୧୦ପ୍ଲାଟୁନ୍ ପୁଲିସ ଫୋର୍ସ ସହିତ ଅଫିସରମାନେ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳାରେ ରାଲି ଓ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ଓଡିଆ ନବବର୍ଷ ସହ ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତି ସାରା ସହରରେ ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ସହରବାସୀ ସକାଳୁ ମନ୍ଦିର ଯାଇ ଠାକୁରଙ୍କ ଦର୍ଶନ କରିଥିଲେ। ନବବର୍ଷର ଶୁଭେଚ୍ଛା ଜଣାଇ ପଣା ପିଇବା ସହ ଅନ୍ୟମାନଙ୍କୁ ବାଣ୍ଟି ଦିନଟିକୁ ଅଧିକ ସ୍ମରଣୀୟ କରିଥିଲେ। ନୂଆବର୍ଷ ପାଇଁ ବିଭିନ୍ନ କଟକର ବିଭିନ୍ନ ହନୁମାନ ମନ୍ଦିର ମାନଙ୍କରେ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା। ଖାନନଗର ସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର, ଡଗରପଡା ସ୍ଥିତ ହନୁମାନ ମନ୍ଦିର, ଝଞ୍ଜିରୀମଙ୍ଗଳା ସ୍ଥିତ ହନୁମାନ ମନ୍ଦିର ଗୁଡ଼ିକରେ ଭକ୍ତ ବେଶ ସମାଗମ ପରିଲକ୍ଷିତ ହୋଇଥିଲା। ସେହିପରି ଓଡିଆ ନବବର୍ଷ ଅବସରରେ କଟକର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ସହର ପରିକ୍ରମା କରିଥିଲା। ହାତରେ ପତାକା ଓ ଜୟଶ୍ରୀରାମ, ଜୟ ହନୁମାନ ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ସହର। ହିନ୍ଦୁ ସେନା ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ମୁଖ୍ୟ ଆକର୍ଷଣ ପାଲିଥିଲେ ବରଗଡ଼ର କଂସ ମହାରାଜ। ସେହିପରି ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ହିନ୍ଦୁ ସଙ୍କଳ୍ପ ଯାତ୍ରା ବାରବାଟୀ ଷ୍ଟାଡୟମ ନିକଟରୁ ବାହାରି ଚଣ୍ଡୀଛକ, ବକ୍ସି ବଜାର, ତିନି କଣିଆ ବଗିଚା, ଦରଘା ବଜାର, ଚୌଧୁରୀ ବଜାର, ନୟାସଡ଼କ, ବାଲୁ ବଜାର ଇତ୍ୟାଦି ଅଞ୍ଚଳ ପରିକ୍ରମା କରି ତ୍ରିନାଥ ମନ୍ଦିର ଠାରେ ପହଞ୍ଚିଥିଲା। ଅନ୍ୟପଟେ ହିନ୍ଦୁ ସେନା କଟକ ପୂର୍ବାଞ୍ଚଳ ଶାଖା ପକ୍ଷରୁ ମହାବୀର ଧ୍ୱଜା ଯାତ୍ରା ନେତାଜୀ ଖେଳ ପଡିଆ ପୋତାପୋଖରୀ ଠାରୁ ବାହାରି ସହର ପରିକ୍ରମା କରି ଦୋଳମୁଣ୍ଡାଇ ଠାରେ ପହଞ୍ଚିଥିଲା। ତେବେ ସହରରେ ଦେଢ଼ଘଣ୍ଟା ମଧ୍ୟରେ ୩ଟି ପ୍ରମୁଖ ଶୋଭାଯାତ୍ରା ଅତିକ୍ରମ କରିଥିଲା। ଏଡିସିପି ଅମରେନ୍ଦ୍ର ପଣ୍ଡା, ଏସପି ଗିରିଜା ଶଙ୍କର ଚକ୍ରବର୍ତ୍ତୀ, ଇନ୍ସପେକ୍ଟର ବିଶ୍ୱରଂଜନ ନାୟକ, ରାକେଶ ବେହେରା, ମାତିଲାଲ ମାରାଣ୍ଡି, ଉମାଶଙ୍କର ସାହୁ, ସତ୍ୟଜିତ ଭୁଡିଆ, ରିଜର୍ଭ ଇନ୍ସପେକ୍ଟେର ବିଭୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳାର ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।




ସକାଳ
THE SAKALA

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

# ବିପଦରେ ଡଲାର

ପାକିସ୍ତାନର ଇସଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ଏବେ ପୁଣି ମଧ୍ୟପ୍ରାଚ୍ୟ ଯୁଦ୍ଧ ଘନଘଟା ମଧ୍ୟକୁ ଠେଲି ହୋଇଯାଇଛି। ଇରାନ୍‌କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂଆ ନୂଆ ଧମକ, ହର୍ମୁଜ୍ ପ୍ରଣାଳୀକୁ ନେଇ ଟ୍ରମ୍ପଙ୍କ ନୂଆ ପଇଁତରା ଏବଂ ଏହା ଭିତରେ ଚୀନ୍‌ର ଆମେରିକାକୁ ଚେତାବନୀ ସମଗ୍ର ବିଶ୍ୱ ପାଇଁ ବଡ଼ ଅଘଟଣର ସଂକେତ ଦେଉଛି। ଆଗାମୀ ଦିନରେ ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା କରୁଛନ୍ତି। ଏ ଆଶଙ୍କା ସତ ହେଲେ ପୂରା ବିଶ୍ୱକୁ ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ, ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ। ବିଶ୍ୱ କ'ଣ ହରାଇବ, ତାହା ପରବର୍ତ୍ତୀ କଥା; କିନ୍ତୁ ଇସ୍ରାଏଲ ପ୍ରରୋଚନାରେ ଆମେରିକା ଆରମ୍ଭ କରିଥିବା ଏହି ଯୁଦ୍ଧ ତାକୁ ଅଠାକାଠିରେ ପକାଇସାରିଛି। ଧଣ୍ଡ ଗିଳିବା ଭଳି ନା ଆମେରିକା ଯୁଦ୍ଧରୁ ସମ୍ମାନର ସହ ଓହରିପାରୁଛି ନା ଆଗକୁ ବଢ଼ିବାକୁ ସାହସ ଯୋଗାଡ଼ କରିପାରୁଛି। ବର୍ତ୍ତମାନ ପର୍ଯ୍ୟନ୍ତ ଇରାନ୍ ସହ ହୋଇଥିବା ବଳ କଷାକଷିରେ ନୈତିକ, ମାନସିକ ଓ ସାମରିକସ୍ତରରେ ଆମେରିକା ଏକପ୍ରକାର ବିଫଳ ହୋଇସାରିଛି ବୋଲି ଆମେରିକୀୟମାନେ ବି ଅନୁଭବ କରୁଛନ୍ତି। ଆମେରିକାର ପ୍ରଭୁତ୍ୱବାଦୀ ନୀତି ଉପରେ ରୋକ୍ ଲଗାଇବାରେ ଏହି ଅନ୍ତସାରଶୂନ୍ୟ ଯୁଦ୍ଧ ବହୁମାତ୍ରାରେ ସଫଳ ହୋଇପାରିଛି ବୋଲି କହିବା ଅତିଶୟୋକ୍ତି ହେବ ନାହିଁ। ଏହି ଯୁଦ୍ଧରେ ଆମେରିକା ପାଇବା ଅପେକ୍ଷା ଅଧିକ ହରାଇଛି ଏବଂ ଆଗକୁ ମଧ୍ୟ ଏକ ତା'ର ଅର୍ଥନୀତି ପ୍ରତି ଏକ ବଡ଼ ବିପଦ ମାଡ଼ି ଆସୁଛି ବୋଲି ବିଶ୍ୱର ବଡ଼ ବଡ଼ ଅର୍ଥନୀତିଜ୍ଞମାନେ ଯୁକ୍ତି ବାଢ଼ୁଛନ୍ତି। ଭେନେଜୁଏଲା ରାଷ୍ଟ୍ରପତିଙ୍କୁ ଉଠାଇ ଆଣିବା, କ୍ୟୁବାରେ ଦୁର୍ବିସହ ପରିସ୍ଥିତି ସୃଷ୍ଟି କରିବା, ଗ୍ରିନ୍‌ଲାଣ୍ଡକୁ ଅକ୍ତିଆର କରିବାକୁ ଧମକ ଦେବା ଭଳି ଟ୍ରମ୍ପଙ୍କ ପାଗଳାମି ଏମିତିରେ ଆମେରିକା ଭଳି ଶକ୍ତିଶାଳୀ ରାଷ୍ଟ୍ରର ପ୍ରତିଛବିକୁ ଚମକହୀନ ଓ ଦୁର୍ବଳ କରିସାରିଛି। ଏପରି ସ୍ଥିତିରେ ପରଦା ପଛପଟେ ରହି ଗୋଟି ଚଳାଉଥିବା ବିଶ୍ୱର ଅନ୍ୟ ଦୁଇ ମହାଶକ୍ତି ରୁଷ ଓ ଚୀନ୍ ନିଜର ରଣନୀତିରେ ସଫଳ ହେଲେ ଦଶନ୍ଧିଦଶନ୍ଧି ଧରି ବିଶ୍ୱରେ ନିଜର ପ୍ରଭୁତ୍ୱବାଦ ସ୍ଥାପନ କରିଆସୁଥିବା ଆମେରିକାର ଅର୍ଥନୀତି ଓ ଅସ୍ତିତ୍ୱ ପାଇଁ ଏହା ଘାତକ ହେବ ବୋଲି ବିବେଚନା କରାଯାଉଛି।

ଡଲାର ପାଇଁ ଆମେରିକାର ଅର୍ଥନୀତି ସ୍ୱଚ୍ଛଳ, ସୁଦୃଢ଼ ଓ ଶକ୍ତିଶାଳୀ। ଜିଡିପିଠାରୁ ଋଣଭାର ବହୁ ଅଧିକ ଥିଲେ ହେଁ ଡଲାର ଆମେରିକାକୁ ସବୁ କଠିନ ଅର୍ଥନୈତିକ ପରିସ୍ଥିତିରୁ ଉଦ୍ଧାର କରି ଆସିଛି। ଆମେରିକା ଏହାକୁ ଅସ୍ତ୍ର ଭାବେ ବ୍ୟବହାର କରିଆସୁଛି। ବିଶ୍ୱ ମୁଦ୍ରା ଜଗତରେ 'କୁଏତ୍ ଦିନାର୍', 'ବାହାରିନ୍ ଦିନାର୍', 'ଓମାନ ରିଆଲ', 'ଜୋର୍ଡାନିଆନ୍ ଦିନାର୍', 'ବ୍ରିଟିଶ ପାଉଣ୍ଡ', 'ସ୍ୱିସ୍ ଫ୍ରାଙ୍କ' ଭଳି ଡଲାରଠାରୁ ଓଜନଦାର ମୁଦ୍ରା ପ୍ରଚଳନ ଥିଲେ ହେଁ ପ୍ରାୟ ସମସ୍ତ କାରବାର ଡଲାର୍‌ରେ ହୋଇ ଆସୁଛି। ଡଲାର୍ ବଳରେ ଆମେରିକା ବିଶ୍ୱ ଅର୍ଥନୀତିକୁ ପରିଚାଳିତ ଓ ହେରଫେର୍ କରିଆସୁଛି। ଯେକୌଣସି ଦେଶ ଉପରେ କଟକଣା ଲଗାଇ ତା'ର ଅର୍ଥନୀତିକୁ ଧୂଳିସାତ୍ କରିପାରୁଛି। ଆମେରିକା ପାଇଁ ଡଲାର୍‌ର ପ୍ରଭୁତ୍ୱବାଦ ଏତେ ଗୁରୁତ୍ୱପୂର୍ଣ୍ଣ ଯେ ଯିଏ ଏହା ଆଗରେ କଣ୍ଟା ହେବାକୁ ଚେଷ୍ଟା କରିଛି ଆମେରିକା ତା'ର ଅସ୍ତିତ୍ୱକୁ ନଷ୍ଟ କରିଦେଇଛି। ଏଠାରେ ଇରାକ୍‌ର ଭୂତପୂର୍ବ ରାଷ୍ଟ୍ରପତି ସଦ୍ଦାମ ହୁସେନ୍ ଓ ଲିବ୍ୟା ରାଷ୍ଟ୍ରପତି ମୁଆମର୍ ଗଦ୍ଦାଫିଙ୍କୁ ବଳିଷ୍ଠ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ।



ଆମେରିକୀୟ ଡଲାର୍‌ର ଇତିହାସ ବହୁ ପୁରୁଣା ଓ ସମୃଦ୍ଧ। ବିଭିନ୍ନ ପରିସ୍ଥିତି ଦେଇ ଗତି କରି ଏହା ନିଜକୁ ଅଧିକ ସଶକ୍ତ କରିଛି। କିନ୍ତୁ, ଏବେ ସେହି 'ଡଲାର୍' ଉପରେ ବିପଦ ଦେଖାଦେଇଛି। ପୂର୍ବରୁ, ପୂରା ବିଶ୍ୱର ଅର୍ଥନୀତି ସୁନା ଉପରେ ନିର୍ଭରଶୀଳ ଥିଲା। ଯେଉଁ ଦେଶ ପାଖରେ ଯେତେ ସୁନା ମହଜୁଦ ଥିଲା, ସେ ସେତିକି ମୁଦ୍ରା ମୁଦ୍ରଣ/ପ୍ରଚଳନ କରିପାରୁଥିଲା। ଆମେରିକା ବିଭିନ୍ନ ଦେଶ ସହ ବାଣିଜ୍ୟିକ କାରବାର କରି ଧୀରେଧୀରେ ବହୁମାତ୍ରାରେ ସୁନା ନିଜ ଦେଶରେ ମହଜୁଦ କରିନେଇଥିଲା। କିନ୍ତୁ, ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳକୁ ପୂରା ସ୍ଥିତି ବଦଳିଗଲା। ଆମେରିକା ବିଭିନ୍ନ ଦେଶକୁ ଅସ୍ତ୍ର ରପ୍ତାନୀ କରି ପୂରା ବିଶ୍ୱର ସିଂହଭାଗ ସୁନା ନିଜର କରିନେଇଥିଲା। କୁହାଯାଏ, ସେତେବେଳେ ପୂରା ବିଶ୍ୱର ୭୦ ପ୍ରତିଶତ ପାଖାପାଖି ୨୨ ହଜାର ଟନ୍ ସୁନା ଆମେରିକା ପାଖରେ ମହଜୁଦ ହୋଇଯାଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧର ଅନ୍ତିମ ପର୍ଯ୍ୟାୟରେ ପୂରା ବିଶ୍ୱ ଦେବାଳିଆ ସ୍ଥିତିରେ ଥିବା ବେଳେ କେବଳ ଆମେରିକାର ଅର୍ଥନୀତି ମଜଭୁତ ଥିଲା। ତେଣୁ, ଅନ୍ତର୍ଜାତୀୟ କାରବାରକୁ ସ୍ୱାଭାବିକ ରଖିବା ପାଇଁ 'ଡଲାର୍' ପ୍ରଚଳନ ଉପରେ ଆମେରିକା ଜୋର୍ ଦେଇଥିଲା ଏବଂ ଏହାକୁ ବାକି ଦେଶଗୁଡ଼ିକ ମଧ୍ୟ ମାନି ନେଇଥିଲେ। ମୋଟାମୋଟି ଭାବେ କହିବାକୁ ଗଲେ, ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ବେଳକୁ ଅନ୍ତର୍ଜାତୀୟ ମୁଦ୍ରାମାନଙ୍କରେ 'ଡଲାର୍'ର ଦବ୍‌ଦବା ଆରମ୍ଭ ହୋଇଯାଇଥିଲା। ଏକ ଆଉନ୍ସ ସୁନା ବା ପାଖାପାଖି ୨୮.୩ ଗ୍ରାମ ସୁନାର ମୂଲ୍ୟ ୩୫ ଡଲାର୍ ସ୍ଥିରୀକୃତ ହୋଇଥିଲା। କିନ୍ତୁ ୮୦ଦଶକ ଆରମ୍ଭରୁ 'ଡଲାର୍'ର ପ୍ରଚଳନ ଉପରେ ପ୍ରଶ୍ନବାଚୀ ଠିଆ ହେଲା। ଆମେରିକାର 'ଡଲାର୍ ବଦଳରେ ସୁନା' ନୀତି ଉପରେ ବିଭିନ୍ନ ଦେଶର ସନ୍ଦେହ ହେଲା। ଡଲାର୍ ଅନୁପାତରେ ଆମେରିକା ପାଖରେ ସେତିକି ସୁନା ମହଜୁଦ ନଥିବା ସନ୍ଦେହ ହେବାରୁ ବିଭିନ୍ନ ଦେଶ ଆମେରିକାକୁ ଡଲାର୍ ଦେଇ ସୁନା ନେବାକୁ ଆଗ୍ରହୀ ହେଲେ। ତେଣୁ, ୧୯୭୧ମସିହାରେ ସେତେବେଳର ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ୍ 'ଡଲାର୍'ର ପ୍ରଭୁତ୍ୱକୁ ଜାରି ରଖିବା ପାଇଁ ନୂଆ ପଇଁତରା କଲେ। ଡଲାର୍ ବଦଳରେ ଆଉ ସୁନା ମିଳିବ ନାହିଁ ବୋଲି ଘୋଷଣା କରିବା ସହ ଆମେରିକା ଡଲାର୍ ସହ ସୁନାର ସଂପର୍କକୁ ଯୋଡ଼ିଦେଲେ। ସେତେବେଳେ ଉପସାଗରୀୟ ଦେଶଗୁଡ଼ିକରେ ଥିବା ତୈଳଭଣ୍ଡାରର ଚିହ୍ନଟ, ତୈଳ ଉତ୍ପାଦନ, ବିକ୍ରିରେ ଆମେରିକା ସେମାନଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେଲା। ଏସବୁ ସହ ସୁରକ୍ଷା ଓ ସାମରିକ ସହାୟତା ଯୋଗାଇଦେବ ବୋଲି ଆମେରିକା ପ୍ରଲୋଭିତ କରି ସେମାନଙ୍କ ସହ ଚୁକ୍ତି କରିନେଲା। ଏହି ପରିପ୍ରେକ୍ଷୀରେ ୧୯୭୪ମସିହାରେ ଆମେରିକା ସହ ସାଉଦି ଆରବର ଐତିହାସିକ ଚୁକ୍ତି ସଂପନ୍ନ ହୋଇଥିଲା। ଆମେରିକାର ସୁରକ୍ଷା ଓ ସାମରିକ ସହାୟତା ବଦଳରେ ସବୁ ଦେଶ ସହ 'ଡଲାର୍'ରେ ତୈଳ କାରବାର କରିବାକୁ ସାଉଦିଆରବ ଚୁକ୍ତିବଦ୍ଧ ହୋଇଥିଲା। ସାଉଦି ଆରବ ଅଶୋଧିତ ତେଲ କାରବାର ଡଲାର୍‌ରେ କରିବାକୁ ଲାଗିଲା। ସେବେଠାରୁ ବହୁଚର୍ଚ୍ଚିତ ଶବ୍ଦ 'ପେଟ୍ରୋ-ଡଲାର୍'ର ପ୍ରଚଳନ ହୋଇଆସୁଛି। ଏହାର ଅର୍ଥ ହେଉଛି ଡଲାର୍ ବଦଳରେ ତେଲ। ଏହା ଫଳରେ ଆମେରିକା ଅର୍ଥନୀତିର ସୁଦୃଢ଼ ସ୍ଥିତି ବଜାୟ ରହି ଆସିଛି।

କିନ୍ତୁ, ବର୍ତ୍ତମାନ ଇରାନ୍ ସହ ଯୁଦ୍ଧର ପ୍ରଭାବ 'ପେଟ୍ରୋ ଡଲାର୍' ଉପରେ ସିଧାସଳଖ ପଡ଼ୁଛି। ସାଉଦି, ଓମାନ, କୁଏତ୍, ବାହାରିନ୍ ଭଳି ଉପସାଗରୀୟ ଦେଶଗୁଡ଼ିକ ଉପରେ ଇରାନ୍ ଘନଘନ ଆକ୍ରମଣ କରିଥିବା ବେଳେ ଆମେରିକା ସେମାନଙ୍କୁ ସୁରକ୍ଷା ଦେବାରେ ସଂପୂର୍ଣ୍ଣ ବିଫଳ ହୋଇଛି। ସେହିପରି ଇରାନ୍ ପଛରେ ରହି ଚୀନ୍, ରୁଷ ଭଳି ଦେଶ ଡଲାର୍‌ର ଦବ୍‌ଦବାକୁ ଶେଷ କରିବାକୁ ଗୋଟି ଚଳାଇଛନ୍ତି। ହର୍ମୁଜ୍‌ରେ ଜାହାଜ ପାର କରିବା ପାଇଁ ବାହାର ଦେଶଗୁଡ଼ିକେ ଚୀନ୍‌ର ମୁଦ୍ରା 'ୟୁଆନ୍'ରେ କାରବାର କରିବାକୁ ପଡ଼ିବ ବୋଲି ଇରାନ୍ ସର୍ତ୍ତ ରଖିଛି। ଏହାବ୍ୟତୀତ, ଏହି ଯୁଦ୍ଧରେ ଆମେରିକାର ସାମରିକ ଦୁର୍ବଳତା ମଧ୍ୟ ପଦାରେ ପଡ଼ିଥିବାରୁ ଉପସାଗରୀୟ ଦେଶଗୁଡ଼ିକ ଆମେରିକା ଉପରେ ପୂର୍ବବତ୍ ଭରସା ବଜାୟ ରଖିବେ କି ନାହିଁ, ତାହା ଚିନ୍ତା କରିବା ଆରମ୍ଭ କଲେଣି। ●

# ସୁନାବେଢ଼ାର ଗୁମର କଥା

ପ୍ରମୋଦ କୁମାର ମହାପାତ୍ର

ଉଠାଣି ଗଡ଼ାଣି ଦେଇ ଆଗକୁ ଧାଉଁଥାଏ ଆମ ଗାଡ଼ିଟି। ଆଖି ଆଗରେ କେବଳ ପାହାଡ଼ିଆ ଘୁମନ୍ତ ଘାଟି, ଘଞ୍ଚ ଜଙ୍ଗଲର ସବୁଜ ସାମିଆନା, ନିରବ ଉପତ୍ୟକା ଓ ବିସ୍ତୀର୍ଣ୍ଣ ମାଳଭୂମି। ନିର୍ଜନ ରାସ୍ତା, କାଁଭାଁ କେତେବେଳେ ଗୋଟିଏ ଦୁଇଟି ଦୁଇଚକିଆ ଗାଡ଼ି, ଠାଏଠାଏ କିଛି ମୂଲିଆ ଧରି ରାସ୍ତାକଡ଼ ଶୁଖିଲା ଘାସଲତା ସଫା କରିବାରେ ବ୍ୟସ୍ତ ଜଙ୍ଗଲ ବିଭାଗର କର୍ମଚାରୀ, ଛୋଟିଆ ଛୋଟିଆ ଗାଁ, ବଜାର ପ୍ରାଙ୍ଗଣ, ମଝିରେ ମଝିରେ ପଇଁତରା ମାରୁଥିବା ସଶସ୍ତ୍ର ସୁରକ୍ଷା ଯବାନ ଓ ତାଙ୍କ ବେସ୍ କ୍ୟାମ୍ପ ନଜର ଆସୁଥିଲା। ଏମିତି କିଛି ସମୟ ପରେ ପିଚୁ ରାସ୍ତା ସରି ଆରମ୍ଭ ହେଲା କଚ୍ଚା, ମୋରମ ରାସ୍ତା, ତା' ପରେ କେବଳ ଘାଟି ପର ଜଙ୍ଗଲ ଉପତ୍ୟକାର ଖୋଲା ଟାଙ୍ଗରା ରାସ୍ତା। ମାଘ ମାସର କଅଁଳିଆ ଖରା... ମୁଁ ଗାଡ଼ିର ଏସି ବନ୍ଦ କରି ଝରକା ଅଳ୍ପ ଖୋଲିଦେବା ପାଇଁ ଡ୍ରାଇଭରକୁ କହିଲି। ଆଃ... ତାଜା ପବନ ଦଲକାଏ ପଶି ଆସି ଦେହ ମନକୁ ସତେଜ କରିଦେଲା.. "ଏହାକୁ ମନଭରି ଆଘ୍ରାଣ କର, ଭରପୂର ଶୋଷିନିଅ; ଏହା ହେଉଛି ନିଛକ ବିଶୁଦ୍ଧ ଅମ୍ଳଜାନ ସମୃଦ୍ଧ ବାୟୁ.. କାହିଁ ରାଜଧାନୀର ସାଙ୍ଘାତିକ ତିନିଶହ ଉପରେ ଏୟାର କ୍ୱାଲିଟି ଇଣ୍ଡେକ୍ସ, ଆଉ ଏଠି ନିର୍ମଳ, ସ୍ୱାସ୍ଥ୍ୟପ୍ରଦ ବାୟୁମଣ୍ଡଳ!" ସମସ୍ତେ ଆନନ୍ଦରେ କୁରୁଳି ଉଠିଲେ। ପ୍ରାୟ ୬୦୦ ବର୍ଗ କିମି ବ୍ୟାପ୍ତ ସୁନାବେଢ଼ା ଅଭୟାରଣ୍ୟଟି କେବଳ ନୂଆପଡ଼ା ଜିଲ୍ଲା ନୁହେଁ, ଓଡ଼ିଶା ପାଇଁ ପ୍ରକୃତିର ଏକ ବରଦାନ। ଛତିଶଗଡ଼ ସୀମାନ୍ତ ହୋଇଥିବାରୁ ଏକଦା ସୁନାବେଢ଼ା ଅଭୟାରଣ୍ୟ ଥିଲା ମାଓବାଦୀଙ୍କ ଅବାଧ ବିଚରଣସ୍ଥଳ। ମାଓମୁକ୍ତ ଅଭିଯାନ ଶେଷ ପର୍ଯ୍ୟାୟରେ ଥିଲେ ବି ସତର୍କତା ଦୃଷ୍ଟିରୁ ସୁରକ୍ଷା ପାଇଁ ଏକ ମୋଟର ସାଇକେଲରେ ଆଗରେ ଯାଉଥିଲେ ଗୁଳିଭରା ପିସ୍ତଲଧାରୀ ଦୁଇଜଣ ସ୍ୱତନ୍ତ୍ର ଯବାନ ସାଧା ପୋଷାକରେ। ଆମେ ଦୂରସଂଚାର ବିଭାଗ, ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଓ ରାଜ୍ୟ ପ୍ରଶାସନର ସ୍ଥାନୀୟ ଅଧିକାରୀ ମିଶି ମୋଟ ୬ଜଣ ଗୋଟିଏ ଚାରିଚକିଆ ଗାଡ଼ିରେ ତାଙ୍କୁ ଅନୁଧାବନ କରୁଥିଲୁ।

କେନ୍ଦ୍ର ସରକାରଙ୍କ ଏକ ବିଶାଳ ପରିଯୋଜନା ଅନୁସାରେ ମାଓ ଉପଦ୍ରବ ତଥା ଏ ପର୍ଯ୍ୟନ୍ତ ଡିଜିଟାଲ କନେକ୍ଟିଭିଟିରୁ ଦୂରରେ ଥିବା ଆକାଂକ୍ଷୀ ଜିଲ୍ଲାଗୁଡ଼ିକର ଅତି ପଛୁଆ ଗ୍ରାମାଞ୍ଚଳରେ '୪-ଜି' ମୋବାଇଲ ସେବା ପହଞ୍ଚାଇବା ପାଇଁ କ୍ଷେତ୍ର ପରିଦର୍ଶନ କ୍ରମରେ ନୂଆପଡ଼ା ଜିଲ୍ଲାର କିଛି ଗ୍ରାମ ସର୍ବେକ୍ଷଣ କରିବା ଏହି ଗସ୍ତର ଉଦ୍ଦେଶ୍ୟ। '୪-ଜି' ସେବା ଆରମ୍ଭ ହେଲେ ଏଭଳି ଅବହେଳିତ ଅଞ୍ଚଳରେ ଡିଜିଟାଲ ବିଭାଜନ ସମାପ୍ତ କରିବା ପାଇଁ ସରକାରଙ୍କ ଏକ ବ୍ୟାପକ ପ୍ରୟାସର ଅଂଶବିଶେଷ।

ରାସ୍ତାରେ ପଡ଼ିଲା ସୁନାବେଢ଼ା ଗ୍ରାମ। ଏଠିକାର ଆରାଧ୍ୟା ଦେବୀ 'ସୁନାଦେଈ'ଙ୍କ ଏକ ଭବ୍ୟ ମନ୍ଦିର ଏହି ଗ୍ରାମରେ ପ୍ରତିଷ୍ଠିତ। ଶୁଣିଲୁ, ପ୍ରତିବର୍ଷ ଦୁର୍ଗାପୂଜା ସମୟରେ ଦେବୀଙ୍କ ଉଦ୍ଦେଶ୍ୟରେ ହୁଏ 'ଦଶରା ଯାତରା'; ଯାହା ସ୍ଥାନୀୟ ଲୋକଙ୍କ ମୁଖ୍ୟ ଆକର୍ଷଣ ଏବଂ ଖୁବ ଭକ୍ତିରେ, ଜାକଜମକରେ ପାଳନ କରାଯାଏ। ଆମେ ଦେବୀଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ଆଶୀର୍ବାଦ ଭିକ୍ଷା କରି ଆଗକୁ ବଢ଼ିଲୁ।

ସୁନାବେଢ଼ା ଅଭୟାରଣ୍ୟ ପୂର୍ବଘାଟ ପର୍ବତମାଳାର ଅଂଶ, ଶୁଷ୍କ ପତ୍ରଝରା ଉଷ୍ଣ କଟିବନ୍ଧିୟ ବଣ ଓ ଅନେକ ଜୈବ-ବିବିଧତାରେ ପରିପୂର୍ଣ୍ଣ।ଏହା ଭିତରେ ପ୍ରାୟ ୬୪ଟି ଗ୍ରାମର ୨୦ ହଜାର ଲୋକ ବସବାସ କରନ୍ତି। ବିଭିନ୍ନ ପ୍ରକାର ବନ୍ୟ ଜୀବଜନ୍ତୁ, ବିସ୍ତୀର୍ଣ୍ଣ ମାଳଭୂମି, ଉପତ୍ୟକା ଏବଂ ମନୋମୁଗ୍ଧକର ଜଳପ୍ରପାତ ଏଠିକାର ବିଶେଷ ଆକର୍ଷଣ। ମହାନଦୀର ଏକ ଉପନଦୀ ଜୋଙ୍କ ନଦୀର ଉତ୍ପତ୍ତି ସ୍ଥଳ ଏହି ଜାଗାରେ। ଇନ୍ଦ୍ର ନାଳା ଓ ଉଦନ୍ତୀ ନଦୀ ବି ଏହାର ଦକ୍ଷିଣ ପଟରୁ ବାହାରିଛି। ଛୋଟବଡ଼ କରି ପ୍ରାୟ ୧୧ଟି ଜଳପ୍ରପାତ ଥିଲେ ବି ତିନୋଟି ପ୍ରମୁଖ ଜଳପ୍ରପାତ ହେଉଛି ଗୋଧାସ୍, ବେନିଆଧାସ୍ ଏବଂ ଖରଲଧାସ୍। ଏ ଗୁଡ଼ିକର ଦୃଶ୍ୟ ଅତ୍ୟନ୍ତ ମନୋରମ। ସମୟର ସ୍ୱଳ୍ପତାରୁ ଆମେ ଦେଖିପାରିଲୁ କେବଳ ଖରଲଧାସ୍। ପ୍ରାୟ ୧୫୦ଫୁଟ୍ ତଳକୁ ପାଣି ପଡ଼ିବାର ଦୃଶ୍ୟ ଅବଲୋକନ କରିବା ବାସ୍ତବିକ ଏକ ବିରଳ ଅନୁଭବ। ଏହାକୁ ସୁନାବେଢ଼ା ଅଭୟାରଣ୍ୟର 'ଗୁପ୍ତଧନ' କହିଲେ ଅତ୍ୟୁକ୍ତି ହେବ ନାହିଁ। ବର୍ଷାଦିନେ ତ ଏହାର ସୌନ୍ଦର୍ଯ୍ୟ ହୋଇଯାଏ ବହୁଗୁଣିତ। ଘର୍‌ଘର୍ ନାଦ କରି ଆବଡ଼ାଖାବଡ଼ା ପଥର ଚଟାଣ ଦେଇ ଉପରୁ ଗଡ଼ି ଆସୁଥିବା ପାଣିଧାର ହଠାତ ଲମ୍ଫ ପ୍ରଦାନ କରେ ୧୫୦ ଫୁଟ ତଳକୁ, ସୃଷ୍ଟି ହୁଏ ଜଳୀୟବାଷ୍ପର ଧୂମ ବଳୟ! ଦୂରକୁ ଦୂରକୁ କେବଳ ଦେଖା ଯାଉଥାଏ ନଦୀର ଗଭୀର ଖାଇ, ହାତୀ ସମାନ ପଥର, ପଥର ଚଟାଣର ପାଚେରୀ, ସୁଉଚ୍ଚ ଜଙ୍ଗଲୀ ବୃକ୍ଷ, ନାନାବିଧ ଲତା, ସବୁଜିମା ଭରା ଉପତ୍ୟକା ଓ ଧାଡ଼ି ଧାଡ଼ି ପାହାଡ଼ ମଥାନ। ଜୀବନରେ କେବେ ନ ଦେଖିଥିଲେ ବି ଭାବିଲି ଆମେରିକାର ନାଏଗ୍ରା ଫଲ୍ କ'ଣ ଏହାଠୁଁ ବେଶି ରମଣୀୟ ହୋଇଥିବ?



ଏହା ବ୍ୟତିରେକ ବାରାସିଂହା ହରିଣ ଓ ବିରଳ ପ୍ରଜାତି ବଣମହିଷୀ ପାଇଁ ଏହି ଅଭୟାରଣ୍ୟଟି ପ୍ରସିଦ୍ଧ। ବାଘ, ଚିତାବାଘ, ଭାଲୁ, ମାଙ୍କଡ଼ ପ୍ରଜାତି ବି ବହୁଳ ପରିମାଣରେ ଦେଖାଯାନ୍ତି। ସେହିପରି ପେଚା, କପୋତ, ଗିଧ, ଇଗଲ ଆଦି ପ୍ରାୟ ଦୁଇଶହ ପ୍ରକାର ପକ୍ଷୀ ପ୍ରଜାତି ବି ଏଠି ଚିହ୍ନଟ କରାହୋଇଛି। ଏହାକୁ ଏକ 'ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର' କରିବା ପାଇଁ ପ୍ରସ୍ତାବ ନୀତିଗତ ଦୃଷ୍ଟିରୁ ନ୍ୟାସନାଲ ଟାଇଗର କନଜର୍ଭେସନ୍ ଅଥରିଟିଙ୍କ ମଞ୍ଜୁରି ମିଳିସାରିଛି, ଆଇନଗତ ଭାବେ ସରକାରୀ ଘୋଷଣାନାମା ପରେ ପ୍ରକାଶ ପାଇବ ବୋଲି ଜାଣିଲୁ। ଏମିତି ହେଲେ ଅଭୟାରଣ୍ୟର କଳେବର ଆହୁରି ବୃଦ୍ଧି ପାଇ ପ୍ରାୟ ୯୫୭ ବର୍ଗ କିମି ହେବ।

ନୂଆପଡ଼ା ଜିଲ୍ଲା ସଦର ମହକୁମାର ପଶ୍ଚିମରେ ସୁନାବେଢ଼ା ଅଭୟାରଣ୍ୟରୁ ଜୋଙ୍କ ନଦୀ ବାହାରି ଉତ୍ତର ଦିଗକୁ ଗତି କରି ଇତିହାସର ସନ୍ତକ ମାରାଗୁଡ଼ା ଉପତ୍ୟକାରେ ପ୍ରବେଶ କରି ଖଡ଼ିଆଳ ରୋଡ୍ ପରେ ସୌରୀନାରାୟଣଠାରେ ମହାନଦୀରେ ମିଶିଛି। ମାରାଗୁଡ଼ା ସଭ୍ୟତା ଅତି ପ୍ରାଚୀନ, ଚତୁର୍ଥ-ସପ୍ତମ ଶତାବ୍ଦୀର ବୋଲି ଇତିହାସ କହେ। ମହେଞ୍ଜୋଦାରୋ-ହରପ୍ପା ପରି ଏହା ଧନୀ, ସମୃଦ୍ଧ ଓ ଐତିହ୍ୟ ସମ୍ପର୍ଣ୍ଣ। ପ୍ରତ୍ନତାତ୍ତ୍ୱିକ ଖନନରେ ପ୍ରସ୍ତର ଯୁଗର ଟାଙ୍ଗିଆ ଆବିଷ୍କୃତ ହୋଇଛି। ଏକଦା ଶତବହାନ, କଳାଚୁରି, ସୋମବଂଶୀ, ପାଣ୍ଡୁବଂଶୀ, କୁଶାଣ, ସଭରପୁରୀୟ ଓ ଚୌହାନ ବଂଶର ରାଜାମାନେ ଏଠି ଶାସନ କରୁଥିଲେ। ଏଠାରେ ଶୈବ, ଶାକ୍ତ ବୌଦ୍ଧ, ଜୈନ, ବୈଷ୍ଣବ ଆଦି ପରମ୍ପରା ଚାଲୁଥିଲା ବୋଲି ଇତିହାସରେ ବର୍ଣ୍ଣିତ। ରାଜ୍ୟ ଓ ରାଜାମାନେ ଧନୀ, ସମୃଦ୍ଧ ଓ ସ୍ୱର୍ଣ୍ଣମୁଦ୍ରାର ପ୍ରଚଳନ ଥିବା ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରମାଣିତ ହୋଇଛି। ୧୯୭୪-୮୪ ମଧ୍ୟରେ ହୋଇଥିବା ଏହି ପ୍ରତ୍ନତାତ୍ତ୍ୱିକ ଖନନରୁ ରାଜାମହଲ, ରାଣୀ ମହଲ, ରାଜଦରବାରର ଧ୍ୱଂସାବଶେଷ ଆଜି ସେହି ସ୍ୱର୍ଣ୍ଣିମ ଇତିହାସର ମୂକସାକ୍ଷୀ ପାଲଟିଛି। ଏହା କୋଶଳ ରାଜ୍ୟର ରାଜଧାନୀ ଥିଲା ବୋଲି ଐତିହାସିକ ତଥ୍ୟ ମିଳିଛି। ୬୩୦ରୁ ୬୪୫ ମସିହାରେ ଭାରତ ଭ୍ରମଣ କରିଥିବା ଚୀନ୍ ପରିବ୍ରାଜକ ହୁଏନସାଂ ଏହି ସହରକୁ 'କୋଶଳ ସାମ୍ରାଜ୍ୟର ରାଜଧାନୀ' ରୂପେ ବର୍ଣ୍ଣନା କରିଛନ୍ତି। ବର୍ତ୍ତମାନ କିନ୍ତୁ ଏହି ମାରାଗୁଡ଼ା ସଭ୍ୟତାର ଅଧିକାଂଶ ଭଗ୍ନାବଶେଷ ପତୋରା ଅପର୍ ଜୋଙ୍କ ପ୍ରୋଜେକ୍ଟରେ ଜଳ ସମାଧିରେ ଅସ୍ତିତ୍ୱ ହରାଇବା ଉପରେ, ବାକି ଯାହା ରହିଛି ତା'ର ଗବେଷଣା ଓ ସଂରକ୍ଷଣ ଅତ୍ୟନ୍ତ ଜରୁରି।

ଆଜିର ୧୧ଟି ଜିଲ୍ଲାକୁ ନେଇ କୁହାଯାଉଥିବା ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର କିଛି ଅଂଶ ଏକଦା ଏହି କୋଶଳ ରାଜ୍ୟର ଅଂଶ ଥିଲା। ମହାନ ଏହାର ସଭ୍ୟତା, ସଂସ୍କୃତି ଓ ଭାଷା। ଖରିଆରରେ ଜନ୍ମିତ ପ୍ରଖ୍ୟାତ ବିଦ୍ୱାନ, ଭାଷାବିତ୍, ଗବେଷକ ତଥା 'କୋଶଳୀ ଭାଷାର ଜନକ' ହିସାବରେ ଲୋକପ୍ରିୟ ପ୍ରୟାଗ ଦତ୍ତ ଯୋଶୀ ଏହି ଅଞ୍ଚଳରେ କଥିତ ସମ୍ବଲପୁରୀ ବା କୋଶଳୀ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେଇ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବାକୁ ପ୍ରଥମେ ୧୯୮୬ ମସିହାରେ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଥିଲେ। ଏହି ଭାଷାର ଅନେକ ଚମତ୍କାର ଶବ୍ଦ ଓଡ଼ିଆ ଅଭିଧାନରେ ସମାବେଶିତ କଲେ ଆମର ଓଡ଼ିଆ ଭାଷା ଆହୁରି ସମନ୍ୱିତ, ଆଦୃତ ଓ ସଶକ୍ତ ହେବ ବୋଲି ଅନେକ ବୁଦ୍ଧିଜୀବୀଙ୍କ ମତ।

ସୌନ୍ଦର୍ଯ୍ୟ, ଜୈବବିବିଧତା ଓ ଐତିହ୍ୟର ଗନ୍ତାଘର ସୁନାବେଢ଼ା ଅଭୟାରଣ୍ୟ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀର ସଂପୂର୍ଣ୍ଣ ସମ୍ଭାବନା ଥିଲେ ବି ରହିଯାଇଛି ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଉହାଡ଼ରେ, ଅଗୋଚରରେ। ସବୁଦୁନିଆ ରାସ୍ତାଘାଟ, ଗମନାଗମନ, ଦୋକାନ ବଜାର, ଖାଇବା ଓ ରହିବା ପାଇଁ ହୋଟେଲ ବ୍ୟବସ୍ଥା, ପ୍ରକୃତି ନିବାସ, ଜୀବଜନ୍ତୁଙ୍କୁ ରାତିରେ ଦେଖିବା ପାଇଁ ୱାଚ୍ ଟାୱାର, ଯାତ୍ରୀଙ୍କ ସୁରକ୍ଷା ଆଦି ସର୍ବନିମ୍ନ ଆବଶ୍ୟକତାର ଭିତ୍ତିଭୂମି ସଜଡ଼ା ଗଲେ ନିଶ୍ଚିତ ଭାବେ ପର୍ଯ୍ୟଟକ ଆକୃଷ୍ଟ ହେବେ। ଏ ବାବଦରେ ପ୍ରଶାସନ ସହିତ ସ୍ଥାନୀୟ ଲୋକଙ୍କ ସହଯୋଗ, ସାମାଜିକ ଓ ଗଣମାଧ୍ୟମର ପ୍ରଚାର ଓ ପ୍ରସାର ବି ନିହାତି ଆବଶ୍ୟକ। ସେହିପରି ବ୍ୟାପକ ଜଙ୍ଗଲ ନିଆଁ ଓ ଜଙ୍ଗଲଜାତ ଦ୍ରବ୍ୟ ଚୋରାଚାଲାଣ, ଅବାଧ ବନ୍ୟପ୍ରାଣୀ ଶିକାର, ଅନଧିକାର ଜମି ଅଧିଗ୍ରହଣ, ଅବୈଧ ବସ୍ତି ନିର୍ମାଣ, ସନ୍ଦେହଜନକ ନକ୍ସଲ୍ ଗତିବିଧି ବିରୁଦ୍ଧରେ ନିର୍ଣ୍ଣାୟକ ପଦକ୍ଷେପ ଓ ବିପୁଳ ଜନ ସଚେତନତାର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ।

ଅସ୍ତାଚଳଗାମୀ ସୂର୍ଯ୍ୟ ପଶ୍ଚିମ ଆକାଶରେ ମନୋରମ ବର୍ଣ୍ଣ ଛିଟା ପ୍ରସ୍ତୁତ କରୁଥିଲେ। ପାହାଡ଼ ସନ୍ଧିରୁ ନିଗିଡ଼ି ଆସୁଥିବା ମନ୍ଦ ମନ୍ଦ ହେମାଳ ପବନରେ ଶିହରି ଉଠୁଥିଲା ଦେହ। ନୀଡ଼ଫେରନ୍ତା ପକ୍ଷୀମାନଙ୍କ କିଚିରିମିଚିରି ସ୍ୱର ଓ ପରସ୍ପର ଛନ୍ଦାଛନ୍ଦି ବୃକ୍ଷଲତାର ଦୋଳାୟମାନ ଶାଖା ପ୍ରଶାଖା ସୃଷ୍ଟି କରୁଥିଲା ଏକ ବିଦାୟୀ ସଂଗୀତର ସରଗମ୍। 'ସନ୍ଧ୍ୟା ହେବା ଆଗରୁ ଏ ଭିତରୁ ବାହାରି ଯିବା ଉଚିତ ହେବ ଆଜ୍ଞା' - ସୁରକ୍ଷା ଯବାନ ଅଧିକାରୀ ଚେତେଇଦେଲେ।

ସନ୍ଧ୍ୟା ନଇଁ କ୍ରମେ ଘୋର ଅନ୍ଧକାରର ଶୀତଳ ଗ୍ରାସରେ ଅଦୃଶ୍ୟ ହୋଇ ଯାଉଥିଲା ସୁନାବେଢ଼ା ଅଭୟାରଣ୍ୟ; ଅପେକ୍ଷା କରୁଥିଲା ଅନେକ ସମ୍ଭାବନାର ପ୍ରତିଶ୍ରୁତି ଭରା ଗୋଟିଏ ନୂତନ ସୂର୍ଯ୍ୟୋଦୟକୁ!! ●

ପରାମର୍ଶଦାତା, ଦୂରସଞ୍ଚାର ବିଭାଗ,
ଭାରତ ସରକାର, ଭୁବନେଶ୍ୱର
ମେଲ୍- pkmoha63@yahoo.co.in
ମୋ. - ୯୪୩୭୫୭୮୩୧୧

# ଭାରତୀୟ ଗଣତନ୍ତ୍ର ଓ ଆମ୍ବେଦକର

ଡ. ମାନସ ବେହେରା

ଭାରତର ଗଣତନ୍ତ୍ରକୁ ଶକ୍ତିଶାଳୀ, ବ୍ୟାପକ ଓ ଗଭୀର କରିବା ପାଇଁ ଯେଉଁମାନଙ୍କର ଅବଦାନ ରହିଛି, ସେମାନଙ୍କ ମଧ୍ୟରୁ ଡକ୍ଟର ଭୀମ ରାଓ ଆମ୍ବେଦକର ଅନ୍ୟତମ। ସଂପ୍ରତି ଦେଶର ସବୁ ବିଚାରଧାରାର ଲୋକେ-ଉଦରବାଦୀଠାରୁ ରକ୍ଷଣଶୀଳ ପର୍ଯ୍ୟନ୍ତ, ବାମପନ୍ଥୀଠୁ ଦକ୍ଷିଣପନ୍ଥୀ ପର୍ଯ୍ୟନ୍ତ, ତାଙ୍କର ଜୟଗାନ କରୁଛନ୍ତି। ଏହା ତାଙ୍କ ଆଦର୍ଶ ଓ ବିଚାରର ଶକ୍ତି ତଥା ସାଂପ୍ରତିକ ପରିସ୍ଥିତିରେ ତାହାର ପ୍ରାସଙ୍ଗିକତାକୁ ପ୍ରତିଫଳନ କରୁଛି। ଆଜି ଆମ ଦେଶର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ପକ୍ରିୟା ବିଭିନ୍ନ କାରଣରୁ ସଙ୍କଟ ଗ୍ରସ୍ତ। ଏପରି ସ୍ଥିତିରେ ଆମ୍ବେଦକରଙ୍କ ବିଚାର ଓ ସଂଘର୍ଷ ତାଙ୍କ ସମୟଠୁ ଅଧିକ ପ୍ରାସଙ୍ଗିକ ଅଟେ। ଭାରତୀୟ ସମାଜର ବସ୍ତୁଗତ ଅବସ୍ଥାକୁ ନେଇ ସେ ଗଣତନ୍ତ୍ରର ବିକାଶ ପାଇଁ ସୃଜନଶୀଳ ଅବଦାନ ରଖିଛନ୍ତି। ଯେଉଁମାନେ ଅତୀତରେ ତାକୁ ତୀବ୍ର ସମାଲୋଚନା କରି 'ମିଥ୍ୟା ଭଗବାନ'ର ଆଖ୍ୟା ଦେଇଥିଲେ, ସେମାନେ ଆଜି ତାଙ୍କୁ କୋଳେଇ ନେଉଛନ୍ତି। ଏଣୁ ଭାରତରେ ଗଣତନ୍ତ୍ର ଓ ଏହାର ସୁରକ୍ଷା ପାଇଁ ତାଙ୍କ ବିଚାରର ଆଜି ଆବଶ୍ୟକତା ଅଛି।

ଆମ୍ବେଦକରଙ୍କ ମତରେ ଗଣତନ୍ତ୍ର ଗତିଶୀଳ, ସ୍ଥିର ନୁହେଁ। ଏହା କେବଳ ଏକ ସରକାରର ରୂପରେଖରେ ସୀମିତ ନୁହେଁ। ସାଧାରଣ ମଣିଷର ସାମାଜିକ-ଅର୍ଥନୈତିକ ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏହା ଏକ ଶାନ୍ତିପୂର୍ଣ୍ଣ ବ୍ୟବସ୍ଥା। ଗଣତନ୍ତ୍ରର ସଫଳତା ପାଇଁ ସେ ବିଭିନ୍ନ ଉପାଦାନ କଥା ଉଲ୍ଲେଖ କରିଛନ୍ତି ଯଥା ସମାନତା, ଶକ୍ତିଶାଳୀ ବିରୋଧୀପକ୍ଷ, ଆଇନ ଓ ପ୍ରଶାସନର ନିରପେକ୍ଷ କାର୍ଯ୍ୟକାରିତା ଓ ସାମ୍ବିଧାନିକ ନୈତିକତା ତଥା ସଂଖ୍ୟାଲଘୁ ନିରାପତ୍ତା। ତାଙ୍କ ମତରେ ସାମାଜିକ ବିବେକ ଓ ନୈତିକ ଶୃଙ୍ଖଳା ଗଣତନ୍ତ୍ରର ସମ୍ପ୍ରସାରଣ ପାଇଁ ଏକାନ୍ତ ଜରୁରୀ। ସାମାଜିକ ବିବେକର ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ ସେ କହିଛନ୍ତି, ପ୍ରତ୍ୟେକ ଅନ୍ୟାୟ ବିରୋଧରେ ଯେଉଁ ବିବେକ ଆନ୍ଦୋଳିତ ହୁଏ ଓ ନିଜେ ଅନ୍ୟାୟର ଶିକାର ବିରୋଧରେ ମଧ୍ୟ ପ୍ରତିବାଦ କରିବାକୁ ଆଗଭର ହୁଏ, ତାକୁ ସାମାଜିକ ବା ସାଧାରଣ ବିବେକ କୁହାଯାଏ। ଏହା ବିନା ଗଣତନ୍ତ୍ର ଖଣ୍ଡବିଖଣ୍ଡିତ ହୋଇଯିବ। ଗଣତନ୍ତ୍ର ପ୍ରତି ଏହା ତାଙ୍କର ବୈପ୍ଳବିକ ଦୃଷ୍ଟିଭଙ୍ଗୀ। ସଂପ୍ରତି ବିଶ୍ୱବ୍ୟାପୀ ଜନଗଣ ବିମୁଖୀତର ଶିକାର ହେଉଛନ୍ତି, ଯାହା ଗଣତନ୍ତ୍ର ପାଇଁ ବିପଦଜନକ। ଜଗତୀକରଣ ଯୁଗରେ ଆଜି ମଣିଷ ସାଧାରଣ ସମସ୍ୟାଠାରୁ ଦୂରେଇ ଯାଉଛି। ଏ ପରିପ୍ରେକ୍ଷୀରେ ତାଙ୍କ ବିଚାର ପ୍ରାସଙ୍ଗିକ।



ଆମ୍ବେଦକରଙ୍କ ଗଣତନ୍ତ୍ର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପର୍ଯ୍ୟବସିତ। କାରଣ ସମାଜର ସବୁଠାରୁ ଶୋଷିତ ଓ ବଞ୍ଚିତମାନଙ୍କ ପାଇଁ ବ୍ୟବସ୍ଥାରେ ସ୍ଥାନ ସୃଷ୍ଟି କରିବା ଏହାର ଲକ୍ଷ୍ୟ। ଗଣତନ୍ତ୍ରର ସାମାଜିକ ଓ ଅର୍ଥନୀତିକ ଭିତ୍ତି ଗଭୀର ଓ ବ୍ୟାପକ ନହେଲେ, ରାଜନୀତିକ ଗଣତନ୍ତ୍ର ତିଷ୍ଠିପାରିବ ନାହିଁ ବା ତିଷ୍ଠି ରହିଲେ ମଧ୍ୟ ସୀମିତ ହୋଇ ରହିବ। ୧୯୪୬ ମସିହାରେ ସମ୍ବିଧାନର ଲକ୍ଷ୍ୟ ସମ୍ପର୍କିତ ପ୍ରସ୍ତାବ ଉପରେ ନିଜର ମତ ରଖି ସେ କହିଥିଲେ ଯେ ଶିଳ୍ପ ଓ ଜମିର ଜାତୀୟକରଣ ବିନା ଦେଶରେ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ସମ୍ଭବ ନୁହେଁ। ଏଥିପାଇଁ ଏକ ସମାଜବାଦୀ ଅର୍ଥବ୍ୟବସ୍ଥା ଆବଶ୍ୟକ। ସାମାଜିକ ଓ ଅର୍ଥନୈତିକ ସମାନତା ବିନା ରାଜନୈତିକ ସମାନତା ମଧ୍ୟ ସମ୍ଭବ ନୁହେଁ। ସଂସଦୀୟ ଗଣତନ୍ତ୍ର ଅର୍ଥନୈତିକ ଅସମାନତା ଓ ଶୋଷଣକୁ ବିଚାରକୁ ନେଇ ନଥାଏ ଓ ଏହା ହିଁ ଏହାର ଦୁର୍ବଳତା ବୋଲି ସେ ମତବ୍ୟକ୍ତ କରିଥିଲେ।

ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଜୀବକୋଷ ପରି। ଏହା ଯେତେ ଶକ୍ତିଶାଳୀ ହେବ, ଗଣତନ୍ତ୍ରର ଶରୀର ସେତେ ସବଳ ହେବ। ସେ ଉଭୟ ସ୍ୱାଧୀନତା ଓ ସମାନତା ଉପରେ ସମାନ ଗୁରୁତ୍ୱାରୋପ କରିଛନ୍ତି। ସମାନତା ଅନୁପସ୍ଥିତିରେ ଅର୍ଥନୈତିକ ଭାବେ ଶକ୍ତିଶାଳୀ ଶ୍ରେଣୀ ମଧ୍ୟ ରାଜନୈତିକ ଭାବେ ଶକ୍ତିଶାଳୀ ହେବ ଓ ଶାସନ ଗାଦିରେ ବସିବା କେବଳ ଗଣତନ୍ତ୍ର ଚାଦର ଖଣ୍ଡେ ଘୋଡ଼ାଇ ହେବ। ଆଜିର ଜଗତୀକରଣ ଯୁଗରେ ଅର୍ଥନୈତିକ ଅସମାନତା ଅତ୍ୟାଚାରୀ ଅଟେ ଓ ଶ୍ରମିକମାନେ ଏହାର ଶିକାର। ଭାରତରେ ଶ୍ରମିକ ଶ୍ରେଣୀ ମୁଖ୍ୟତଃ ଦଳିତବର୍ଗର ଓ ସେମାନେ ଉଭୟ ଜାତିଗତ ଓ ଶ୍ରେଣୀଗ ଉତ୍ପୀଡ଼ନର ଶିକାର। ଏଥିପାଇଁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇ ସେ କହିଥିଲେ ଯେ ରାଜା, ରାଣୀଙ୍କ କାହାଣୀ ନ ପଢ଼ି କମ୍ୟୁନିଷ୍ଟ ଇସ୍ତାହାର ଆଦି ପୁସ୍ତକ ପଢ଼ନ୍ତୁ। ସେହିପରି ନାରୀମାନେ ନିଜର ସ୍ୱାମୀମାନଙ୍କର କ୍ରୀତଦାସ ନହୋଇ ସମାନତା ଅର୍ଜନ କରନ୍ତୁ ବୋଲି ସେ କହିଥିଲେ। ସେମାନେ ଅଧିକରୁ ଅଧିକ ରାଜନୈତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବା ଉଚିତ ବୋଲି ସେ ମତ ପ୍ରକାଶ କରିଥିଲେ। କାରଣ ପିତୃତନ୍ତ୍ର ଗଣତନ୍ତ୍ର ବିରୋଧୀ। ଘର ଭିତରେ ଗଣତନ୍ତ୍ର ନଥାଇ ସଂସଦ ରହିଲେ ଗଣତନ୍ତ୍ର ସଫଳ ହେବେ ନାହିଁ।

ଫାଶୀବାଦର ସେ ତୀବ୍ର ବିରୋଧୀ ଥିଲେ ଓ ଏହା ଗଣତନ୍ତ୍ରର ସର୍ବବୃହତ୍ ଶତ୍ରୁ ବୋଲି ସେ କହୁଥିଲେ। ଏହାର ବିଜୟ ହେଲେ ପୃଥିବୀରୁ ଗଣତନ୍ତ୍ର ଧ୍ୱଂସ ହୋଇଯିବ। ଏଥିପାଇଁ ଏହା ବିରୁଦ୍ଧରେ ଆଗେଇ ଆସିବାକୁ ସେ ସବୁ ଭାରତୀୟଙ୍କୁ ଆହ୍ୱାନ ଦେଇଥିଲେ। ଜାତିପ୍ରଥା ଥାଇ ଗଣତନ୍ତ୍ର ସଫଳ ହେବେନାହିଁ ବୋଲି ତାଙ୍କର ବିଶ୍ୱାସ ଥିଲା। ଜାତିପ୍ରଥା କେବଳ ରାଷ୍ଟ୍ରଦ୍ୱାରା ଧ୍ୱଂସ ହୋଇପାରିବ ନାହିଁ। ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ସେ ନିଜ ଜୀବନକୁ ସମ୍ପୃକ୍ତ ଉତ୍ସର୍ଗୀକୃତ କରିଥିଲେ। କାରଣ ଦେଶରେ ସମାନତା, ମାନବୀୟ ମର୍ଯ୍ୟାଦା ଓ ଗଣତନ୍ତ୍ର ପାଇଁ ଏହା ଜରୁରୀ। ଶୋଷଣ ଓ ଅତ୍ୟାଚାରରୁ ମୁକ୍ତି ଏହି ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଯଦି ସମାଜ ଗଣତାନ୍ତ୍ରିକ ହେବ, ତାହେଲେ ପ୍ରତ୍ୟକ ବ୍ୟକ୍ତିର ପ୍ରତିଭା ଉନ୍ମୋଚିତ ହେବାରେ ସୁଯୋଗ ମିଳିବ। ଏହାକୁ ଜାତି, ଧର୍ମ, ଲିଙ୍ଗ ଆଦି ନାଁରେ ସୀମିତ କରିବା ଅର୍ଥ ଗଣତନ୍ତ୍ରକୁ ସୀମିତ କରିବା। ତାଙ୍କ ମତରେ ଅସମାନତା ଗଣତନ୍ତ୍ରର ମୃତ୍ୟୁର କାରଣ। ଆଜି ଜଗତୀକରଣ ସମୟରେ ଯେତେବେଳେ ଅର୍ଥନୈତିକ ଅସମାନତା ତୀବ୍ର ଓ ବର୍ବର, ଯେତେବେଳେ ଆମ୍ବେଦକର ଅଧିକ ପ୍ରାସଙ୍ଗିକ। ସାମ୍ବିଧାନିକ ନୈତକତା ବିନା ଗଣତନ୍ତ୍ର ସଫଳ ହେବ ନାହିଁ। କ୍ଷମତାରେ ଥିବା ଲୋକମାନେ ଏହାର ଅପବ୍ୟବହାର ନକରିବା ଉଚିତ ବୋଲି ସେ କହିଥିଲେ। ଭାରତୀୟ ସମ୍ବିଧାନର ବାର୍ତ୍ତା ଓ ଦର୍ଶନକୁ ବଜାୟ ରଖିବା ଓ ଶକ୍ତିଶାଳୀ କରିବା ଦେଶର ଗଣତନ୍ତ୍ର ପାଇଁ ପ୍ରାକ୍-ସର୍ତ୍ତ। ଏ ଦିଗରେ କାର୍ଯ୍ୟ କରିବା ତାଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ●

ମୋ.- ୮୭୬୩୯ ୯୧୭୭୯



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପୂର୍ବତଟ ରେଳପଥ ଜୋନ୍‌କୁ ଦୁର୍ବଳ କରୁଛି କେନ୍ଦ୍ର

ଭୁବନେଶ୍ୱର,୧୪।୪(ସମିସ): ଡବଲ ଇଞ୍ଜିନ ସରକାରରେ ପୂର୍ବତଟ ରେଳପଥ ଜୋନକୁ ଦୁର୍ବଳ କରାଯାଉଛି। ଓଡ଼ିଶାର ନ୍ୟାୟସଂଗତ ହକ୍‌କୁ କ୍ରମାଗତ ଭାବେ ଅବହେଳା କରାଯାଉଛି। ପୂର୍ବତଟ ରେଳପଥ ଜୋନ୍‌କୁ ପଙ୍ଗୁ କରିବାର

## ୧୬ରେ ମିଳିତ ବିରୋଧୀ ଦଳଙ୍କ ଗଣ ଧାରଣା

ଯେକୌଣସି ଚକ୍ରାନ୍ତ ବନ୍ଦ କରିବା ପାଇଁ ଆସନ୍ତା ୧୬ ତାରିଖରେ ମିଳିତ ବିରୋଧୀଦଳଗୁଡ଼ିକ ପକ୍ଷରୁ ଏକ ଗଣଧାରଣା କରାଯାଉଛି। ଆସନ୍ତା ୧୬ ଏପ୍ରିଲରେ ଭୁବନେଶ୍ୱରରେ ପୂର୍ବତଟ ରେଳପଥ ଜୋନ୍ ଅଫିସ (ରେଳ ସଦନ) ସମ୍ମୁଖରେ ଏହି ବିଶାଳ ଗଣ ଧାରଣା ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି।

ଏଥିରେ ମୁଖ୍ୟତଃ ୱାଲଟିୟର ରେଳ ଡିଭିଜନକୁ ପୂର୍ବତଟ ରେଳପଥ ଜୋନ୍‌କୁ ଫେରାଇବା, ପାଲାସା-ଇଚ୍ଛାପୁରମ୍ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଜୋନ୍‌ରୁ ଦକ୍ଷିଣ ଉପକୂଳ ରେଳପଥ ଜୋନ୍‌କୁ ସ୍ଥାନାନ୍ତରଣ ନିଷ୍ପତ୍ତି ପ୍ରତ୍ୟାହାର କରିବା, ଓଡ଼ିଶା ଭୂଖଣ୍ଡ ମଧ୍ୟରେ ଯାଉଥିବା ସମସ୍ତ ରେଳ ଅଞ୍ଚଳକୁ ପୂର୍ବତଟ ରେଳପଥ ଅଧୀନକୁ ଆଣିବା; ସୁନ୍ଦରଗଡ଼, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଓ ଝାରସୁଗୁଡ଼ା ଜିଲ୍ଲାର ରେଳ ଲାଇନ୍‌ଗୁଡ଼ିକୁ ତୁରନ୍ତ ପୂର୍ବତଟ ରେଳପଥ ଜୋନ୍‌ରେ ଅନ୍ତର୍ଭୁକ୍ତ କରିବା, ସୁନ୍ଦରଗଡ ଓ ଝାରସୁଗୁଡ଼ା ଜିଲ୍ଲାର ରେଳ ରୁଟ୍ ଗୁଡିକୁ ନେଇ ନୂତନ ରେଳ ଡିଭିଜନ ଗଠନ ସହିତ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ରେଳ ରୁଟ୍ ଗୁଡ଼ିକୁ ନେଇ ଅନ୍ୟ ଏକ ନୂତନ ରେଳ ଡିଭିଜନ ସ୍ଥାପନ କରିବା, ରେଳ ରାଜସ୍ୱ, ନିଯୁକ୍ତି ଓ ରେଳ ଭିତ୍ତିଭୂମି ଉନ୍ନତିରେ ଓଡ଼ିଶାକୁ ତାହାର ନ୍ୟାୟସଂଗତ ଅଧିକାର ଦେବା ଇତ୍ୟାଦି ଦାବି ଉପରେ ଏହିଗଣଧାରଣାଅନୁଷ୍ଠିତହେବବୋଲିନିଷ୍ପତ୍ତିହୋଇଛି।



ଡବଲ ଇଞ୍ଜିନ ବିଜେପି ସରକାରକୁ ସତର୍କ କରିବା ପାଇଁ ଏହି ଆନ୍ଦୋଳନ ହେବାକୁ ନିଷ୍ପତ୍ତି ହୋଇଥିବା ବେଳେ ଏହା ପୂର୍ବରୁ ମିଳିତ ବିରୋଧୀ ଦଳମାନଙ୍କ ପକ୍ଷରୁ ମଙ୍ଗଳବାର ରାଜ୍ୟ ସିପିଆଇ(ଏମ୍) କାର୍ଯ୍ୟାଳୟରେ ଏକ ବୈଠକ ଆୟୋଜନ କରାଯାଇଥିଲା। ଏହି ବୈଠକରେ ରେଳ ସମ୍ପର୍କିତ ଅନେକ ଗୁରୁତ୍ୱପୂର୍ଣ୍ଣ ଦାବି ଉପରେ ଆଲୋଚନା କରାଯାଇଛି। ଏହି ମିଳିତ ବୈଠକରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବିଜେଡିର ନେତା ଲେନିନ ମହାନ୍ତି, ସିପିଆଇ ରାଜ୍ୟ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ରାଜ୍ୟ ନେତା ସୁର ଜେନା, ସିପିଆଇ(ଏମ) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଅଲି କିଶୋର ପଟ୍ଟନାୟକ, ସିପିଆଇ (ଏମଏଲ) ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ବରିଷ୍ଠ ନେତା ମହେନ୍ଦ୍ର ପରିଡ଼ା, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଆରଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

**ଆଇଏଏସ ଅଧିକାରୀ ଆରାଧନାଙ୍କ ବିରୋଧରେ ଠକେଇ ଅଭିଯୋଗ ଘଟଣା**

# ଜାତୀୟ ମାନବାଧିକାର କମିଶନରେ ମାମଲା

କଟକ,୧୪।୪(ସମିସ): ଓଡ଼ିଶା କ୍ୟାଡରର ଜଣେବରିଷ୍ଠଆଇଏଏସ୍ଅଧିକାରୀଆରାଧନା ଦାସଙ୍କ ବିରୋଧରେ ଆର୍ଥିକ ଠକେଇ ଅଭିଯୋଗ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆରସି)ରେ ମାମଲା ରୁଜୁ ହୋଇଛି। ଜଣେ ଭିନ୍ନକ୍ଷମ ବ୍ୟକ୍ତିଙ୍କଠାରୁ ୯୫ଲକ୍ଷଟଙ୍କା ଠକେଇକରିବା ଏବଂ ଜୀବନରୁ ମାରିଦେବାକୁ ଧମକ ଦେବା ନେଇ ରାଜ୍ୟ ଗୃହ ବିଭାଗ ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଆରାଧନାଙ୍କ ବିରୋଧରେ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୂଚନାଧିକାର କର୍ମୀ ଜୟନ୍ତ କୁମାର ଦାସଙ୍କ ପକ୍ଷରୁ ଏନ୍‌ଏଚ୍‌ଆରସିରେ ଅଭିଯୋଗ କରାଯାଇଛି। ପୁଲିସ ତଦନ୍ତରୁ ଆର୍ଥିକ କାରବାର ପ୍ରମାଣ ମିଳିଥିଲେ ମଧ୍ୟ ଜଣେ ପ୍ରଭାବଶାଳୀ ବ୍ୟୁରୋକ୍ରାଟ୍ ହୋଇଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗ ଅନୁମତି ପ୍ରଦାନ କରୁନାହାନ୍ତି। ଓଡ଼ିଶା ସରକାର ଜଣେ ଅଭିଯୁକ୍ତ ଆଇଏଏସ୍ ଅଧିକାରୀଙ୍କୁ ସୁରକ୍ଷା ଦେଉଥିବା ଆବେଦନକାରୀ ସୂଚନାଧିକାର କର୍ମୀ ଶ୍ରୀ ଦାସ ଅଭିଯୋଗ କରିଛନ୍ତି। ଏହି ଠକେଇ ମାମଲାର ତଦନ୍ତ ଏକ କେନ୍ଦ୍ରୀୟ ଏଜେନ୍ସି ଦ୍ୱାରା କରିବା, ପୀଡ଼ିତ ଭିନ୍ନକ୍ଷମ ଓ ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇବା, ଅଭିଯୁକ୍ତ ଆଇଏଏସ୍ ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ତାଙ୍କ ବିରୋଧରେ ମାମଲା ଚଳାଇବାକୁ ଅନୁମତି ପ୍ରଦାନ କରିବା ସହ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ପ୍ରାର୍ଥନା କରିଛନ୍ତି ଆବେଦନକାରୀ।

ମାମଲାରୁ ପ୍ରକାଶ ଯେ କଟକ ସିଡିଏ ଅଞ୍ଚଳରେ ଜମି ଯୋଗାଇଦେବା ଆଳରେ ଆଇଏଏସ୍ ଅଧିକାରୀ ଆରାଧନା ଭୁବନେଶ୍ୱର ଶୈଳଶ୍ରୀବିହାର ଅଞ୍ଚଳର ୫୮ ବର୍ଷୀୟ ଭିନ୍ନକ୍ଷମ କମଳ କୁମାର ଭାବସିଂକାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୯୫ ଲକ୍ଷ ଟଙ୍କା ହଡ଼ପ କରିଥିବା ନେଇ କଟକ ସିଡିଏ ଫେଜ୍-୨ ଥାନାରେ ଗତ ଫେବୃଆରୀ ୫ରେ ଏକ ମାମଲା ରୁଜୁ ହୋଇଥିଲା।

**ଭାରତରତ୍ନ ଡ. ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ**

# ଆମ୍ବେଦକର ଏକ ନାମ ନୁହେଁ, ଏକ ବିଚାରଧାରା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୪।୪(ସମିସ): ଆମ୍ବେଦକର କେବଳ ଏକ ନାମ ନୁହେଁ, ଏହା ଏକ ବିଚାରଧାରା, ଯାହା ସମାନତାର ପଥ ପ୍ରଦର୍ଶନ କରେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ରାମଜୀ ଆମ୍ବେଦକରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ

## ଖୁବ୍‌ଶୀଘ୍ର ଭୁବନେଶ୍ୱରରେ ନିର୍ମାଣ ହେବ ଆମ୍ବେଦକର ଭବନ

ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଖାରବେଳ ନଗରଠାରେ ଖୁବ୍‌ଶୀଘ୍ର ଆମ୍ବେଦକର ଭବନ ନିର୍ମାଣ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ସାଧାରଣ ପ୍ରଶାସନ ବିଭାଗକୁ ଏହାର ଡିପିଆର ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

ମଙ୍ଗଳବାର ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ମୁଖ୍ୟମନ୍ତ୍ରୀ ଆମ୍ବେଦକରଙ୍କ ଜୀବନ ସଂଘର୍ଷ ଓ ଶିକ୍ଷା ପ୍ରତି ତାଙ୍କର ନିଷ୍ଠାକୁ ଉଲ୍ଲେଖ କରି କହିଛନ୍ତି ଯେ ବାବା ସାହେବ ସମାଜରେ ସମାନତା ଆଣିବା ପାଇଁ ଜୀବନଭରି ଲଢ଼େଇ କରିଥିଲେ। ଭାରତୀୟ ସମ୍ବିଧାନ ଦେଶର ପ୍ରତ୍ୟେକ




ନାଗରିକଙ୍କୁ ସମାନ ଅଧିକାର ଓ ନ୍ୟାୟ ଦେଇଛି। ସମତା ଓ ନ୍ୟାୟଭିତ୍ତିକ ସମାଜ ଗଠନ ହିଁ ବାବା ସାହେବଙ୍କ ପ୍ରତି ସର୍ବଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପରିଷଦ ସଭ୍ୟ ଭୀମସେନ ବିଜେଡିରୁ ନିଲମ୍ବିତ

କଣାସ, ୧୪।୪(ସମିସ): କଣାସ ବ୍ଲକ୍ ୪ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ଭୀମସେନ୍ ପାଇକରାୟଙ୍କୁ ବିଜେଡିରୁ ନିଲମ୍ବିତ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ବିଜୟ ନାୟକ ଏହି ଆଦେଶ ଜାରି କରିଛନ୍ତି।



ଭୀମସେନ୍ ୨୦୨୨ରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଟିକଟରେ ଲଢ଼ି ୨୦୦ଭୋଟ୍‌ରେ ବିଜୟୀ ହୋଇଥିଲେ। ସାଧାରଣ ନିର୍ବାଚନ ପରେ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ଓ ଭୀମସେନ୍‌ଙ୍କ ଭିତରେ ସୁ-ସମ୍ପର୍କ ରହିନଥିଲା। ଭୀମସେନ୍ ଦଳବିରୋଧୀ କାମ କରୁଥିବା ଉମା ହାଇକମାଣ୍ଡଙ୍କୁ ଜଣାଇଥିଲେ। ପରେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି।

# ପୁଣି ୧ କୋଟିର ଗଞ୍ଜେଇ ଜବତ

ଲମତାପୁଟ ୧୪।୪ (ସମିସ): ସୋମବାର ସନ୍ଧ୍ୟାରେ କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅଧୀନ ଆନ୍ଧ୍ର ସୀମାନ୍ତ ସାବୁନ ଓ ଲାମ୍ବଡୁ ଗ୍ରାମ ନିକଟରେ ଏକ ଘରୁ ମୋଟ ୧୦୭ଟି ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ଥିବା ୧ ଟନ୍ ୬୦୨ କେଜି ଗଞ୍ଜେଇକୁ ଜବତ କରିଛି ମାଛକୁଣ୍ଡ ପୁଲିସ। ଏହାର ମୂଲ୍ୟ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବିଶେଷ ସୂତ୍ରରୁ ଖବର ପାଇ ମାଛକୁଣ୍ଡ ଆଇଆଇସି କୁଳମଣି ବୁର୍ଦା ଓ ଲମତାପୁଟ ଏସ୍‌ଆଇ ଶିଶିରକାନ୍ତ ଘୋଷଙ୍କ ନେତୃତ୍ୱରେ ମାଛକୁଣ୍ଡ



ଓ ଲମତାପୁଟ ପୁଲିସ ମିଳିତ ଭାବେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଘଟଣାସ୍ଥଳରେ ଚଢ଼ଉ କରିଥିଲେ। ପୁଲିସ ସେଠାରେ ପହଞ୍ଚିବା ପୂର୍ବରୁ ଆଗୁଆ ଖବର ପାଇଁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ହୋଇଯାଇଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଏନେଇ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଥିବା ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

# ଅବଶିଷ୍ଟାଂଶ...

### ହର୍ମୁଜ ଘେରିଲା ଆମେରିକା...

ସୂତ୍ରୀ ପ୍ରସ୍ତାବ ଦେଇଛି। ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ସମସ୍ତ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷାକୁ ସମ୍ମାନ ଦେବାକୁ ପ୍ରସ୍ତାବ ଦେବା ସହ ଜଙ୍ଗଲରାଜ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ସମ୍ପ୍ରତି ଆମେରିକା-ଇସ୍ରାଏଲ୍ ଆକ୍ରମଣ ଓ ହର୍ମୁଜ୍ ଉପରେ ଆଧିପତ୍ୟ ଯୋଗୁଁ ଇରାନର ପ୍ରାୟ ୨୭୦ ବିଲିଅନ ଡ଼ଲାର କ୍ଷତି ହୋଇଛି ବୋଲି କୁହାଯାଉଛି। ପୁନଶ୍ଚ ତୈଳ ବିକ୍ରି କଟକଣା ଯୋଗୁଁ ଇରାନ ଦୈନିକ ବିପୁଳ କ୍ଷତିର ସମ୍ମୁଖୀନ ହେଉଛି। ଏହି ସମୟରେ ଆମେରିକା ରାଷ୍ଟ୍ରପତି ପୁଣିଥରେ ଯୁଦ୍ଧ ବିରତି ଆଲୋଚନା ହୋଇପାରେ ବୋଲି ଇଙ୍ଗିତ ଦେଇଛନ୍ତି। ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା ପାଇଁ ଇସଲାମାବାଦ ବା ଜେନେଭାରେ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ମାତ୍ର ଇରାନ ଏହି ପ୍ରସଙ୍ଗରେ ଆମେରିକାକୁ ବିଶ୍ୱାସକୁ ନେଇପାରୁ ନାହିଁ। ଆଲୋଚନା ବଦଳରେ ଆମେରିକା ଇରାନ୍ ଉପରେ ନିଜର ସର୍ତ୍ତ ଲାଗୁ କରିବାକୁ ଚାହୁଁଛି ବୋଲି ଇରାନ ମନେ କରୁଛି।

### ୮୫୦କୁ ବଢ଼ିବ...

ପ୍ରସ୍ତାବିତ ସୀମା ପୁନଃନିର୍ଦ୍ଧାରଣ ଓ ମହିଳା ଆସନ ସଂରକ୍ଷଣ ବିଲ ନେଇ ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ମହିଳା ଆସନ ସଂରକ୍ଷଣ ବିଲ୍ ଅପେକ୍ଷା ସରକାର ସୀମା ପୁନଃନିର୍ଦ୍ଧାରଣ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ସେ ଆହୁରି ପ୍ରଶ୍ନ କରିଛନ୍ତି ଯେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଆସନ୍ତା ୨୩ ଏବଂ ୨୯ ତାରିଖରେ ହେବାକୁ ଯାଉଥିବା ବେଳେ ଏହାପୂର୍ବରୁ ୧୬ ତାରିଖରେ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇବା ପଛରେ ରହସ୍ୟ କଣ? ସେ ଆହୁରି କହିଛନ୍ତି ଯେ ସମ୍ବିଧାନ ସଂଶୋଧନ ବିଲ୍ ପାସ୍ କରାଇବାକୁ ହେଲେ ସଂସଦରେ ଦୁଇ ତୃତୀୟାଂଶ ସଭ୍ୟଙ୍କ ସମର୍ଥନ ଦରକାର। ସରକାରଙ୍କ ପାଖରେ ଏହି ସଂଖ୍ୟା ନାହିଁ। ଏଥିପାଇଁ ବିରୋଧୀ ଦଳମାନଙ୍କ ସମର୍ଥନ ଜରୁରୀ। କିନ୍ତୁ ସରକାର ବିରୋଧୀ ଦଳ ସହିତ କାହିଁକି ଆଲୋଚନା କରୁ ନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିଭଳି ଡିଏମ୍‌କେ ମୁଖ୍ୟ ତଥା ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଏବଂ ସ୍ୱାଧୀନ ସାଂସଦ କପିଲ ଶିବଲ ମଧ୍ୟ ସରକାରଙ୍କ ଆନ୍ତରିକତା ନେଇ ପ୍ରଶ୍ନ ଉଠାଇଛନ୍ତି। ପଶ୍ଚିମବଙ୍ଗ ଏବଂ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ପ୍ରଚାର ଅଭିଯାନ ଚାଲିଥିବା ବେଳେ ସରକାର ତରବର ହୋଇ କାହିଁକି ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହି ଦୁଇ ରାଜ୍ୟରେ ବିଜେପିର ସ୍ଥିତି ଠିକ୍ ନଥିବା ବେଳେ ତୃଣମୂଳ କଂଗ୍ରେସ ଓ ଡିଏମେକକୁ ଅଡୁଆରେ ପକାଇବା ଲାଗି ସରକାର ଚକ୍ରାନ୍ତ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଏହାସହିତ ସେମାନେ ଅଭିଯୋଗ କରିଛନ୍ତି ଯେ ସରକାର ବିଜେପିକୁ ସୁହାଇଲା ଭଳି ଉତ୍ତର ଭାରତରେ ଲୋକସଭା ଆସନ ସଂଖ୍ୟା ଅଧିକ ବଢ଼ାଇବେ। ଅନ୍ୟପକ୍ଷରେ ଡିଏମ୍‌କେ ମୁଖ୍ୟ ଷ୍ଟାଲିନ୍ ଚେତାବନୀ ଦେଇଛନ୍ତି ଯେ ଉତ୍ତର ଭାରତ ତୁଳନାରେ ଦକ୍ଷିଣ ଭାରତକୁ କମ୍ ଆସନ ମିଳିଲେ ସରକାର ବିରୋଧରେ ବ୍ୟାପକ ଆନ୍ଦୋଳନ କରାଯିବ।

ଇତିମଧ୍ୟରେ ସୂଚନା ମିଳିଛି ଯେ ସୀମାପୁନଃନିର୍ଦ୍ଧାରଣ ଏବଂ ମହିଳା ଆସନ ସଂରକ୍ଷଣ ପ୍ରସ୍ତାବ ସଂପର୍କରେ ମିଳିତ ରଣନୀତି ଲାଗି କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେଙ୍କ ଦିଲ୍ଲୀ ବାସଭବନରେ ଇଣ୍ଡିଆ ମେଣ୍ଟ ନେତାମାନଙ୍କର ବୈଠକ ବସିବ। ଏଥିରେ କଂଗ୍ରେସ ସମେତ ଆପ୍, ଆରଜେଡି, ଡିଏମକେ ଏବଂ ତୃଣମୂଳ କଂଗ୍ରେସର ପ୍ରତିନିଧି ଯୋଗଦେବେ ବୋଲି ଜଣାପଡ଼ିଛି।

ଚିଠାପ୍ରସ୍ତାବରେ ଥିବା କେତେକ ବ୍ୟବସ୍ଥାକୁ ନେଇ ବିରୋଧୀ ଦଳ ଆପତ୍ତି ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ବର୍ତ୍ତମାନର ସମ୍ବିଧାନ ଅନୁଯାୟୀ, ୨୦୨୬ ପରବର୍ତ୍ତୀ ଜନଗଣନା ରିପୋର୍ଟ ଆସିବା ପୂର୍ବରୁ ସୀମା ନିର୍ଦ୍ଧାରଣ ହୋଇପାରିବ ନାହିଁ। କିନ୍ତୁ ପ୍ରସ୍ତାବିତ ବିଲ୍‌ରେ ସମ୍ବିଧାନର ଧାରା ୮୨ର ସଂଶୋଧନ କରି ଏହି ବାଧ୍ୟତାମୂଳକ ନିୟମକୁ ହଟାଇବାକୁ ପ୍ରସ୍ତାବ ଦିଆଯାଇଛି। ଫଳରେ ୨୦୨୬-୨୭ ଜନଗଣନା ପୂର୍ବରୁ ହିଁ ନୂତନ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଶେଷ କରାଯାଇପାରିବ। କେଉଁ ଜନଗଣନାକୁ ଆଧାର କରି ସୀମା ପୁନଃନିର୍ଦ୍ଧାରଣ କରାଯିବ, ସେସଂକ୍ରାନ୍ତରେ ସମ୍ବିଧାନରେ ଥିବା ବ୍ୟବସ୍ଥାକୁ ସରକାର ହଟାଇବାକୁ ପ୍ରସ୍ତାବ ଦେଇଥିବାରୁ ବିରୋଧୀ ଉଦବେଗ ପ୍ରକାଶ କରିଛନ୍ତି।

ସୀମା ପୁନଃ ନିର୍ଦ୍ଧାରଣ ପାଇଁ ସରକାର ଏକ କମିସନ ଗଠନ କରିବେ। ଏହି କମିସନଙ୍କୁ ଅଖଣ୍ଡ କ୍ଷମତା ଦିଆଯାଇଛି। ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ହେବାକୁ ଥିବା କମିସନରେ ମୁଖ୍ୟ ନିର୍ବାଚନ କମିସନର ଏବଂ ରାଜ୍ୟର ନିର୍ବାଚନ କମିଶସନର ଏହାର ସଦସ୍ୟ ରହିବେ। ପ୍ରତି ରାଜ୍ୟରୁ ୫ ଜଣ ସାଂସଦ ଏବଂ ୫ ଜଣ ବିଧାୟକ ସହଯୋଗୀ ସଦସ୍ୟ ଭାବେ କାର୍ଯ୍ୟ କରିବେ। କିନ୍ତୁ ସେମାନଙ୍କର ଭୋଟ ଦେବା ଅଧିକାର ରହିବ ନାହିଁ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଲୋକସଭା ଓ ବିଧାନସଭା ଆସନ ସଂଖ୍ୟା ନିର୍ଦ୍ଧାରଣ କରିବା ହେବ ଏହାର ମୁଖ୍ୟ କାମ। ମହିଳାମାନଙ୍କ ପାଇଁ ୩୩ % ଆସନ ସଂରକ୍ଷଣ ଓ ତାହାର 'ରୋଟେସନ' ବ୍ୟବସ୍ଥା ତଦାରଖ କରିବ ଏହି କମିସନ। କମିସନଙ୍କ ନିଷ୍ପତ୍ତି ଥରେ ଗେଜେଟ୍‌ରେ ପ୍ରକାଶ ପାଇବା ପରେ ତାହା ଆଇନରେ ପରିଣତ ହେବ। ଏହାକୁ କୌଣସି ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରିବ ନାହିଁ। ଏଭଳି ବ୍ୟବସ୍ଥାକୁ ବିରୋଧୀ ବିରୋଧ କରିଛନ୍ତି।

### ପହିଲି ବୈଶାଖରେ...

ଦୃଷ୍ଟାନ୍ତମୂଳକ ଭାବେ ବଢ଼ିବାରେ ଲାଗିଛି। ଅନ୍ୟପଟେ ଉପକୂଳ ଓଡ଼ିଶାରେ ଆର୍ଦ୍ରତା ଅଧିକ ରହୁଥିବା ହେତୁ ପ୍ରବଳ ଗୁଳୁଗୁଳି ସ୍ଥିତି ଜାରି ରହୁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ଉପକୂଳ ଓଡ଼ିଶାରେ ପ୍ରବଳ ଗୁଳୁଗୁଳି ଆଶଙ୍କା ରହିଛି। ଏହାପରେ ଅର୍ଥାତ ଗୁରୁବାରଠାରୁ ଆହୁରି ତାପମାତ୍ରା ବୃଦ୍ଧି ଫଳରେ ଅନେକ ସ୍ଥାନରେ ଗ୍ରୀଷ୍ମ ଲହରୀ ସ୍ଥିତି ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳି ଅଧିକ ରହିବା ସହ ଏଠାରେ ଉଷ୍ମ ଓ ଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ନେଇ ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ତେବେ ୧୭ ପରଠାରୁ ଅପରାହ୍ଣ ପରେ କିଛି କିଛି ସ୍ଥାନରେ କାଳବୈଶାଖୀ ଆଶଙ୍କା କରାଯାଇଛି। ଯଦିଓ କାଳବୈଶାଖୀ ଯୋଗୁଁ ଅପରାହ୍ଣ ପରେ ଗରମ ଗୁଳୁଗୁଳି ସ୍ଥିତିରେ ସାମାନ୍ୟ ସୁଧାର ଆସିବ, ମାତ୍ର ଦିନ ବେଳା ଗରମ ଗୁଳୁଗୁଳି ସ୍ଥିତି ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଆଠ ଦିନରେ...

୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ୨୪ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି୨୯ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିସନକୁ ଜଣାଇବା ପାଇଁ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଜିଲ୍ଲା ପରିଷଦ ସଦସ୍ୟ ଆସନ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ୩୦ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବାକୁ କୁହାଯାଇଥିଲା। ଏହା ବ୍ୟତୀତ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଆସନ ସଂରକ୍ଷଣ ଆଧାରରେ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ନିଷ୍ପତ୍ତି ହୋଇଥିଲା। ପୂର୍ବ ନିର୍ବାଚନ ସଂରକ୍ଷଣ ନୀତି ଅନୁସାରେ ସଂରକ୍ଷଣ ୫୦ ପ୍ରତିଶତ ଭିତରେ ରହିବ, ପଛୁଆ ବର୍ଗଙ୍କ ପାଇଁ ୨୭ ପ୍ରତିଶତ ଯାଏଁ ସଂରକ୍ଷଣ ରହିବ ବୋଲି ଚିଠିରେ ଦର୍ଶା ଯାଇଥିଲା। ଗତ ନିର୍ବାଚନରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ ଏଥର ମଧ୍ୟ ଏହି ନିୟମ ଅନୁପାଳନ କରାଯିବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସମସ୍ତ କାର୍ଯ୍ୟ ସମାପ୍ତ କରି ମାସ ଶେଷ ସୁଦ୍ଧା ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ସରକାର ଏବେ କାହିଁକି ପୁଣିଥରେ ଏହି ଘଟଣାରେ ପଛକୁ ହଟିଲେ ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

### କମିବ କୃଷି ଉତ୍ପାଦନ...

ଆଇନ କାନୁନ କ୍ଷେତ୍ରରେ ଉନ୍ନତି ଘଟିବ ଓ ବାରମ୍ବାର ଶାସକୀୟ ବିଭାଗର ଅଦଳବଦଳ ହେବ। ମାଓବାଦୀମାନଙ୍କୁ ଦମନ ସତ୍ତ୍ୱେ ହିଂସାକାଣ୍ଡ, ରକ୍ତପାତ, ଭ୍ରଷ୍ଟାଚାର, ନାରୀ ନିର୍ଯାତନା, ଚୋରି ଆଦି ବଢିବ। ସମଗ୍ର ରାଜ୍ୟ ତଥା ଦେଶରେ ଭୂକମ୍ପ, ଅଗ୍ନିଭୟ, କଳହ, ଦୁର୍ବୃତ୍ତମାନଙ୍କ ପ୍ରାଦୁର୍ଭାବ ରହିବ। ରାଜ୍ୟରେ ବିଶେଷକରି ପୂର୍ବ ଓଡ଼ିଶାରେ ମହାମାରୀ ରୋଗର ଆଶଙ୍କା ବୃଦ୍ଧି ପାଇବ। ପୂର୍ବ ଭାରତ, ପଶ୍ଚିମ ଭାରତ ଓ ଦକ୍ଷିଣ ଭାରତ ରାଜ୍ୟଗୁଡ଼ିକରେ ରୋଗ, ଦୁର୍ଭିକ୍ଷ, କଳହ, ହିଂସା, ରାହାଜାନୀ, ବାତ୍ୟା, ବନ୍ୟା ଆଦିର ସମ୍ଭାବନା ରହିଛି। ଅର୍ଥନୀତିରେ ଅଭିବୃଦ୍ଧି ହାର ବଢିବ। ଦେଶରେ ସର୍ପାଘାତ, ବାତରୋଗ, କରକାପାତ, ବାତ୍ୟା, ବନ୍ୟା ଆଦି ଦ୍ୱାରା ଜନସମୁଦାୟ ବହୁ ମାତ୍ରାରେ ପୀଡ଼ିତ ହେବେ। ବିରୋଧୀମାନଙ୍କ ଦୃଢ଼ ବିରୋଧ ସତ୍ତ୍ୱେ ଶାସକ ଦଳ ବିଭିନ୍ନ ଲୋକାଭିମୁଖୀ ଯୋଜନା ଆଣିବେ। ଚଳିତବର୍ଷ ପାଶ୍ଚାତ୍ୟ ଦେଶମାନଙ୍କରେ ଆମେରିକା ଭଳି ରାଷ୍ଟ୍ର ପ୍ରଭାବ ବିସ୍ତାର କରିବେ। ମୁସଲମାନ ଶାସିତ ଦେଶମାନଙ୍କରେ ନିଜ ନିଜ ମଧ୍ୟରେ ଅଶାନ୍ତି ଓ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହେବ। ବିକାଶଶୀଳ ରାଷ୍ଟ୍ରମାନଙ୍କର ହସ୍ତକ୍ଷେପ ଯୋଗୁଁ ସମସ୍ୟାର ଆଶୁ ସମାଧାନ ହେବ। ବିଶ୍ୱ ଅର୍ଥନୀତିରେ ଉନ୍ନତି ପରିଲକ୍ଷିତ ହେବ। କିନ୍ତୁ ଆମେରିକା, ଋଷ, ଇଂଲଣ୍ଡ ଭଳି ବିକଶିତ ରାଷ୍ଟ୍ରମାନଙ୍କ ଅର୍ଥନୀତିରେ ଅବନତି ଦେଖାଦେବ। ଚଳିତବର୍ଷ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟପରାଗ ଭାରତ ତଥା ଓଡ଼ିଶାରେ ଦୃଶ୍ୟମାନ ହେବ ନାହିଁ। ଏହି ପଞ୍ଜିକାରେ ବିବାହ, ବ୍ରତ, ଗୃହ ପ୍ରତିଷ୍ଠା ପ୍ରଭୃତି ଉଲ୍ଲେଖ ରହିଥିବାବେଳେ କେଉଁ ତିଥିରେ କେଉଁ ପର୍ବ ପାଳନ କରାଯିବ ତାହା ମଧ୍ୟ ଉଲ୍ଲେଖ କରାଯାଇଛି। ଏବର୍ଷ ବିଭିନ୍ନ ରାଶିର ବ୍ୟକ୍ତିମାନଙ୍କ ବିଂଶ୍ୱତରୀ ଗଣନାରୁ ଜଣାଯାଏ ମେଷ ୧୪ ଆୟ ୨ ବ୍ୟୟ, ବୃଷ ୮ ଆୟ ୫ ବ୍ୟୟ, ମିଥୁନ ୧୪ ଆୟ ୪ ବ୍ୟୟ, କର୍କଟ ୮ ଆୟ ୩ ବ୍ୟୟ, ସିଂହ ୧୧ ଆୟ ୨ ବ୍ୟୟ, କନ୍ୟା ୧୪ ଆୟ ୪ ବ୍ୟୟ, ତୁଳା ୮ ଆୟ ୫ ବ୍ୟୟ, ବିଛା ୧୪ ଆୟ ୨ ବ୍ୟୟ, ଧନୁ ୧୧ ଆୟ ୪ ବ୍ୟୟ, ମକର ୫ ଆୟ ୫ ବ୍ୟୟ, କୁମ୍ଭ ୫ ଆୟ ୫ ବ୍ୟୟ, ମୀନ ୧୧ ଆୟ ୪ ବ୍ୟୟ ହେବ ବୋଲି ଗବେଷକ ଡ. ଦାଶ କହିଛନ୍ତି।

### ମୁଖ୍ୟମନ୍ତ୍ରୀ ରୂପେ...

ବିହାରର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଛନ୍ତି। ନିକଟରେ ସେ ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିଛନ୍ତି। ନୂତନ ସରକାରଙ୍କୁ ତାଙ୍କର ସମ୍ପୂର୍ଣ୍ଣ ସହଯୋଗ ଏବଂ ମାର୍ଗଦର୍ଶନ ମିଳିବ ବୋଲି ନିଜର ଶେଷ କ୍ୟାବିନେଟ୍ ବୈଠକ ପରେ ସେ ସ୍ପଷ୍ଟ କରିଛନ୍ତି। ବିଦାୟୀ ଉପ-ମୁଖ୍ୟମନ୍ତ୍ରୀ ତଥା କୁର୍ମି ସମାଜର ଜଣେ ପ୍ରଭାବଶାଳୀ ନେତା ସମ୍ରାଟ ଚୌଧୁରୀଙ୍କୁ ବିଜେପି ବିଧାୟକ ଦଳର ନେତା ଭାବେ ସର୍ବସମ୍ମତି କ୍ରମେ ନିର୍ବାଚିତ କରାଯାଇଛି। ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ତାଙ୍କ ନାମ ଘୋଷଣା କରାଯାଇଛି। ଶ୍ରୀ ଚୌଧୁରୀ ବିହାରର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ସେ ଏକ ବିକଶିତ ବିହାରର ସ୍ୱପ୍ନକୁ ସାକାର କରିବା ପାଇଁ କାର୍ଯ୍ୟ କରିବାକୁ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଆଜି ଅପରାହ୍ଣରେ ଏନଡିଏ ବିଧାୟକ ଦଳର ବୈଠକରେ ନୂତନ ନେତାଙ୍କୁ ସମର୍ଥନ ଜଣାଇବା ପରେ ସରକାର ଗଠନ ପାଇଁ ଦାବି ଉପସ୍ଥାପନ କରାଯାଇଛି।

### ହୀରାକୁଦ ଶୃଙ୍ଖଳା...

ମହାନଦୀକୁ ନେଇ ଜଳ ବିବାଦ ଆରମ୍ଭ ହେବା ପରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ୨୦୧୮ ମସିହା ମାର୍ଚ୍ଚ ୧୧ ତାରିଖରେ ମହାନଦୀ ଜଳବିବାଦ ସମାଧାନ ଲାଗି କେନ୍ଦ୍ର ସରକାର ଟ୍ରିବୁନାଲ ଗଠନ କରିଥିଲେ। ଇତିମଧ୍ୟରେ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ତିନିଥର ବଢାଗଲାଣି। ଟ୍ରିବ୍ୟୁନାଲ ଗଠନ କରାଯିବାବେଳେ ତିନି ବର୍ଷ ଭିତରେ ଏହି ନଦୀ ଜଳ ବିବାଦ ସମାଧାନ କରିବାକୁ କୁହାଯାଇଥିଲା। ପରିବର୍ତ୍ତୀ ସମୟରେ ଦୁଇବର୍ଷ ଏବଂ ଆଉଥରେ ତିନିବର୍ଷ ଏହି ଟ୍ରିବ୍ୟୁନାଲର କାର୍ଯ୍ୟକାଳ ବଢିସାରିଛି। ଏବେ କେନ୍ଦ୍ର ସରକାର ପୁଣି ଏହାର କାର୍ଯ୍ୟକାଳ ଆଉ ୯ ମାସ ବଢାଇଛନ୍ତି। ଆଠବର୍ଷ ଭିତରେ ଜଳ ବିବାଦ ସମାଧାନ ହୋଇନାହିଁ, ଓଡ଼ିଶା ସପକ୍ଷରେ ଟ୍ରିବ୍ୟୁନାଲଙ୍କ ଠାରୁ କୌଣସି ମଧ୍ୟବର୍ତ୍ତୀକାଳୀନ ଆଦେଶ ମଧ୍ୟ ମିଳିନାହିଁ। ଓଡ଼ିଶାରେ ବିଜେଡି, କଂଗ୍ରେସ ସହ ମହାନଦୀ ବଞ୍ଚାଅ ଆନ୍ଦୋଳନଠାରୁ ଆରମ୍ଭ କରି ଅନ୍ୟ ସ୍ୱେଚ୍ଛାସେବୀମାନେ ଏହାକୁ ନେଇ ବାରମ୍ବାର ପ୍ରତିବାଦ କରିଛନ୍ତି; ହେଲେ ଟ୍ରିବ୍ୟୁନାଲର ସଦସ୍ୟ ଓ ଅନ୍ୟ ଅଧିକାରୀମାନେ ଏକାଧିକବାର ଓଡିଶା ଗସ୍ତରେ ଆସିବା ପରେ ଓଡ଼ିଶା ସପକ୍ଷରେ କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିକଟରେ ଟ୍ରିବ୍ୟୁନାଲର ସଦସ୍ୟ ଓ ଅଧିକାରୀମାନେ ହୀରାକୁଦ ଜଳଭଣ୍ଡାର ସମେତ ଶ୍ରୀକ୍ଷେତ୍ର ପୁରୀ ଓ ଚିଲିକା ଗସ୍ତରେ ଆସି ସ୍ଥିତି ପରଖି ଫେରିଥିଲେ ବି ସ୍ଥିତି ଯଥା ପୂର୍ବଂ ତଥା ପରଂ ହୋଇ ରହିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ କେନ୍ଦ୍ର ବିଜେପି ସରକାର ଓ ଛତିଶଗଡ଼ ବିଜେପି ସରକାରକୁ ତ୍ରିପଲ ଇଂଜିନ ସରକାର କୁହାଯାଉଛି। ଆପୋସ ଆଲୋଚନା ମାଧ୍ୟମରେ ଏହି ବିବାଦ ସମାଧାନ ନେଇ ବିଜେପି ଦାବି କରି ଆସୁଛି। ଏହାସହିତ ନଦୀଜଳ ବିବାଦ ସଂକ୍ରାନ୍ତରେ ଓଡିଶା ସରକାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗତବର୍ଷ ଡିସେମ୍ବର ମାସରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ କମିଟି ଗଠନ ବି କରିଛନ୍ତି। ମାତ୍ର କେନ୍ଦ୍ର ଇଞ୍ଜିନ୍ ଓ ଛତିଶଗଡ଼ ଇଞ୍ଜିନ ନିକଟରେ ଓଡ଼ିଶା ଇଞ୍ଜିନର ସ୍ୱର ଦିନକୁ ଦିନ କ୍ଷୀଣ ଓ ନିଷ୍ପ୍ରଭ ହୋଇ ଯାଉଛି।

**FOR SALE**
1 Number of Tractor – MAHINDRA 405 YUVO TRACTOR, Registration No.- OD-01- BC – 3545, Model- 2025, ENGINE NO – NRD7KAE0509, CHASSIS NO - MBNPFA FBERND06938, For Details, contact – 9437055763, 7656852396, SUNDARAM FINANCE LTD., First floor, Choudhury Nivas, SAHADEV KHUNTA, BALASORE, 756001, PH. NO- 06782-266658

**AFFIDAVIT**
I, Bahadur Marndi, resident of Vill. Gidighaty, P.O. Tarana, P.S. Tiring, Dist. Mayurbhanj, do hereby declare that my daughter's name in her Aadhaar Card No. 3594 5530 9254 has been wrongly mentioned as Namita Rani Marndi. Her correct name is **Namitarani Marndi.** Both names refer to one and the same person. This affidavit is made for correction of her name in official records.
**Deponent: Bahadur Marndi**

**AFFIDAVIT**
I DALI DEBENDRA REDDY S/O DALI GANAPATI, RESIDENT AT-PATRAPUR, GURUSETHI, PIN-761004, PS-JARADA, DIST-GANJAM, ODISHA DECLARE BY THIS AFFIDAVIT NO-322, DT 13.04.2026. THAT NOW ON WARDS I SHALL BE KNOWN AS **DALI DEBENDRA** FOR ALL FEATURES PURPOSES

**AFFIDAVIT**
By virtue of an affidavit sworn before the Executive Magistrate, Bhubaneswar, Vide no - 134, dated 08.04.2026, I, GITANJALI MAJHI, D/o- Ghasiram Majhi, At-Bhalidiha, Po-Saharpada, Dist. Kendujhar, hereby declare that my correct date of birth is 07.03.2007, instead of 31.05.2007 as recorded earlier in Aadhaar. Henceforth, **07.03.2007** shall be treated as my correct date of birth for all purposes.
**Sd/-GITANJALI MAJHI**

**AFFIDAVIT**
I DALI GANAPATI REDDY S/O CHENEYA, RESIDENT AT-PATRAPUR, GURUSETHI, PIN-761004, PS-JARADA, DIST-GANJAM, ODISHA DECLARE BY THIS AFFIDAVIT NO-327, DT 13.04.2026. THAT NOW ON WARDS I SHALL BE KNOWN AS **DALI GANAPATI** FOR ALL FEATURES PURPOSES

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 674, dated 10.04.2026, I, JAGABANDHU BHATRA, S/o - Late. Chaitan Bhatra, permanent resident of Village - Bhataguda, PO - Chirma, PS - Kodinga, Dist - Nabarangpur, Odisha, Pin - 754063, declare that I have changed the name of my Son from KHAGAPATI BHATRA to KHAGESWAR BHATRA. Henceforth, he shall be known as **KHAGESWAR BHATRA** for all purposes.
**Sd/- Jagabandhu Bhatra**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, Vide no - 675, dated 10.04.2026, I, ANAMU BHATRA, S/o - Late. Deba Bhatra, permanent resident of Village - Betal, PO - Betal, PS - Kodinga, Dist - Nabarangpur, Odisha, Pin - 754075, declare that I have changed the name of my Daughter from NANI BHATRA to BHAGABATI BHATRA. Henceforth, she shall be known as **BHAGABATI BHATRA** for all purposes.
**Sd/- Anamu Bhatra**

**AFFIDAVIT**
I, Lokeshwar Bisoi, aged about 40 years, S/o- Chandra Sekhar Bisoi, resident of At-Dhobasahi, Dist-Koraput, PIN- 764020, Odisha declared by this affidavit No. 761, dtd-13/04/2026 that now onwards I shall be known as **LOKESWAR BISOI** for all future purposes.

**ସାର୍ବଜନୀନ ସୂଚନା**
ମେସର୍ସ ରୁଙ୍ଗଟା ମାଇନ୍ସ ଲିମିଟେଡଙ୍କ କେନ୍ଦୁଡିହି ଉତ୍ତର ଆୟରନ ଓର ବ୍ଲକ୍, ଯାହା ଗ୍ରାମ: କେନ୍ଦୁଡିହି ଏବଂ ପଣ୍ଡୁଲିପାସି, ତହସିଲ: ବଡବିଲ୍, ଜିଲ୍ଲା: କେନ୍ଦୁଝର, ଓଡ଼ିଶା ରେ **187.862** ହେକ୍ଟର ଅଞ୍ଚଳରେ ଅବସ୍ଥିତ, ଏହାକୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରାଳୟ (**MoFE&CC**), ଭାରତ ସରକାର, ନୂଆଦିଲ୍ଲୀଙ୍କ ଦ୍ୱାରା ଫାଇଲ୍ ନମ୍ବର **IA-J-11015/74/2024-IA-II (NCM)**, ତାରିଖ **13.04.2026**ରେ ପରିବେଶୀୟ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ଅନୁସାରେ ପ୍ରତିବର୍ଷ **2.6** ମିଲିୟନ ଟନ୍ **(TPA) ROM** ଆୟରନ ଓର ଉତ୍ପାଦନ କରାଯିବ (ମୋଟ ଖନନ **4.0138** ମିଲିୟନ **TPA: 2.6** ମିଲିୟନ **TPA ROM** ଆୟରନ ଓର + ବର୍ଜ୍ୟ **1.4138** ମିଲିୟନ **TPA**)। ଏହି ପରିବେଶୀୟ ମଞ୍ଜୁରୀ ଏକ ନକଲ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଏବଂ **MoEF&CC** ର ୱେବସାଇଟ୍ (**https://parivesh.nic.in/**)ରେ ଉପଲବ୍ଧ ଅଛି।

ସକାଳ THE SAKALA



www.sakalaepaper.com

# ଶିକ୍ଷକ ଅଭାବରୁ ବନ୍ଦ ହେଲା ରାମରାଙ୍ଗ ସ୍କୁଲ

## ପଦାରେ ପଡିଲା ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନତା




ନିଶ୍ଚିନ୍ତକୋଇଲି,୧୪।୪(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ପାଇଁ ଏହି ବ୍ଲକ ଅଧିନସ୍ଥ କଟିକଟା ପଞ୍ଚାୟତରେ ଥିବା ରାମରାଙ୍ଗ ଉପ୍ରା ମଇ ବିଦ୍ୟାଳୟ ଚଳିତ ଶିକ୍ଷା ବର୍ଷରେ ବନ୍ଦ୍ ହୋଇଯାଇଛି। ପାଠ ପଢାଇବା ପାଇଁ ଉପଯୁକ୍ତ ଶିକ୍ଷକ ଅଭାବରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ନାମ ନ ଲେଖାଇବା ଏବଂ ପୂର୍ବରୁ ପଢୁଥିବା ଛାତ୍ରଛାତ୍ରୀମାନେ ଟିସି ନେଇ ଅନ୍ୟତ୍ର ପଳାଇଯିବାରୁ ଏଭଳି ଅବସ୍ଥା ଦେଖାଦେଇଛି। ରାମରାଙ୍ଗ ଗ୍ରାମରେ ଛାତ୍ରଛାତ୍ରୀମାନଙ୍କର ସୁବିଧା ନିମନ୍ତେ ୧୯୮୭ ମସିହାରେ ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନେ ଏକ ନୂତନ ଭାବେ ଉପ୍ରା ମଇ ବିଦ୍ୟାଳୟ ଖୋଲି ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଛାତ୍ର ଛାତ୍ରୀମାନଙ୍କୁ ଶିକ୍ଷାଦାନ କରାଉଥିଲେ। କାଳକ୍ରମେ ଏହି ବିଦ୍ୟାଳୟଟି ସରକାରଙ୍କ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରାପ୍ତ ହେଲା। ବିଦ୍ୟାଳୟ ଖୋଲିବା ସମୟରେ ଏଥିରେ କୁଳମଣି ସାହୁ ପ୍ରଧାନଶିକ୍ଷକ ଭାବେ ରହିଥିବା ବେଳେ ପ୍ରମୋଦ କୁମାର ପଲେଇ ସହକାରୀ ଶିକ୍ଷକ ଏବଂ ମହମ୍ମଦ ସାବିର୍ ଅଲୀ ଉର୍ଦ୍ଦୁ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ଗତ ୨୦୦୮ ମସିହାରେ ଅସୁରେଶ୍ୱର ଦାଣ୍ଡଯାତ୍ରା ବାଣ ଦୁର୍ଘଟଣାରେ ପ୍ରଧାନଶିକ୍ଷକ ଶ୍ରୀ ସାହୁଙ୍କର ଅକାଳ ବିୟୋଗ ଘଟିବାରୁ ସେହିଦିନଠାରୁ ଶ୍ରୀ ପଲାଇ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହି ବିଦ୍ୟାଳୟକୁ ସୂଚାରୁ ରୂପେ ଚଲାଉଥିଲେ। ପ୍ରତ୍ୟେକ ବର୍ଷ ଏହି ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ୨୦ରୁ ୩୦ ଜଣ ଛାତ୍ରଛାତ୍ରୀ ନାମ ଲେଖାଇ ପାଠ ପଢୁଥିଲେ। ହେଲେ ଗତ ଏପ୍ରିଲ ୨୦୨୪ ରେ ଶିକ୍ଷକ ପ୍ରମୋଦ କୁମାର ପଲେଇ ଅବସର ଗ୍ରହଣ କରିବା ପରେ ଛାତ୍ର ଉପସ୍ଥାନ କମିବାକୁ ଲାଗିଲା। ବିଗତ ଦୁଇ ବର୍ଷ ହେବ ଏହି ବିଦ୍ୟାଳୟରେ ଜଣେ ମାତ୍ର ଉର୍ଦ୍ଦୁ ଶିକ୍ଷକ ରହିଥିବାରୁ ସେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ସମସ୍ତ ବିଷୟ ପଢାଇବା ପାଇଁ ସଂପୂର୍ଣ୍ଣ ଅକ୍ଷମ ହୋଇଥିଲେ। ଏହି ବିଦ୍ୟାଳୟକୁ ଶିକ୍ଷକ ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଗ୍ରାମବାସୀମାନେ ବାରମ୍ବାର ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ତାଙ୍କ କଥାକୁ କେହି ଶୁଣି ନ ଥିଲେ। ଶିକ୍ଷକଙ୍କ ଅଭାବରୁ ୨୦୨୪-୨୫ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ ୨ ଜଣ ବିଦ୍ୟାର୍ଥୀ ନାମ ଲେଖାଇଥିଲା ବେଳେ ସପ୍ତମ ଶ୍ରେଣୀରେ ୧୭ ଜଣ ଛାତ୍ରଛାତ୍ରୀ ରହିଥିଲେ। ଚଳିତ ଶିକ୍ଷା ବର୍ଷରେ ସପ୍ତମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ପାସ୍ କରି ଅଷ୍ଟମ ଶ୍ରେଣୀରେ ପଢିବା ପାଇଁ ପ୍ରମାଣପତ୍ର ନେଇଥିଲା ବେଳେ କେବଳ ଷଷ୍ଠ ଶ୍ରେଣୀରୁ ସପ୍ତମ ଶ୍ରେଣୀକୁ ପାସ୍ କରିଥିବା ଆଉ ଦୁଇ ଜଣ ଛାତ୍ରଛାତ୍ରୀ ରହିଥିଲେ। ଚଳିତ ଶିକ୍ଷା ବର୍ଷରେ ଷଷ୍ଠ ଶ୍ରେଣୀରେ କେହି ନାମ ନ ଲେଖାଇବାରୁ ଏହି ଦୁଇ ଜଣ ଛାତ୍ରଛାତ୍ରୀ ମଧ୍ୟ ସେମାନଙ୍କର ଟିସି ନେଇ ଅନ୍ୟ ବିଦ୍ୟାଳୟକୁ ଚାଲିଯାଇଛନ୍ତି। ଫଳରେ ବର୍ତ୍ତମାନ ଏହି ବିଦ୍ୟାଳୟଟିରେ ତାଲା ଝୁଲୁଛି। ବର୍ତ୍ତମାନ କାର୍ଯ୍ୟରତ ଏହି ବିଦ୍ୟାଳୟର ଉର୍ଦ୍ଦୁ ଶିକ୍ଷକ ଜଣକ କେବଳ ସ୍କୁଲକୁ ଆସି ବସି ବସି ଘରକୁ ଯାଉଥିବା ଦେଖାଯାଇଛି। ଏ ସଂକ୍ରାନ୍ତରେ ମଣ୍ଡଳ ଶିକ୍ଷା ଅଧିକାରୀ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ନ ନେବାରୁ ବିଦ୍ୟାଳୟଟି ସଂପୂର୍ଣ୍ଣ ବନ୍ଦ୍ ହୋଇଯାଇଥିବା ନେଇ ଗ୍ରାମବାସୀମାନଙ୍କ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

# ବେଣ୍ଟପଦାରେ ପ୍ରସିଦ୍ଧ ମେରୁ ମହୋତ୍ସବ

ଆଠଗଡ,୧୪।୪(ସମିସ): ଆଠଗଡ ବ୍ଲକର ବେଣ୍ଟପଦାରେ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତିକ ପ୍ରସିଦ୍ଧ ମେରୁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବିଗତ ୪ ଦିନ ହେବ ବେଣ୍ଟପଦା ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। ସୋମବାର ଏକ ଭକ୍ତିମୟ ତଥା ଆଧ୍ୟାତ୍ମିକ ପରିବେଶରେ ମା' କାଳିକା କାମନାଙ୍କ ପୀଠରେ ମେରୁ ବା ଝାମୁ ଯାତ୍ରା ଓ ଧୂଳି ଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଖରା ସମୟରେ ବ୍ରତଧାରୀମାନେ ଗରମ ଧୂଳିରେ ଗଡୁଥିବାରୁ ଏହାକୁ ଧୂଳି ଦଣ୍ଡ କୁହାଯାଇଥାଏ। ଚଳିତ ବର୍ଷ ୭୦ଜଣ ମାନସିକ ବ୍ରତଧାରୀ ବିଗତ ୧୩ ଦିନ ଧରି ଧୂଳିରେ ଗଡି ଧୂଳିଦଣ୍ଡ କରି ବ୍ରତ ସମାପନ କରିଥିଲେ। ସେହିପରି ୧୧ ଜଣ ମାନସିକ ବ୍ରତଧାରୀ ମା'ଙ୍କ ନିକଟରେ ଗୁହାରିଆ ପଡିଥିଲେ। ମେରୁ ଉପଲକ୍ଷେ କାଳିକା କାମନା ମନ୍ଦିରର ପୂଜକ ସଦାଶିବ ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାନୀତି ସମ୍ପନ୍ନ ପରେ ମା'ଙ୍କ ଆଜ୍ଞାମାଳ ନେଇ ୧୨ ଜଣ ମାନସିକ ବ୍ରତଧାରୀ ନିକଟସ୍ଥ ସାପୁଆ ନଦୀରେ ସ୍ନାନ ସାରି ପ୍ରଚଣ୍ଡ ଖରା ସମୟରେ ଝାମୁ ପଡିଆରେ ରଡ ନିଆଁ ଜଳୁଥିବା ଗାତରେ ଝାମୁ ଚାଲିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ହଜାର ହଜାର ଲୋକଙ୍କ ହୁଳହୁଳି ଓ ହରିବୋଲ ଧ୍ୱନୀରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିଲା। ବେଣ୍ଟପଦାର ଏହି ପ୍ରସିଦ୍ଧ ମେରୁ ଯାତ୍ରା ଉପଲକ୍ଷେ ଗତ ୪ ଦିନ ହେବ ବ୍ରହ୍ମଗିରିରୁ ଆସିଥିବା ମହିଳା କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ। ଏଥିସହିତ ସେଠାରେ ମୀନାବଜାର ପଡିଥିବାରୁ ବେଣ୍ଟପଦା ଓ ଆଖପାଖ ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ଭଳି କି ଭଳି ଦୋକାନ ବଜାରରେ କିଣାବିକା ଓ ଦୋଳି ଆଦିର ମଜା ନେଉଛନ୍ତି। ସର୍ବଶ୍ରୀ ଚୈତନ୍ୟ ବେହେରା, ବିଶ୍ୱନାଥ ସାହୁ, ସୋମନାଥ ବେହେରା, ପ୍ରମୋଦ ଚନ୍ଦ୍ର ସାହୁଙ୍କ ସମେତ ବେଣ୍ଟପଦା ଓ ଧନୁର୍ଜୟପୁରର ସମସ୍ତ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଏହି ମେରୁ ଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଛି। ସେହିପରି ଜ୍ଞାନ ରଞ୍ଜନ ସାହୁଙ୍କ ସମେତ ବେଣ୍ଟପଦାର ବହୁ ଯୁବ ସଦସ୍ୟ ମେରୁ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

# ବାଲିଶ୍ରାଦ୍ଧ ଦେଲେ ୫ ହଜାରରୁ ଊର୍ଦ୍ଧ୍ୱ ପରିବାର

ତିଗିରିଆ,୧୪।୪(ସମିସ): ପବିତ୍ର ମହାବିଷୁବ ସଂକ୍ରାନ୍ତି ଅବସରରେ ତିଗିରିଆ ବ୍ଲକ ଗଦାଧରପୁର ଶ୍ରୀ ରଘୁନାଥଜୀଉ ପୀଠ ସନ୍ନିକଟ ଖଳିନଦୀ ବାଲିତୁଠ ଠାରେ ପାରମ୍ପରିକ ସାମୁହିକ ବାଲିଶ୍ରାଦ୍ଧ ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ ପାଇଁ ପ୍ରସିଦ୍ଧ ନୂଆପାଟଣା ଓ ଜେମାଦେଇପୁର ଅଞ୍ଚଳର ହଜାର ହଜାର ଅଶ୍ୱିନୀ ବୈଷ୍ଣବ ଏବଂ ସରାକ ସମ୍ପ୍ରଦାୟର ପରିବାର ବର୍ଗ ନିଜର ସ୍ୱର୍ଗବାସୀ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ବାଲି ଶ୍ରାଦ୍ଧ କରି ପିଣ୍ଡଦାନ କରିଛନ୍ତି। ମଙ୍ଗଳବାର ପ୍ରତ୍ୟୁଷରୁ ପରିବାରଗୁଡ଼ିକ ପକ୍ଷରୁ ମୁଖ୍ୟ ପୁରୁଷ ଓ



ମହିଳା ସଦସ୍ୟମାନେ ଧୂପ, ଦୀପ, ନୈବେଦ୍ୟ, ମିଷ୍ଟାନ୍ନ, ଦୁବ ଅରୁଆ ଚାଉଳ ଆଣି ଖଳିନଦୀ ବାଲିତୁଠ ଠାରେ ବ୍ରାହ୍ମଣଙ୍କ ଦ୍ୱାରା ହୋମ ଓ ବୈଦିକ କର୍ମକାଣ୍ଡ କରାଇ ବାଲିଶ୍ରାଦ୍ଧ ପ୍ରଦାନ କରିଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଏହି ସମ୍ପ୍ରଦାୟର ପରିବାରଙ୍କ ପକ୍ଷରୁ ଏହି ବାଲି ଶ୍ରାଦ୍ଧ ପ୍ରଦାନ କରାଯାଇଥିଲା। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଏହି ବାଲି ଶ୍ରାଦ୍ଧ ଚାଲୁ ରହିଥିଲା। ନଦୀକୂଳରେ ଥିବା ବିଭିନ୍ନ ବୃକ୍ଷ ଛାଇ ତଳେ ବ୍ରାହ୍ମଣଙ୍କ ହୋମ ଓ ମନ୍ତ୍ର ଧ୍ୱନି ମଧ୍ୟରେ ପିଣ୍ଡଦାନର ପରମ୍ପରା ସ୍ୱର୍ଗବାସୀ ପୂର୍ବଜଙ୍କ ପ୍ରତି ରହିଥିବା ଶ୍ରଦ୍ଧା ଓ ସମ୍ମାନର ଆଧ୍ୟାତ୍ମିକ ସମାବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ ଯେ, ମାତା ସୀତା ଆଜିର ତିଥିରେ ଫଲ୍ଗୁ ନଦୀ କୂଳରେ ବାଲୁକା ଶଯ୍ୟାରେ ନିଜର ପିତୃପୁରୁଷଙ୍କୁ ଶ୍ରାଦ୍ଧ ପ୍ରଦାନ କରିଥିବାରୁ ସେହିଦିନ ଠାରୁ ଅଶ୍ୱିନୀ ବୈଷ୍ଣବ ଏବଂ ସରାକ ସମ୍ପ୍ରଦାୟର ଲୋକମାନେ ଏହି ଦିନ ନିଜ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେଉଥିବା ସୂଚନା ମିଳିଛି।

# କ୍ରିମିନାଲ କୋର୍ଟସ୍ ବାର ଆସୋସିଏସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ



କଟକ,୧୪।୪(ସମିସ): କ୍ରିମିନାଲ କୋର୍ଟସ୍ ବାର ଆସୋସିଏସନ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆସୋସିଏସନର ସଭାପତି ଆଇନଜୀବୀ ବାଦଲ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉଦଘାଟକ ରୂପେ ଅନୁସୂଚିତ ଜାତି ଓ ଜନଜାତି ସ୍ୱତନ୍ତ୍ର ଅଦାଲତର ବିଚାରପତି ସରୋଜିନୀ ପତି ଯୋଗଦେଇ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ସଭାରେ ମୁଖ୍ୟ ଅତିଥିରୂପେ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟବକ୍ତା ଭାବେ ବାରବାଟୀ-କଟକର ବିଧାୟିକା ଙ୍କ ସୋଫିଆ ଫିରଦୋସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ଅକ୍ଷୟ କୁମାର ପତି ଯୋଗଦେଇଥିଲେ। ବାର ସମ୍ପାଦକ ଆଇନଜୀବୀ ଗଦାଧର ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସଫଳତା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଆଇନଜୀବୀ ସୁବାଷ ଚନ୍ଦ୍ର ମହାନ୍ତି ସଭା ପରିଚାଳନା କରିଥିବା ବେଳେ ପ୍ରଦୀପ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପ ସଭାପତି ତାପସ କୁମାର ନାୟକ ଅତିଥିମାନଙ୍କୁ ଉପଢ଼ୌକନ ଦ୍ୱାରା ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ସ୍ମୃତି ରଞ୍ଜନ ରାଉତ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଆଇନଜିବୀ ଧ୍ରୁବଚରଣ ରାଉତ, ଅକ୍ଷୟ ନାୟକ, ଶରତ ଚନ୍ଦ୍ର ପ୍ରଧାନ, ଶୁଭ୍ରାଂଶୁ ଶେଖର ମହାନ୍ତି, ଶୁଭେନ୍ଦୁ ମହାନ୍ତି, ସତ୍ୟପ୍ରେମ ମହାନ୍ତି, ସମରେନ୍ଦ୍ର ମହାନ୍ତି, ପୁଲିନ ସ୍ୱାଇଁ, ସଂଗ୍ରାମ କେଶରୀ ଦାସ, ମହେନ୍ଦ୍ର କୁମାର ସୁବୁଦ୍ଧି ପ୍ରମୁଖ ସଭା ପରିଚାଳନା କରିଥିଲେ।

# ଚୌଦ୍ୱାରରେ ବିରାଟ ମହୋତ୍ସବ ଆୟୋଜନ ପ୍ରସ୍ତୁତି

ଚୌଦ୍ୱାର,୧୪।୪(ସମିସ): ଚୌଦ୍ୱାରରେ ବିରାଟ ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏ ସମ୍ପର୍କରେ ବିରାଟ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଆସନ୍ତା ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଏହି ମହୋତ୍ସବ ସ୍ଥାନୀୟ ଗାନ୍ଧିଛକ ସ୍ଥିତ ପୌର ଟାଉନହଲରେ ଅନୁଷ୍ଠିତ ହେବ। ପୂର୍ବରୁ ଏହା କପାଳେଶ୍ୱର ଖେଳପଡିଆରେ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଥିବା ବେଳେ ବିଭିନ୍ନ କାରଣକୁ ନେଇ ସ୍ଥାନ ପରିବର୍ତ୍ତନ କରାଯାଇଥିବା ଓ ଏଥି ନିମନ୍ତେ ସମସ୍ତ ଚୌଦ୍ୱାର ନଗରବାସୀ ସାହାଯ୍ୟ ଓ ସହଯୋଗ କରିବା ପାଇଁ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଶ୍ରୀକାନ୍ତ ପାକଳ, ସୁରେଶ ରାଉତରାୟ, ବିଷ୍ଣୁଚରଣ ପରିଡା, ସୁବାଷ ଦଳାଇ, ନାରାୟଣ ସ୍ୱାଇଁ, ପ୍ରଦ୍ୟୁମ୍ନ ତରାଇ, କଲିମ ଖାଁ ପ୍ରମୁଖ କର୍ମକର୍ତ୍ତା ସୂଚନା ଦେଇଛନ୍ତି।

# ପାଇକସାହି ଚୈତ୍ର ମହୋତ୍ସବ ଉଦଯାପିତ



କଟକ,୧୪।୪(ସମିସ): କଟକ ସଦର ଥାନା ଅଧୀନ ପାଇକସହିଠାରେ ଥିବା ଖେଳ ପଡିଆରେ ଆସନ୍ତା ଚୈତ୍ର ମହୋତ୍ସବ ଉଦଯାପିତ ହୋଇଯାଇଛି। କଟକ ମହାନଗର କୈବର୍ତ୍ତ ସଭା ଖାନନଗର, କଟକ ସହିତ ଅନୁବନ୍ଧିତ ନିଖିଳ ଓଡିଶା କୈବର୍ତ୍ତ ମହାସଭା ଯୋବ୍ରା, କଟକର ଦ୍ୱାରା ଆୟୋଜନ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥ ମନ୍ତ୍ରୀ ଶଶି ଭୂଷଣ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ମହାନଗର ନିଗମ ମେୟର ସୁବାସ ସିଂ, କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦୋଷ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସଭାପତି କୁଶ ସାହୁ, ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଅବିନାଶ ବେହେରା, ସଂଗଠନ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, ଜଗନ୍ନାଥ ପ୍ରସାଦ ବେହେରା, ହରେକୃଷ୍ଣ ବେହେରା, ଅଶୋକ ଦଳାଇ, ରାଜମୋହନ ସାହୁ, ସନ୍ତୋଷ ସାହୁ, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସାରଦା ପ୍ରସାଦ ବେହେରା, ସୂର୍ଯ୍ୟମଣି ବେହେରା, ଦେବେନ୍ଦ୍ର ବେହେରା, ସଚ୍ଚିଦାନନ୍ଦ ବେହେରା, ବିଜୟ ବେହେରା, ତ୍ରିଲୋଚନ ବେହେରା, ଟିକମ ବେହେରା, ଅଜୟ ବେହେରା, ନିଲୁରାମ ବେହେରା, ହୃଷୀକେଶ ବେହେରାଙ୍କ ସମେତ କଟକ ମହାନଗର କୈବର୍ତ୍ତ ସଭାର ସମସ୍ତ କର୍ମକର୍ତ୍ତା ଓ ପାଇକସାହିର ଯୁବକମାନେ ସହଯୋଗ କରିଥିଲେ।

# ଦୁର୍ଗାଦେବୀଙ୍କ ପୀଠରେ ଝାମୁଯାତ୍ରା



ତିଗିରିଆ,୧୪।୪(ସମିସ): ତିଗିରିଆ ବ୍ଲକର ପ୍ରମୁଖ ଶକ୍ତିପୀଠ ମହାନଦୀ କୂଳରେ ବିଜେ ମା ଦୁର୍ଗାଦେବୀଙ୍କ ପ୍ରସିଦ୍ଧ ଝାମୁ ଯାତ୍ରା ପବିତ୍ର ପଣା ସଂକ୍ରାନ୍ତିରେ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ପୀଠରେ ଠାକୁରାଣୀଙ୍କ ସ୍ୱତନ୍ତ୍ର ପୂଜା ସେବା ଅନୁଷ୍ଠିତ ହେବା ପରେ ମଧ୍ୟାହ୍ନରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋଟିଏ ୧୧ ହାତ ଝାମୁରେ ମାନସ ବିଶ୍ୱାଳ ଓ ନୀଳମଣି ସାମଲ, ୧୨୦ ହାତରେ ଛବିନ୍ଦ୍ର ସାମଲ ଝାମୁ ନିଆଁରେ ଚାଲିଥିଲେ। ପୀଠରେ ମୁଖ୍ୟ ସେବକ ସେବାୟତ ଶ୍ରୀନିବାସ ମହାପାତ୍ର, ଶଶୀ ଭୂଷଣ ମହାପାତ୍ର, କାଳେସୀ ପ୍ରକାଶ ରଣା, ସେବାୟତ ବୃନ୍ଦାବନ ରଣା, ଲକ୍ଷ୍ମୀଧର ରଣା, ମଙ୍ଗୁଳି ରଣା, ବିଜୟ ରଣା ପ୍ରମୁଖ ଦେବୀଙ୍କ ସମସ୍ତ ପାରମ୍ପରିକ ପୂଜା ନୀତି ସଂପାଦନ କରିଥିଲେ। ଗ୍ରାମ୍ୟ ସଭାପତି ମାୟାଧର ପତି, ବ୍ରଜବନ୍ଧୁ ପଣ୍ଡା, ପ୍ରତାପ ପତି ପ୍ରମୁଖ ଉପସ୍ଥିତ ରହି ଯାତ୍ରା ପରିଚାଳନା କରିଥିଲେ। ଝାମୁ ଯାତ୍ରା ଦେଖିବା ପାଇଁ ପୀଠରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ପୁରାତନ ଛାତ୍ରଙ୍କ ପକ୍ଷରୁ ରକ୍ତଦାନ ଶିବିର



ମାହାଙ୍ଗା,୧୪।୪(ସମିସ): କୋଠପଦା ସ୍ଥିତ ରଘୁନାଥ ବିଦ୍ୟାପୀଠ ପରିସରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଏବଂ ଗଣକବି ବୈଷ୍ଣବ ପାଣି କ୍ଲବ୍‌ର ମିଳିତ ଆନୁକୁଲ୍ୟରେ ଆୟୋଜିତ ଏହି ଶିବିରରୁ ମୋଟ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଅବସରରେ ଅତିଥିଭାବେ ଯୋଗଦେଇଥିବା ପୁରାତନ ଛାତ୍ର ଓ ସମାଜସେବୀମାନେ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ପୁରାତନ ଛାତ୍ର କିଶୋର ଚନ୍ଦ୍ର ଦାଶ, ମହେନ୍ଦ୍ର ମହାନ୍ତି, ସୁଧୀର ମହାନ୍ତି, ସାମାଜିକ କର୍ମୀ ଅଖିଳେଶ ମହାନ୍ତି, ପ୍ରଧାନଶିକ୍ଷକ ପ୍ରତାପ କିଶୋର ନାୟକ ଏବଂ ସମାଜସେବୀ ଅଫସର ତୁଲ୍ଲା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ହେମନ୍ତ ପ୍ରଧାନ, ଗଣେଶ ବିହାରୀ, ସୁଧାଂଶୁ ପାଣି, ଜିତେନ୍ଦ୍ର ନାଥ ମହାନ୍ତି, ବିଜୟ ମହାପାତ୍ର, ଅଜୟ ନନ୍ଦ, ଜଗନ୍ନାଥ ନାୟକ, ବାସୁଦେବ ପୃଷ୍ଟି, ପ୍ରିୟ ରଞ୍ଜନ ଦାସ, ଦୀପକ ରଞ୍ଜନ ଦାସ ଓ ନିରଞ୍ଜନ ମୁଦୁଲିଙ୍କ ସମେତ ବହୁ ବିଦ୍ୟାଳୟ ଶୁଭେଚ୍ଛୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଟକ ରେଡକ୍ରସ୍ ପକ୍ଷରୁ ଡାକ୍ତର ଅବିନାଶ ଦାସ, ଟେକ୍ନିସିଆନ ସୌମ୍ୟରଞ୍ଜନ ସାହୁ, ପ୍ରସନ୍ନ ସ୍ୱାଇଁ ଏବଂ ପିତାମ୍ବର ସ୍ୱାଇଁ ଶିବିରରେ ରକ୍ତ ସଂଗ୍ରହ କରିଥିଲେ। ସଂଗୃହିତ ରକ୍ତ କେନ୍ଦ୍ରୀୟ ରକ୍ତ ଭଣ୍ଡାରକୁ ଯୋଗାଇ ଦିଆଯିବ ବୋଲି ଡାକ୍ତରୀ ଦଳ ସୂଚନା ଦେଇଛନ୍ତି।

# ଆମ୍ବେଦକର ଜଣେ ବ୍ୟକ୍ତି ନୁହନ୍ତି, ଗୋଟେ ବିଚାରଧାରା












ତିଗିରିଆ,୧୪।୪(ସମିସ): ଆମ୍ବେଦକର ଜଣେ ବ୍ୟକ୍ତି ନୁହଁନ୍ତି ବରଂ ଏକ ବିରାଟ ବିଚାରଧାରା। ପ୍ରତିକୂଳ ପରିସ୍ଥିତିରେ ଶିକ୍ଷା ଗ୍ରହଣ କରି ପରବର୍ତ୍ତୀ ସମୟରେ ସମ୍ବିଧାନର ପ୍ରଣେତା ପାଲଟିଥିବା ବାବା ସାହେବ ଆମ୍ବେଦକରଙ୍କ ସଂଘର୍ଷପୂର୍ଣ୍ଣ ଜୀବନିକୁ ଆଜିର ଯୁବପୀଢି ଅନୁକରଣ କରିବାର ସମୟ ଏବେ ଉପନୀତ ହୋଇଛି ବୋଲି ମଙ୍ଗଳବାର ତିଗିରିଆ ବ୍ଲକ ସଦର ମହକୁମା ସ୍ଥିତ ଗାନ୍ଧୀ ସ୍ମୃତି ପଡିଆରେ ସୋମବାର ଭାରତର ସମ୍ବିଧାନ ପ୍ରଣେତା ଡଃ ଭୀମ ରାଓ ଆମ୍ବେଦକରଙ୍କ ୧୩୫ ତମ ଜୟନ୍ତୀ ପାଳନ ଅବସରରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଆଠଗଡ-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରକାଶ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଦଳିତ ଆଦିବାସୀ ମଞ୍ଚର ସଭାପତି ପ୍ରଫୁଲ୍ଲ ନାଏକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ସମାଜସେବୀ ସତ୍ୟବ୍ରତ ବାରିକ, ସମ୍ମାନୀତ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଭ୍ୟା ସସ୍ମିତା ରାଉତ, ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ, ବ୍ଲକ ଉପାଧ୍ୟକ୍ଷ ମାନସ ସାହୁ, ରାଜେଶ ନାଏକ, ନିରଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ଦୁଷ୍ମନ୍ତ ନାଏକ ସ୍ୱାଗତ ଭାଷଣ, ଦଳିତ, ଆଦିବାସୀ ଓ ପଛୁଆ ବର୍ଗ ମଞ୍ଚ ସମ୍ପାଦକ ଗଜେନ୍ଦ୍ର ଦଳେ ଧନ୍ୟବାଦ ଦେଇଥିଲେ। ହରେନ୍ଦ୍ର ଦଳେଇ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପାଳନ ଅବସରରେ ସକାଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ନୂଆପାଟଣା ସ୍ଥିତ ମା କଳାପାଟଙ୍କ ମନ୍ଦିର ଠାରୁ ଏକ ବିଶାଳ ମୋଟର ସାଇକଲ ରାଲିରେ ଗାନ୍ଧୀ ପଡିଆ ପର୍ଯ୍ୟନ୍ତ ଆୟୋଜନ କରାଯାଇଥିଲା।

**ଆଠଗଡ :** ଆଠଗଡ-ତିଗିରିଆ ଦଳିତ ଆଦିବାସୀ ବହୁଜନ ମଞ୍ଚ ଆନୁକୂଲ୍ୟରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବି.ଆର ଆମ୍ବେଦକରଙ୍କର ୧୩୫ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ପୂର୍ବାହ୍ନ ୧୧ଟା ସମୟରେ ଆଠଗଡ ସହର ଉପକଣ୍ଠ ସାପୁଆ ନଦୀ କୂଳରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆଠଗଡ ମହିଳା ମହାବିଦ୍ୟାଳୟ ନିକଟସ୍ଥ ମିନି ଷ୍ଟାଡିୟମ ଠାରେ ମଞ୍ଚର ସଭାପତି ତଥା ଆଠଗଡ ଏନ୍‌ଏସିର ପୂର୍ବତନ ନଗରପାଳ ରମେଶ ଚନ୍ଦ୍ର ଘଡେଇଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଆମ୍ବେଦକରବାଦୀ ଅଭିରାମ ମଲ୍ଲିକ, ଶିକ୍ଷାବିତ ତଥା ବିଶିଷ୍ଟ ସମାଜସେବୀ ସତ୍ୟବ୍ରତ ବାରିକ, ସମାଜସେବୀ ଉଜ୍ଜ୍ୱଳ ଭାରତୀ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ସମାଜରେ ବାବାସାହେବଙ୍କ ପ୍ରଣିତ ସମ୍ବିଧାନ ଯୋଗୁଁ ସାମାଜିକ ନ୍ୟାୟ ସମାନତା ଦେଖାଯାଇ ଭାରତୀୟ ସମାଜ ସମୃଦ୍ଧ ହୋଇଛି ବୋଲି ମତ ଦେଇଥିଲେ। ଛାତ୍ର ନେତା ଖଲ୍ଲିଦ ମହମ୍ମଦ ସ୍ୱାଗତ, ସମ୍ପାଦକ ରାଜେଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

**ନିଶ୍ଚିନ୍ତକୋଇଲି:** ନିଶ୍ଚିନ୍ତକୋଇଲିରେ ଥିବା ଭିମ୍ ଆର୍ମି ଭାରତ ଏକତା ମିଶନ, ବାମସେଫ୍ ଏବଂ ଏମ୍‌ଏସ୍‌ପି ସଂଗଠନର ମିଳିତ ଆନୁକୂଲ୍ୟରେ ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳନ କରାଯାଇଛି। ଦଳିତ ଖଟିଖିଆ ନେତା ବିପିନ ବିହାରୀ ମଲିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜସେବୀ ଦେବେନ୍ଦ୍ରନାଥ ବସ୍ତିଆ ଯୋଗଦେଇ ବ୍ଲକ ଛକ ନିକଟରେ ଥିବା ଆମ୍ବେଦକରଙ୍କ ବିରାଟକାୟ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ଦଳିତ ସଂପ୍ରଦାୟ ଓ ଜନସାଧାରଣ ଏକ ବିରାଟ ଶୋଭାଯାତ୍ରାରେ ବାରମାଣିଆ, କଟରପଡା, ବଡକ୍ଷୀର, ଗୋପପୁର, ଓଥକା ଆଦି ଗ୍ରାମ ପରିକ୍ରମା କରି ଜନସଚେତନତା କରାଇଥିଲେ। ଏହି ଅବସରରେ ସ୍ଥାନୀୟ ଆମ୍ବେଦକର ଭବନରେ ଏକ ସାଧାରଣ ସଭାରେ ଦଳିତ ନେତା ବିପିନ ବିହାରୀ ମଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଶ୍ରୀ ବସ୍ତିଆ, ମୁଖ୍ୟବକ୍ତା ଭାବେ ପ୍ରଶାସନିକ ଅଧିକାରୀ ମନ୍ମଥ ଦାସ, କରୁଣାକର ସାମଲ, ଭାସ୍କର ବେହେରା, ବଲ୍ଲଭ ଚରଣ ପଲେଇ, ରତ୍ନାକର ସେଠୀ, ଅରକ୍ଷିତ ମଲିକ, ମନୋରଂଜନ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପକ୍ଷରୁ ସଭାପତି ନାରାୟଣ ଦ୍ୱିବେଦୀଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ ଦାସ, ଜିଲ୍ଲା ଅନୁସୂଚିତ ଜାତି ଅଧ୍ୟକ୍ଷ ପ୍ରତାପ ମଲିକ, ଜିଲ୍ଲା ସାଧାରଣ ସଂପାଦକ ପ୍ରମୋଦ ପଣ୍ଡା, ଆଇନଜୀବୀ ଭାସ୍କର ବେହେରା, ସାଲେପୁର ବ୍ଲକ କଂଗ୍ରେସ ସଭାପତି ସରୋଜ କର, ଯୁବକଂଗ୍ରେସ ସଭାପତି ସେକ୍ ସଦାମ, ମହମ୍ମଦ ସମିମ୍, ବାନାମ୍ବର ଚାନ୍ଦ, ସର୍ବଜିତ୍ ଦାସ, ସୁଶୀଳ ଲେଙ୍କା, ରାଜକିଶୋର ରାଉତ, ସୁକାନ୍ତ ନନ୍ଦ ପ୍ରମୁଖ ଯୋଗଦେଇ ବ୍ଲକ ଛକଠାରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**କନ୍ଦରପୁର:** ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡଃ ଭୀମରାଓ ଆମ୍ବେଦକରଙ୍କ ୧୩୫ ତମ ଜନ୍ମ ଜୟନ୍ତୀ କଟକ ସଦର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବେଣ୍ଟକାର ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବ୍ଲକ କଂଗ୍ରେସ କମିଟି ସଭାପତି ସୀତାକାନ୍ତ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମ ଓ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ପ୍ରଦୀପ୍ତ ଦାସ ଯୋଗଦେଇ ବାବା ସାହେବ୍ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବାବା ସାହେବଙ୍କ ଅବିସ୍ମରଣୀୟ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ କଟକ ସଦର କଂଗ୍ରେସର ବରିଷ୍ଠ କଂଗ୍ରେସ ନେତା ରାମଚନ୍ଦ୍ର ଗୋଛାୟତ, ଜିଲ୍ଲା କଂଗ୍ରେସର ସାଧାରଣ ସମ୍ପାଦକ ବିପିନ ବିହାରୀ ପଶାୟତ, ଉଗ୍ରସେନ ଭୂୟାଁ, ଦୁର୍ଗାଶଙ୍କର ଦାଶ, ମଧୁସୂଦନ ସେନାପତି, ରବିନ୍ଦ୍ରନାଥ ଦାସ, ମିହିର ଦାସ, ଜୟନାରାୟଣ ତ୍ରିପାଠୀ, ନିର୍ମଳ ସ୍ୱାଇଁ, ରଜନୀକାନ୍ତ ବସ୍ତିଆ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ଦୁର୍ଗାଶଙ୍କର ଦାସ ଧନ୍ୟବାଦ ଦେଇଥିଲେ।

**ଚୌଦ୍ୱାର :** ଚୌଦ୍ୱାର ବିଜେପି ମଣ୍ଡଳ ତରଫରୁ ସମ୍ବିଧାନ ପ୍ରଣେତା ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମଣ୍ଡଳ ସଭାପତି ମମତା ବେହେରାଙ୍କ ପୌରହିତ୍ୟରେ ପୌରପାଳିକା ୧୭ନମ୍ବର ୱାଡର୍ ସୁଇପର କଲୋନୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପୂର୍ବତନ ଜିଲ୍ଲା ଉପସଭାପତି ପ୍ରଶାନ୍ତ ହୋତା, ହଂସଚରଣ ସାହୁ, ଗିରିଧାରୀ ଦଳାଇ, ପଦ୍ମ ଚରଣ ବେହେରା, ଦୁଃଶାସନ ମୁଦୁଲି, ସୁଧୀର ପ୍ରଧାନ ପ୍ରମୁଖ ଆମ୍ବେଦକରଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ସୁଇପର କଲୋନୀ ସାହି ମୁରବୀ ଗେଡ୍ଡୁ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୌତମ ସାହୁ, କ୍ରୀଷ୍ଣା ରାଓ, ବସନ୍ତ ବେହେରା, ବିଶ୍ୱ ବିହାରୀ ସ୍ୱାଇଁ, ସାରଦା ପ୍ରସାଦ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଓ ସାହି ବାସିନ୍ଦା ଏଥିରେ ଯୋଗଦେଇଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୨.୭୪ ● ପାଉଣ୍ଡ ୧୨୬.୧୪
- ୟୁରୋ ୧୦୯.୦୨ ● ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୪୧,୧୦୦ (ଭୁବନେଶ୍ୱର)
- ରୁପା: ୨,୬୫,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୬,୮୪୭.୦୦
- ନିଫ୍ଟି ୨୩,୮୪୨.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଆମେରିକାର ହରମୁଜ୍ ଅବରୋଧ

# ଦୈନିକ ଇରାନ୍ ସହିବ ୪୦୦୦ କୋଟି କ୍ଷତି

**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ମଧ୍ୟପ୍ରାଚ୍ୟ ସଙ୍କଟରେ ଆମେରିକା ଏବେ ଇରାନ ବନ୍ଦରଗୁଡ଼ିକୁ ଅବରୋଧ କରିବା ଆରମ୍ଭ କରିଛି। ଆମେରିକୀୟ ଜାହାଜ ହର୍ମୁଜ୍ ପ୍ରଣାଳୀ ନିକଟରେ ପହଞ୍ଚିଛି। ଆମେରିକାର ଏହି ଅବରୋଧ ଯୋଗୁଁ ଇରାନ ଦୈନିକ ବାଣିଜ୍ୟରେ ପ୍ରାୟ ୪୩୫ ନିୟୁତ ଡଲାର ବା ୪୦,୦୦୦ କୋଟି ଟଙ୍କାର କ୍ଷତି ସହୁଛି। ଏହି ଅବରୋଧ ଇରାନର ବନ୍ଦର, ଆରବ



ଉପସାଗର ଏବଂ ଓମାନ ଉପସାଗର ସମେତ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକୁ ପରିବହନ କରୁଥିବା ସମସ୍ତ ଦେଶର ଜାହାଜ ଉପରେ ପ୍ରଯୁଜ୍ୟ ହେବ। ତଥାପି, ଆମେରିକା ହର୍ମୁଜ୍ ପ୍ରଣାଳୀ ଦେଇ ଅଣ-ଇରାନୀ ବନ୍ଦରଗୁଡ଼ିକୁ ପରିବହନ କରୁଥିବା ଜାହାଜଗୁଡ଼ିକୁ ଅବରୋଧ କରିବନାହିଁ।

ବୈଦେଶିକ ନୀତି ପ୍ରତିଷ୍ଠାନ ଏଫ୍‌ଡିଡିର ଜଣେ ବରିଷ୍ଠ ବିଶେଷଜ୍ଞ ମିୟାଦ୍ ମାଲେକିଙ୍କ ଅନୁଯାୟୀ, ଇରାନ ଉପରେ ଆର୍ଥିକ ପ୍ରଭାବ ତୁରନ୍ତ ଏବଂ ଗୁରୁତ୍ୱପୂର୍ଣ୍ଣ ହୋଇପାରେ। ଆମେରିକାର ହର୍ମୁଜ୍ ପ୍ରଣାଳୀରେ ସାମୁଦ୍ରିକ ଅବରୋଧ ଯୋଗୁ ଇରାନ ପ୍ରତିଦିନ ପ୍ରାୟ ୨୭୬ ନିୟୁତ ଡଲାର ରପ୍ତାନି ହରାଇବ ଏବଂ ଆମଦାନୀକୁ ଦୈନିକ ୧୫୯ ଡଲାର ନିୟୁତ ବାଧା ଦେବ। ଯାହା ଫଳରେ ଦୈନିକ ପ୍ରାୟ ୪୩୫ ନିୟୁତ ଡଲାର କିମ୍ବା ପ୍ରତି ମାସରେ ୧୩ ବିଲିୟନ ଡଲରର ଆର୍ଥିକ କ୍ଷତି ହେବ। ଏଠାରେ ସୂଚନାଯୋଗ୍ୟ ଯେ, ଇରାନର ବାର୍ଷିକ ବାଣିଜ୍ୟର ୯୦% ରୁ ଅଧିକ, ଯାହାର ମୂଲ୍ୟ ପ୍ରାୟ ୧୦୯.୭ ବିଲିୟନ ଡଲାର, ପାରସ୍ୟ ଉପସାଗର ଦେଇ ଗତି କରେ। ତୈଳ ଏବଂ ଗ୍ୟାସ ରପ୍ତାନି ରାଜସ୍ୱର ୮୦% ଏବଂ ଦେଶର ମୋଟ ଜିଡିପିର ପ୍ରାୟ ଏକ ଚତୁର୍ଥାଂଶ। ମାଲେକି କହିଛନ୍ତି ଯେ ଇରାନ ପ୍ରତିଦିନ ପ୍ରାୟ ୧.୫ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ରପ୍ତାନି କରେ, ଯାହା ଯୁଦ୍ଧ ଭଳି ସ୍ଥିତିରେ ଦୈନିକ ପ୍ରାୟ ୧୩୯ ନିୟୁତ ଡଲାର ଆୟ ସୃଷ୍ଟି କରେ। ସେ କହିଛନ୍ତି ଯେ ଖାର୍ଗ ଦ୍ୱୀପ, ଯାହା ଅଶୋଧିତ ତୈଳ ରପ୍ତାନିର ୯୨% ପରିଚାଳନା କରେ ତାହା ଏଥିଯୋଗୁ ବିଶେଷ ଭାବେ ପ୍ରଭାବିତ ହେବ। ଏହି ଅବରୋଧ ତେଲ-ସମ୍ବନ୍ଧୀୟ ରାସାୟନିକ ପଦାର୍ଥ କିମ୍ବା ପେଟ୍ରୋକେମିକାଲ୍ ରପ୍ତାନିକୁ ମଧ୍ୟ ପ୍ରଭାବିତ କରିବ। ଇରାନର ପ୍ରାୟ ୫୪ ନିୟୁତ ଡଲାର ମୂଲ୍ୟର ଦୈନିକ ରପ୍ତାନି ପ୍ରଭାବିତ ହେବ। କାରଣ ଏହି ସାମଗ୍ରୀଗୁଡ଼ିକ ଅବରୋଧ କ୍ଷେତ୍ର ମଧ୍ୟରେ ଅବସ୍ଥିତ ବନ୍ଦର ମାଧ୍ୟମରେ ପଠାଯାଇଥାଏ।

### ଇରାନ୍ ଯୁଦ୍ଧ ପ୍ରଭାବ

# ଖାଇବା ତେଲ ୭% ମହଙ୍ଗା

ନୂଆଦିଲ୍ଲୀ,୧୪।୪(ଏଜେନ୍ସି)

ଭାରତୀୟଙ୍କ ରୋଷେଇ ଘର ଜିନିଷଠାରୁ ଆରମ୍ଭ କରି ପୋଷାକ ଏବଂ ଘରୋଇ ଉପକରଣ ପର୍ଯ୍ୟନ୍ତ ସବୁକିଛି ମହଙ୍ଗା ହୋଇଯାଇଛି। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ପରିବାରର ଖର୍ଚ୍ଚ ଉପରେ ଏଭଳି ଚାପ ସୃଷ୍ଟି କରିଛି। ଏଥିଯୋଗୁ ଘରୋଇ ବଜାରରେ ଖାଇବା ତେଲ ଦର ୭% ରୁ ଅଧିକ ବୃଦ୍ଧି ପାଇଥିବା

- ଛୋଟ ହୋଇଗଲା ସାବୁନ୍, ବିସ୍କୁଟ୍ ପ୍ୟାକେଟ୍
- ୱାଶିଂମେସିନ୍, ଫ୍ରିଜ୍, ଏଲ୍ଇଡି ଟିଭି ମୂଲ୍ୟ ୧୫% ବଢ଼ିଲା
- ମୂଲ୍ୟ ବଢ଼ାଇବାକୁ ପେଣ୍ଟ, ଟେକ୍ସଟାଇଲ, ପର୍ସନାଲ କେୟାର କମ୍ପାନୀଙ୍କ ସଜବାଜ

ଇୱାଇ ଇଣ୍ଡିଆ ପକ୍ଷରୁ କରାଯାଇଥିବା ଏକ ସର୍ଭେରୁ ଜଣାପଡିଛି। ଏହି ସମୟରେ ପ୍ୟାକେଜିଂ, ପରିବହନ ଏବଂ କଞ୍ଚାମାଲର ମୂଲ୍ୟ ବୃଦ୍ଧି ପାଇବା ଯୋଗୁ ସାବୁନ, ପେଷ୍ଟ ଏବଂ ବିସ୍କୁଟ ଭଳି ଏଫ୍‌ଏମ୍‌ସିଜି ଉତ୍ପାଦଗୁଡିକର ମୂଲ୍ୟ ବୃଦ୍ଧି ପାଇଛି। ଏଥିରେ ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ କେବଳ ଯେ, ମୂଲ୍ୟ ବୃଦ୍ଧି କରିନାହାଁନ୍ତି, ପ୍ୟାକେଟ୍ ଛୋଟ ମଧ୍ୟ କରିଛନ୍ତି।



ଏହାକୁ ଅର୍ଥନୀତି ଭାଷାରେ 'ଶ୍ରିଙ୍କଫ୍ଲେସନ' ବୋଲି କୁହାଯାଏ। କେବଳ ଏଫ୍‌ଏମସିଜି ନୁହେଁ, ଦର ବୃଦ୍ଧିର ଆଳ ଦେଖାଇ ପେଣ୍ଟ, ଟେକ୍ସଟାଇଲ ଏବଂ ପର୍ସନାଲ କେୟାର କମ୍ପାନୀଗୁଡ଼ିକ ମଧ୍ୟ ମୂଲ୍ୟ ବୃଦ୍ଧି କରିବାକୁ ପ୍ରସ୍ତୁତ ହେଉଛନ୍ତି। ତେବେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ବିଭିନ୍ନ କ୍ଷେତ୍ର ଉପରେ ଦରଦାମ୍ ବୃଦ୍ଧି ଜନିତ ଚାପର ପ୍ରଭାବ ଆଗାମୀ ଦୁଇ ବର୍ଷ ପର୍ଯ୍ୟନ୍ତ ଜାରି ରହିପାରେ।

ପଶ୍ଚିମ ଏସିଆ ସଙ୍କଟ ଉପରେ ଇରାନ ଏବଂ ଆମେରିକା ମଧ୍ୟରେ ଆଲୋଚନା ବିଫଳ ହେବା ଫଳରେ ଅଶୋଧିତ ତୈଳ ଯୋଗାଣ ହ୍ରାସ ପାଇଛି। ସୋମବାର ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮% ରୁ ଅଧିକ ବୃଦ୍ଧି ପାଇ ୧୦୪ ଡଲାରରୁ ଅଧିକ ହୋଇଛି। ଫଳସ୍ୱରୂପ, ସାମ୍ପୁ ଏବଂ ସାବୁନ ଭଳି ଉତ୍ପାଦର ଯୋଗାଣ ବାଧାପ୍ରାପ୍ତ ହୋଇଛି। ମୂଲ୍ୟ ବୃଦ୍ଧିକୁ ଏଡାଇବା ପାଇଁ କମ୍ପାନୀଗୁଡ଼ିକ ସେମାନଙ୍କର ପ୍ୟାକେଟ୍ ଆକାର ହ୍ରାସ କରୁଛନ୍ତି। ବର୍ତ୍ତମାନ ଉପଭୋକ୍ତା ଦୀର୍ଘସ୍ଥାୟୀ ସାମଗ୍ରୀଗୁଡିକର ଉତ୍ପାଦନ ଖର୍ଚ୍ଚ ୧୦-୧୫% ବୃଦ୍ଧି ପାଇଛି। କମ୍ପାନୀଗୁଡିକ ଏହି ଖର୍ଚ୍ଚର ୭୦% ଗ୍ରାହକଙ୍କ ଉପରେ ଲଦି ସାରିଛନ୍ତି। ଏଥିଯୋଗୁ ୱାସିଂମେସିନ୍‌ଠାରୁ ଆରମ୍ଭ କରି ରେଫ୍ରିଜରେଟର, ଫ୍ୟାନ୍ ଏବଂ ଏଲ୍ଇଡି ମୂଲ୍ୟ ବୃଦ୍ଧି ପାଇଛି। ବର୍ତ୍ତମାନ, ଭୟଙ୍କର ଗ୍ରୀଷ୍ମ ପ୍ରବାହର ସମ୍ଭାବନା ଥିବା ସତ୍ତ୍ୱେ ଭୋଲଟାସ୍ ଏବଂ ବ୍ଲୁ ଷ୍ଟାର ଭଳି ଏସି କମ୍ପାନୀଗୁଡ଼ିକର ସେୟାର ବୃଦ୍ଧି ପାଉଛି। କାରଣ ବିକ୍ରି ଦ୍ରୁତ ଗତିରେ ବୃଦ୍ଧି ପାଇବାଆଶା କରାଯାଉଛି। ଏହାଛଡା ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ପ୍ଲାଷ୍ଟିକର ଉତ୍ପାଦନ ଖର୍ଚ୍ଚ ପ୍ରାୟ ୫୦% ପର୍ଯ୍ୟନ୍ତ ବଢ଼ିଯାଇଛି। ବୟନ ଶିଳ୍ପ କ୍ଷେତ୍ରରେ, ପଲିଷ୍ଟର, ନାଇଲନ୍ ଏବଂ କଲର କେମିକାଲ୍ସ ୨୦-୨୫% ମହଙ୍ଗା ହୋଇଛି। ଭାରତର ବୟନ ଶିଳ୍ପ ଉତ୍ପାଦନରେ ସିନ୍ଥେଟିକ୍ ଫାଇବର ଭାଗ ୬୦% ରହିଥାଏ। ଇୱାଇ ରିପୋର୍ଟ ଅନୁଯାୟୀ, ଏପ୍ରିଲ ପହିଲାରୁ ଆରମ୍ଭ ହେଉଥିବା ୨୦୨୬-୨୭ ଆର୍ଥିକ ବର୍ଷରେ କପଡ଼ା ଏବଂ ରଙ୍ଗର ମୂଲ୍ୟରେ ୨-୫% ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ନିକଟରେ କେନ୍ଦ୍ର ସରକାର ଜାରି କରିଥିବା ରିପୋର୍ଟ ଅନୁସାରେ, ମାର୍ଚ୍ଚ ମାସରେ ଖୁଚୁରା ମୁଦ୍ରାସ୍ଫୀତି ୩.୪%ବୃଦ୍ଧି ପାଇଛି। ଯାହା ଫେବୃଆରୀରେ ୩.୨%ଥିଲା। ଇସ୍ରାଏଲ, ଆମେରିକା ଏବଂ ଇରାନ ଯୁଦ୍ଧ ଏହି ମୁଦ୍ରାସ୍ଫୀତିର ମୁଖ୍ୟ କାରଣ। ଯଦି ଆଗକୁ ଯୁଦ୍ଧ ଲାଗି ରହିଲା ତେବେ ସ୍ଥିତି ଆହୁରି ସଂଘାତିକ ହୋଇପାରେ। ମୁଦ୍ରାସ୍ଫୀତି ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି। ଖାଦ୍ୟ ମୁଦ୍ରାସ୍ଫୀତି ମାର୍ଚ୍ଚ ମାସରେ ୩.୭୧%କୁ ବୃଦ୍ଧି ପାଇଛି,ଯାହା ଫେବୃଆରୀରେ ୩.୪୭% ଥିଲା।ତେବେ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ମୁଦ୍ରାସ୍ଫୀତି ସାମାନ୍ୟ କମ୍ ରହିଛି। ଗ୍ରାମାଞ୍ଚଳ ମୁଦ୍ରାସ୍ଫୀତି ଫେବୃଆରୀରେ ୩.୩୭% ଥିଲା। ହେଲେ ମାର୍ଚ୍ଚରେ ଏହା ବଢ଼ି ୩.୬୩% ହୋଇଛି। ହେଲେ ସହରାଞ୍ଚଳ ମୁଦ୍ରାସ୍ଫୀତି ୩.୦୨%ରୁ ବୃଦ୍ଧି ପାଇ ୩.୧୧% ହୋଇଛି।

### ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଆଇଏମ୍‌ଏଫ୍ ମୁଖ୍ୟଙ୍କ ଚେତାବନୀ

# ବଜାର ହେବ ମହଙ୍ଗା, ଲକ୍ଷାଧିକ ଲୋକ ହରାଇବେ ଚାକିରି

**ନୂଆଦିଲ୍ଲୀ,୧୪।୪(ଏଜେନ୍ସି):** ମାଡ଼ିଆସୁଛି ଭାରତ ଉପରେ ଆର୍ଥିକ ସଙ୍କଟର ସୁନାମୀ। ବିଭିନ୍ନ କ୍ଷେତ୍ରରେ ବଢ଼ିବ ଦରଦାମ୍। ମଧ୍ୟପ୍ରାଚ୍ୟ ସଂଘର୍ଷ ଭିତରେ ମୁଣ୍ଡ ଟେକିଲାଣି ଆର୍ଥିକ ସଙ୍କଟ। ଯୁଦ୍ଧର ପରବର୍ତ୍ତୀ ସମୟରେ ବିଶ୍ୱରେ ଖାଉଟି ବଜାର ମହଙ୍ଗା ହେବା ସହ ଲକ୍ଷାଧିକ ଲୋକ ଚାକିରି ହରାଇବା ସ୍ଥିତି ସୃଷ୍ଟି ହୋଇଛି। ଏ ନେଇ ନିକଟରେ ୱାଶିଂଟନରେ ଅର୍ଥନୈତିକ ଏବଂ ଶକ୍ତି ପ୍ରଭାବ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି(ଆଇଇଏ), ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍) ଏବଂ ବିଶ୍ୱ ବ୍ୟାଙ୍କ ଗୋଷ୍ଠୀର ମୁଖ୍ୟମାନେ ଯୋଗଦେଇଥିଲେ। ନିମ୍ନ-ଆୟ ଶକ୍ତି-ଆମଦାନୀକାରୀ ଦେଶଗୁଡ଼ିକ ଏହି ସଂଘର୍ଷ ଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି।



ତୈଳ, ଗ୍ୟାସ ଏବଂ ସାର ମୂଲ୍ୟ ବୃଦ୍ଧି ଖାଦ୍ୟ ସୁରକ୍ଷା ଏବଂ ଚାକିରି ସମ୍ପର୍କରେ ଚିନ୍ତା ସୃଷ୍ଟି କରିଛି। ଏଥିରେ ବିଶ୍ୱ ନେତାମାନେ ଚେତାବନୀ ଦେଇଛନ୍ତି ଯେ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ପୁନଃ ଆରମ୍ଭ ହେବା ପରେ ମଧ୍ୟ ଭିତ୍ତିଭୂମି କ୍ଷତି ଯୋଗୁଁ ଇନ୍ଧନ ଏବଂ ସାର ମୂଲ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ସ୍ତରରେ ରହିପାରେ। ଯୋଗାଣ ବ୍ୟାଘାତ ଶକ୍ତି, ଖାଦ୍ୟ ଏବଂ ଅନ୍ୟାନ୍ୟ ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ଉପାଦାନର ଅଭାବ ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଯୁଦ୍ଧ ଲୋକଙ୍କୁ ବିସ୍ଥାପିତ କରିଛି। ଚାକିରି, ଯାତ୍ରା ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏହାର ପୁନରୁଦ୍ଧାର ପାଇଁ ଅଧିକ ସମୟ ଲାଗିବ। ଆଇଇଏର ମାସିକ ତୈଳ ବଜାର ରିପୋର୍ଟ ଏବଂ ଆଇଏମ୍‌ଏଫ୍‌ର ବିଶ୍ୱ ଅର୍ଥନୈତିକ ଆଉଟଲୁକ୍ ମଙ୍ଗଳବାର ପ୍ରକାଶ ପାଇଛି। ଆଇଏମ୍‌ଏଫ୍ ଏବଂ ବିଶ୍ୱ ବ୍ୟାଙ୍କ ସର୍ବାଧିକ ପ୍ରଭାବିତ ଦେଶଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକାଠି କାର୍ଯ୍ୟ କରୁଛନ୍ତି।

## ଏନ୍‌ଏସ୍‌ଇ ପକ୍ଷରୁ ନାନୋସେକେଣ୍ଡରେ ସମସ୍ତ ବର୍ଗର ତୁରନ୍ତ ଅର୍ଡରକୁ ସ୍ୱୀକୃତି

**ମୁମ୍ବଇ, ୧୪।୪:** ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏନଏସଇ) ପକ୍ଷରୁ ଏକ ପ୍ରମୁଖ ଟେକ୍ନୋଲୋଜି ଅପ୍‌ଗ୍ରେଡର ଘୋଷଣା କରାଯାଇଛି। ଯାହାକି ଏନଏସଇକୁ ତତ୍କାଳ ପ୍ରଭାବରେ କରେନ୍ସି ଡେରିଭେଟିଭ, କମୋଡିଟି ଡେରିଭେଟିଭ, କ୍ୟାଶ ମାର୍କେଟ ଓ ଇକ୍ୱିଟି ଡେରିଭେଟିଭ ସେଗମେଣ୍ଟରେ ନାନୋସେକେଣ୍ଡ ସ୍ପିଡ୍‌ରେ ଟ୍ରେଡିଙ୍ଗ ଅର୍ଡରଗୁଡିକୁ ସ୍ୱୀକୃତି ଦେବା ପାଇଁ ସକ୍ଷମ କରିଛି। ଏହା ପୂର୍ବ ପ୍ରଣାଳୀରେ ନେଉଥିବା ପ୍ରାୟ ୧୦୦ ମାଇକ୍ରୋସେକେଣ୍ଡର ପ୍ରତିକ୍ରିୟା ସମୟରେ ଏକ ବଡ ସୁଧାର ଆଣିଛି, ଯାହା କାରବାର ପ୍ରକ୍ରିୟାକୁ ଅଧିକ ଦ୍ରୁତ, ସୁଗମ ଓ ଦକ୍ଷ କରିଛି। ଏହି ଅପ୍‌ଗ୍ରେଡେଡ ସିଷ୍ଟମ ସହିତ ଏନଏସଇରେ ପ୍ଲେସ କରାଯାଉଥିବା ପ୍ରତ୍ୟେକ ଅର୍ଡରକୁ ଏବେ ତତ୍କାଳ ସ୍ୱୀକୃତି ଦିଆଯାଉଛି, ଏହା ଟ୍ରେଡରମାନଙ୍କୁ ତତ୍କାଳ ନିଶ୍ଚିତତା ଦେଉଛି ଯେ, ସେମାନଙ୍କର ଅର୍ଡରକୁ ଏକ୍ସଚେଞ୍ଜ ଗ୍ରହଣ କରିଛି।

# ହାଇ-ଟେକ୍ ମେଡିକାଲ କଲେଜରେ ୧୩ କେଏଲ୍‌ର ତରଳ ଅମ୍ଳଜାନ ପ୍ଲାଣ୍ଟ କାର୍ଯ୍ୟକ୍ଷମ

**ଭୁବନେଶ୍ୱର,୧୪।୪(ସମିସ):** ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହାଇଟେକ୍ ମେଡିକାଲ୍ କଲେଜ୍ ଓ ହସପିଟାଲ୍ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ହାଇ-ଟେକ୍ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସରରେ ଏକ ୧୩ କେଏଲ୍ କ୍ଷମତା ବିଶିଷ୍ଟ ତରଳ ଅମ୍ଳଜାନ ପ୍ଲାଣ୍ଟ ଉଦଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ଏକ



ଭବ୍ୟ କାର୍ଯ୍ୟକ୍ରମରେ ହାଇ-ଟେକ୍ ଗ୍ରୁପର ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ଲାଣ୍ଟର ଶୁଭ ଉଦଘାଟନ କରିଛନ୍ତି। ଏଥିରେ ସମ୍ମାନିତ ଅତିଥି ଭାବେ ହାଇ-ଟେକ୍ ଗ୍ରୁପର ମ୍ୟାନେଜିଂ ଟ୍ରଷ୍ଟି ତଥା ସିଇଓ ସୁରେଶ କୁମାର ପାଣିଗ୍ରାହୀ ଏବଂ ଟ୍ରଷ୍ଟି ଡାକ୍ତର ରାକେଶ କୁମାର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏହି ନୂତନ ଅମ୍ଳଜାନ ପ୍ଲାଣ୍ଟ ଦ୍ୱାରା ରୋଗୀମାନଙ୍କୁ ନିରନ୍ତର ଏବଂ ଉନ୍ନତ ମାନର ଅମ୍ଳଜାନ ସେବା ଯୋଗାଇଦେବା ମୂଳଲକ୍ଷ୍ୟ ବୋଲି କହିଛନ୍ତି ଡକ୍ଟର ତିରୁପତି ପାଣିଗ୍ରାହୀ। ଏହି ନୂତନ ପ୍ଲାଣ୍ଟ ପ୍ରତିଷ୍ଠା ହେବା ଫଳରେ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଗୁରୁତର ରୋଗୀଙ୍କୁ ସୁବିଧାରେ ଅମ୍ଳଜାନ ଯୋଗାଇ ଦିଆଯାଇପାରିବ ବୋଲି ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ହସ୍ପିଟାଲର ସିଓଓ ଜ୍ୟୋର୍ତିମୟ ପଣ୍ଡାଙ୍କ ସମେତ ବହୁ ବରିଷ୍ଠ ଡାକ୍ତର, କର୍ମଚାରୀ ଉପସ୍ଥିତ ଥିଲେ।

## ଫୋନପେ ଏସ୍‌ବିଆଇ କାର୍ଡ ଜିରୋ ଜଏନିଂ ଫି' ସହ ଉପଲବ୍ଧ

**ମୁମ୍ବଇ,୧୪।୪:** ଫୋନପେ ପକ୍ଷରୁ ନିକଟରେ ଶୁଭାରମ୍ଭ ହୋଇଥିବା ଫୋନପେ ଏସବିଆଇ କାର୍ଡ କ୍ରେଡିଟ କାର୍ଡ ଉପରେ ଏକ ସୀମିତ-ସମୟ ଅଫର ଘୋଷଣା କରାଯାଇଛି। ଏହି କାର୍ଡକୁ ଶୂନ ଜଏନିଂ ଫି' ସହ ପ୍ରଥମ ବର୍ଷ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି। ଆଧୁନିକ ଡିଜିଟାଲ ଉପଭୋକ୍ତାଙ୍କ ପାଇଁ ଡିଜାଇନ ହୋଇଥିବା ଫୋନପେ ଏସବିଆଇ କାର୍ଡ ଉଭୟ ରୁପେ ଓ ଭିସା ପ୍ଲାଟଫର୍ମରେ ଉପଲବ୍ଧ ରହିଛି। ଏହି କାର୍ଡର ଉପଭୋକ୍ତାମାନେ ପ୍ରଥମ ବର୍ଷ ପାଇଁ ବିନା କୌଣସି ମୂଲ୍ୟରେ କାର୍ଡର ପ୍ରିମିୟମ ଲାଭ ଉପଭୋଗ କରିପାରିବେ। ଏଥିସହିତ ସମସ୍ତ ଅନ୍‌ଲାଇନ ବ୍ରାଣ୍ଡ ଉପରେ ଅନ୍‌ଲାଇନ୍ କାରବାରରେ ୫% ରିୱାର୍ଡ ପାଇବେ। ଫୋନପେ ଏସବିଆଇ କାର୍ଡରେ ରିଚାର୍ଜ ଭଳି ନିୟମିତ ପେମେଂଟ, ସିଲିଣ୍ଡର ବୁକିଂ ମୋବାଇଲ ରିଚାର୍ଜ, ବିଲ୍ ପେମେଣ୍ଟେ ଭଳି ୟୁଟିଲିଟି ପେମେଣ୍ଟ ଉପରେ ୧୦% ରିୱାର୍ଡ ମିଳିପାରିବ। ସେହିପରି ଫୋନପେ ପ୍ଲାଟଫର୍ମରେ ଇନ୍ସୁରାନ୍ସ ପ୍ରିମିୟମ ପେମେଣ୍ଟ ଉପରେ ମଧ୍ୟ ଉପଭୋକ୍ତାମାନେ ରିୱାର୍ଡ ପାଇବା ସହ ୧୦% ସଞ୍ଚୟ କରିପାରିବେ।

## 'କଗ୍ନିଜାଣ୍ଟ ଟେକ୍ନୋଭର୍ସ ହ୍ୟାକାଥନ୍-୨୦୨୬' ଉନ୍ମୋଚିତ

**ନୂଆଦିଲ୍ଲୀ,୧୪।୪:** କଗ୍ନିଜାଣ୍ଟ ପକ୍ଷରୁ ଏହାର ଟେକ୍ନୋଭର୍ସ ହ୍ୟାକାଥନ ୨୦୨୬ର ୩ୟ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ଏକ ଆଞ୍ଚଳିକ ଅଭିଯାନରୁ ଜାତୀୟ ମଞ୍ଚରେ ପରିଣତ ହୋଇଥିବା ଏହି ହ୍ୟାକାଥନ ଭାରତବ୍ୟାପୀ ୪୦୦ରୁ ଅଧିକ କଲେଜର ୨୦,୦୦୦ରୁ ଅଧିକ ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ଏକାଠି କରିଛି। ଏହି ଛାତ୍ରଛାତ୍ରୀମାନେ ଏଠାରେ ସହଭାଗିତା ଓ ଉଦ୍ଭାବନ କରିବା ଏବଂ ନିଜର ଏଆଇ-ପରିଚାଳିତ ସମସ୍ୟା ସମାଧାନକାରୀ ଦକ୍ଷତାଗୁଡ଼ିକୁ ପ୍ରଦର୍ଶିତ କରିବେ। ଏହି ହ୍ୟାକାଥନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାନୁଷ୍ଠାନର ଶିକ୍ଷା ଓ ବାସ୍ତବ ଦୁନିଆର ପ୍ରୟୋଗଗୁଡ଼ିକୁ ସଂଯୋଗ କରିବା, ଶିଳ୍ପ ସମ୍ବନ୍ଧିତ ସମସ୍ୟାଗୁଡିକ ଉପରେ କାର୍ଯ୍ୟ କରିବା , କଗ୍ନିଜାଣ୍ଟର ଅଂଶଗ୍ରହଣକାରୀଙ୍କ ସହ ସିଧାସଳଖ ନିୟୋଜିତ ହେବା ଏବଂ ଉଦ୍ୟୋଗଗୁଡିକର ଉଦ୍ଭାବନ ପାଇଁ ଏକ୍ସପୋଜର ହାସଲ କରିବା ଲାଗି ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରୁଥିବା କଗ୍ନିଜାଣ୍ଟ ଇଣ୍ଡିଆର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ଆନ୍ତର୍ଜାତୀୟ ପରିଚାଳନା ବିଭାଗର ଅଧ୍ୟକ୍ଷ ରାଜେଶ ବାରିୟର କହିଛନ୍ତି।

## ୧୦ ଲକ୍ଷ 'ସାଇବର ସଖୀ'ଙ୍କୁ ପ୍ରସ୍ତୁତ କରିବ ରିଲାଏନ୍ସ ଫାଉଣ୍ଡେସନ

**ନୂଆଦିଲ୍ଲୀ,୧୪।୪:** ଗ୍ରାମୀଣ ମହିଳାଙ୍କୁ ଡିଜିଟାଲ୍ ଦୁନିଆରେ ସୁରକ୍ଷିତ ତଥା ସଶକ୍ତ କରିବା ଉଦ୍ଦେଶ୍ୟରେ ରିଲାଏନ୍ସ ଫାଉଣ୍ଡେସନ ଇ-ସେଫହର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଏକ ସାଇବର ସୁରକ୍ଷା ସଚେତନତା ଏବଂ ପ୍ରଶିକ୍ଷଣ ପଦକ୍ଷେପ ଯାହା ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ ସଂଗଠନ ସି-ଡାକ ସହ ମିଳିତ ଭାବରେ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମ ଆଗାମୀ ୩ ବର୍ଷ ମଧ୍ୟରେ ଦେଶବ୍ୟାପୀ ୧୦ ଲକ୍ଷ ମହିଳାଙ୍କୁ



'ସାଇବର ସଖୀ' ଭାବରେ ତାଲିମ ଦେବାର ଲକ୍ଷ୍ୟ ରଖିଛି, ଯାହା ସେମାନଙ୍କୁ ନିରାପଦ ଏବଂ ଆତ୍ମବିଶ୍ୱାସର ସହିତ ଡିଜିଟାଲ୍ ସେବା ବ୍ୟବହାର କରିବାକୁ ସକ୍ଷମ କରିବ। ଏହି କାର୍ଯ୍ୟକ୍ରମ ମଧ୍ୟପ୍ରଦେଶ ଏବଂ ଓଡ଼ିଶାରୁ ଆରମ୍ଭ ହେବ, ଯାହା ପରେ ଏହାକୁ ପର୍ଯ୍ୟାୟକ୍ରମେ ସମଗ୍ର ଦେଶରେ ବିସ୍ତାର କରାଯିବ। 'ଇ-ସେଫହର' - ମହିଳାମାନଙ୍କୁ ସାଇବର ସୁରକ୍ଷା ବିଷୟରେ ସଚେତନ ଏବଂ ଦକ୍ଷ କରିବା ପାଇଁ ପ୍ରସ୍ତୁତ ଏକ କାର୍ଯ୍ୟକ୍ରମ ଯେଉଁଥିରେ ଗ୍ରାମାଞ୍ଚଳର ମହିଳାମାନଙ୍କୁ ଅନଲାଇନ୍ ସୁରକ୍ଷା, ଡିଜିଟାଲ୍ କାରବାର ଏବଂ ଇଣ୍ଟରନେଟର ସୁରକ୍ଷିତ ବ୍ୟବହାର ଉପରେ ତାଲିମ ଦିଆଯିବ। ଏହି ଅବସରରେ ରିଲାଏନ୍ସ ଫାଉଣ୍ଡେସନର ନିର୍ଦ୍ଦେଶିକା ଇଶା ଅମ୍ବାନୀ କହିଛନ୍ତି, ଭାରତର ଗ୍ରାମାଞ୍ଚଳ ମହିଳାମାନେ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ ଗତିରେ ଅନଲାଇନ୍ ହେଉଛନ୍ତି। ରିଲାଏନ୍ସ ଫାଉଣ୍ଡେସନର ଉଦ୍ଦେଶ୍ୟ କେବଳ ଡିଜିଟାଲ୍ ପ୍ରବେଶ ବୃଦ୍ଧି କରିବା ନୁହେଁ, ବରଂ ସେମାନଙ୍କୁ ସୁରକ୍ଷିତ ରହିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତା ସହିତ ସଜ୍ଜିତ କରିବା।

# ଗରିବ ସୀମା ରେଖା ତଳକୁ ଯିବେ ୨୫ ଲକ୍ଷ ଲୋକ

ନୂଆଦିଲ୍ଲୀ,୧୪।୪(ଏଜେନ୍ସି)

### ୟୁଏନ୍‌ଡିପିର ଚେତାବନୀ




- ଭାରତକୁ ଲାଗିବ ପଶ୍ଚିମ ଏସିଆ ସଙ୍କଟର ବଡ଼ ଝଟ୍‌କା
- ଦକ୍ଷିଣ ଏସିଆରେ ୮୦ ଲକ୍ଷ ଲୋକ ହୋଇଯିବେ ଗରିବ

ମଧ୍ୟପ୍ରାଚ୍ୟରେ ଚାଲିଥିବା ସାମରିକ ସଂଘର୍ଷ ଏବଂ ଉତ୍ତେଜନା ସୀମା ପର୍ଯ୍ୟନ୍ତ ସୀମିତ ନୁହେଁ; ଏହାର ପ୍ରଭାବ ଦେଶର ସାଧାରଣ ଲୋକଙ୍କ ପକେଟ ଏବଂ ଖାଇବା ଥାଳି ପର୍ଯ୍ୟନ୍ତ ପହଞ୍ଚିଲାଣି। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ସଦ୍ୟତମ ରିପୋର୍ଟ 'ମଧ୍ୟପ୍ରାଚ୍ୟରେ ସାମରିକ ବୃଦ୍ଧି' ଭାରତର ଭବିଷ୍ୟତକୁ ନେଇ ଏକ ଭୟଙ୍କର ଚିତ୍ର ସମ୍ମୁଖକୁ ଆଣିଛି। ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ ଭାରତରେ ପ୍ରାୟ ୨.୫ ନିୟୁତ ଲୋକ ଦାରିଦ୍ର୍ୟ ସୀମାରେଖା ତଳକୁ ଚାଲିଯାଇପାରନ୍ତି।

ପୂର୍ବରୁ ଭାରତରେ ଗରିବ ଲୋକଙ୍କ ସଂଖ୍ୟାରେ ୪ ଲକ୍ଷ ବୃଦ୍ଧି ଘଟିବାକୁ ଯାଉଥିବା ଆକଳନ କରାଯାଇଥିଲା, ଏବେ ଯୁଦ୍ଧ ବଢ଼ିବା ପରେ ତାହା ୨୫ ଲକ୍ଷରେ ପହଞ୍ଚିବ ବୋଲି ୟୁଏନ୍‌ଡିପି ରିପୋର୍ଟରେ କୁହାଯାଇଛି। ଯୁଦ୍ଧ ପରେ ଭାରତର ଦାରିଦ୍ର୍ୟ ହାର ୨୩.୯%ରୁ ୨୪.୨%କୁ ବୃଦ୍ଧି ପାଇବା ନେଇ ଆକଳନ କରାଯାଇଛି।

ୟୁଏନ୍‌ଡିପିର କହିବାନୁଯାୟୀ, ଦକ୍ଷିଣ ଏସିଆ ଏହି ସଙ୍କଟ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେବ। ଏଥିଯୋଗୁ ଦକ୍ଷିଣ ଏସିଆରେ ମୋଟ ୮୦ ଲକ୍ଷ ଲୋକ ଅଧିକ ଗରିବ ହୋଇଯିବାର ସମ୍ଭାବନା ରହିଛି। ରିପୋର୍ଟରେ ଆହୁରିମଧ୍ୟ କୁହାଯାଇଛି ଯେ, ଭାରତ ଏହାର କୃଷି ପାଇଁ ପଶ୍ଚିମ ଏସିଆ ଉପରେ ଅତ୍ୟଧିକ ନିର୍ଭରଶୀଳ। ଏହି ଯୁଦ୍ଧ ଠିକ୍ ସମୟରେ ଭାରତକୁ ବଡ଼ ଆଘାତ ଦେଇଛି। ଭାରତ ଏହାର ସାର ଆବଶ୍ୟକତାର ୪୫% ପଶ୍ଚିମ ଏସିଆରୁ ଆମଦାନୀ କରିଥାଏ। ଘରୋଇ ୟୁରିଆ ଉତ୍ପାଦନ ମଧ୍ୟ ଆମଦାନୀ ହୋଇଥିବା ଗ୍ୟାସ ଉପରେ ନିର୍ଭରଶୀଳ। ମୌସୁମୀ ଫସଲ ପାଇଁ ପ୍ରସ୍ତୁତି ଜୁନ୍ ମାସରେ ଆରମ୍ଭ ହୁଏ। ଯଦି ଯୋଗାଣ ବାଧାପ୍ରାପ୍ତ ହୁଏ, ତେବେ ବର୍ତ୍ତମାନର ୬.୧ ନିୟୁତ ଟନ୍ ୟୁରିଆ ଷ୍ଟକ୍ ଦେଶରେ ଚାଷ କାର୍ଯ୍ୟପାଇଁ ପର୍ଯ୍ୟାପ୍ତ ହେବ ନାହିଁ, ଯାହା ଚାଷ ଖର୍ଚ୍ଚ ବୃଦ୍ଧି କରିବ ଏବଂ ଖାଦ୍ୟ ସୁରକ୍ଷାଜନିତ ସମସ୍ୟା ସୃଷ୍ଟି କରିବ। ଭାରତ ଏହାର ତୈଳ ଆବଶ୍ୟକତାର ୯୦%ରୁ ଅଧିକ ଆମଦାନୀ କରିବ, ଯାହା ମଧ୍ୟରୁ ୪୦% ଅଶୋଧିତ ତେଲ ଏବଂ ୯୦% ଏଲ୍‌ପିଜି ପଶ୍ଚିମ ଏସିଆରୁ ଆସିଥାଏ। ଏଲ୍‌ଏନ୍‌ଜି ମୂଲ୍ୟ ବୃଦ୍ଧି ଭାରତକୁ କୋଇଲା-ଚାଳିତ ଶକ୍ତି ଉପରେ ନିର୍ଭରଶୀଳତା ବୃଦ୍ଧି କରିବାକୁ ବାଧ କରୁଛି, ଯାହା ପରିବେଶ ପାଇଁ ମଧ୍ୟ କ୍ଷତିକାରକ। ୨୦୨୪ ଅକ୍ଟୋବର ସୁଦ୍ଧା ପ୍ରାୟ ୯.୩୭ ନିୟୁତ ଭାରତୀୟ ଉପସାଗରୀୟ ଦେଶରେ ରହୁଥିଲେ। ଏହି ଦେଶଗୁଡ଼ିକ ଭାରତକୁ ମୋଟ ୩୮%-୪୦% ଅର୍ଥ ପଠାଇଥାନ୍ତି। ଯଦି ଯୁଦ୍ଧ ଯୋଗୁଁ ଆର୍ଥିକ କାର୍ଯ୍ୟକଳାପ ହ୍ରାସ ପାଏ, ତେବେ ଭାରତୀୟ ପରିବାରଗୁଡିକର ଆୟ ଏବଂ କ୍ରୟ ଶକ୍ତି ଗୁରୁତର ଭାବରେ ପ୍ରଭାବିତ ହେବ। ଭାରତର ୧୪% ରପ୍ତାନି ଏବଂ ୨୦.୯% ଆମଦାନୀ ପଶ୍ଚିମ ଏସୀୟ ବଜାର ସହିତ ଜଡିତ। ଯୁଦ୍ଧ ଯୋଗୁ ବାସୁମତୀ ଚାଉଳ, ଚା, ମଣି ଏବଂ ଅଳଙ୍କାର ଏବଂ ବୟନଶିଳ୍ପର ରପ୍ତାନି ପ୍ରଭାବିତ ହେଉଛି। ଏହା ଛଟେଇ ଏବଂ କାର୍ଯ୍ୟ ଘଣ୍ଟା ହ୍ରାସର ଆଶଙ୍କା ବୃଦ୍ଧି କରିଛି। ଅପରପକ୍ଷେ ଯୁଦ୍ଧ ତାତି ଏବେ ସ୍ୱାସ୍ଥ୍ୟ କ୍ଷେତ୍ର ଉପରେ ପଡିବାରେ ଲାଗିଛି। ହରମୁଜ୍ ପ୍ରଣାଳୀ ଅବରୋଧ ଚିକିତ୍ସା ଉପକରଣ ତିଆରି ପାଇଁ ବ୍ୟବହୃତ କଞ୍ଚାମାଲର ମୂଲ୍ୟ ୫୦% ବୃଦ୍ଧି କରିପାରେ। ଏଥିଯୋଗୁ ଔଷଧର ପାଇକାରୀ ମୂଲ୍ୟ ପୂର୍ବରୁ ୧୦-୧୫% ବୃଦ୍ଧି ପାଇସାରିଛି।

## ଇଫ୍‌କୋ ପକ୍ଷରୁ 'ନାନୋ ସାର ସଚେତନତା ମେଗା ଅଭିଯାନ'ର ଶୁଭାରମ୍ଭ



**ଭୁବନେଶ୍ୱର, ୧୪।୪(ସମିସ) :** ସାର ନିର୍ମାତା ଇଫ୍‌କୋ ପକ୍ଷରୁ 'ନାନୋ ସାର ସଚେତନତା ମେଗା ଅଭିଯାନ'ଆରମ୍ଭ କରାଯାଇଛି। ଇଫ୍‌କୋ ଅଧ୍ୟକ୍ଷ ଦିଲୀପ ସାଙ୍ଘାଣି କହିଛନ୍ତି ଯେ, ଏହା ଏକ ବ୍ୟାପକ ଜାତୀୟ ଅଭିଯାନ, ଯାହାର ଲକ୍ଷ୍ୟ ହେଉଛି ଭାରତୀୟ ଚାଷୀଙ୍କ ମଧ୍ୟରେ ନାନୋ ସାରର ବ୍ୟବହାରକୁ ପ୍ରୋତ୍ସାହିତ କରିବା।ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହ ମନ୍ତ୍ରୀଙ୍କ ପ୍ରେରଣାରେ ଏହି ଅଭିଯାନ ଆରମ୍ଭ ହୋଇଛି। ଏହା ଆତ୍ମନିର୍ଭର ଭାରତ ଏବଂ ସହକାର ସେ ସମୃଦ୍ଧି ଭଳି ଜାତୀୟ ମିଶନ ସହିତ ସମାନ୍ତରାଳ ଭାବେ କାର୍ଯ୍ୟ କରୁଛି। କୋଏମ୍ବାଟୁର ସ୍ଥିତ 'ଇଫକୋ-ନାନୋ ଭେନସନ' ଏବଂ ବ୍ରାଜିଲରେ ନିର୍ମାଣ ହେଉଥିବା ନାନୋ ସାର ପ୍ଲାଣ୍ଟ (ଯାହା ଜୁନ୍ ୨୦୨୬ ସୁଦ୍ଧା କାର୍ଯ୍ୟକ୍ଷମ ହେବ) କୃଷି କ୍ଷେତ୍ରରେ ଭାରତର ବଢୁଥିବା ବୈଷୟିକ ଶକ୍ତିକୁ ପ୍ରଦର୍ଶିତ କରୁଛି। ଇଫକୋ ଏ ପର୍ଯ୍ୟନ୍ତ ୨୧.୮ ନିୟୁତ ବୋତଲ ନାନୋ ୟୁରିଆ ପ୍ଲସ ଏବଂ ୬.୪୨୬ ନିୟୁତ ବୋତଲ ନାନୋ ଡିଏପି ବିକ୍ରି କରିଛି। ନାନୋ ଜିଙ୍କ ଏବଂ ନାନୋ କପର ମଧ୍ୟ ପ୍ରଥମ ବର୍ଷରେ ଉତ୍ସାହଜନକ ବ୍ୟବସାୟ କରିଛନ୍ତି। ବିଶେଷ କଥା ହେଉଛି, ନାନୋ ସାର ବ୍ୟବହାର ଦ୍ୱାରା ପରିବହନ, ଶକ୍ତି ଏବଂ ଆମଦାନୀ ଖର୍ଚ୍ଚରେ ବହୁତ ସଞ୍ଚୟ ହେଉଛି। ନାନୋ ସାର କେବଳ ଏକ ଉତ୍ପାଦ ନୁହେଁ, ବରଂ ଏହା ମାଟିର ସୁରକ୍ଷା, ପରିବେଶରେ ସୁଧାର ଏବଂ ଚାଷୀଙ୍କ ଆୟ ବୃଦ୍ଧି କରିବାର ଏକ ମାଧ୍ୟମ।








ସକାଳ
THE SAKALA
www.sakalaepaper.com


## ମୋଦୀ-ଟ୍ରମ୍ପ ଆଲୋଚନା



ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ମଙ୍ଗଳବାର ପ୍ରାୟ ୪୦ ମିନିଟ ଧରି ବାର୍ତ୍ତାଳାପ ହୋଇଛି। ଦ୍ୱିପାକ୍ଷିକ ସମ୍ପର୍କର ଅଗ୍ରଗତି ସମୀକ୍ଷା କରିବା ସହ ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ଉତ୍ତେଜନାମୂଳକ ସ୍ଥିତି ଉପରେ ଦୁଇ ନେତା ଆଲୋଚନା କରିଛନ୍ତି। ଏନେଇ ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ ଏକ୍ସରେ ସୂଚନା ଦେଇଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ତାଙ୍କୁ ଫୋନ୍ କଲ୍ କରିଥିବା ଏବଂ ଦୁଇ ଦେଶ ମଧ୍ୟରେ ଥିବା 'ବ୍ୟାପକ ବିଶ୍ୱ ରଣନୈତିକ ସାମରିକ ସମ୍ପର୍କ'କୁ ସୁଦୃଢ଼ କରିବା ପାଇଁ ଆଲୋଚନା ହୋଇଥିବା କହିଛନ୍ତି। ଆମେରିକାରେ ଭାରତର ରାଷ୍ଟ୍ରଦୂତ ସର୍ଜିଓ ଗୋର ଏହି ବାର୍ତ୍ତାଳାପକୁ ଅତ୍ୟନ୍ତ ସକାରାତ୍ମକ ଏବଂ ଫଳପ୍ରଦ ବୋଲି ଅଭିହିତ କରିଛନ୍ତି। ହର୍ମୁଜ ପ୍ରଣାଳୀ ସଂକଟ ଏବଂ ଇରାନ ଯୁଦ୍ଧ ପରିସ୍ଥିତି ଏହି ଆଲୋଚନାର ଅନ୍ୟତମ ମୁଖ୍ୟ ବିଷୟବସ୍ତୁ ରହିଥିଲା।

## ଇରାନ ବନ୍ଦର ଅବରୋଧ ହଟାଇବାକୁ ଆମେରିକା ଉପରେ ସାଉଦିର ଚାପ

ରିୟାଦ, ୧୪।୪(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମ ସାମ୍ନାକୁ ଆସିଛି। ହର୍ମୁଜ ପ୍ରଣାଳୀ ଉପରୁ ଅବରୋଧ ହଟାଇବା ଏବଂ ପୁଣି ଥରେ ଆଲୋଚନାକୁ ଫେରିବା ପାଇଁ ସାଉଦି ଆରବ ଏବେ ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ଲୋହିତ ସାଗର ଜଳପଥ ଉପରେ ବିପଦ ଥିବା ସୌଦି ଚିନ୍ତା ପ୍ରକଟ କରିଛି। ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀ ଦେଇ ରପ୍ତାନି ବାଧାପ୍ରାପ୍ତ ହୋଇଛି। ଏହା ସତ୍ତ୍ୱେ ସୌଦି ଆରବ ଏହାର ତୈଳକୁ ମରୁଭୂମି ମଧ୍ୟ ଦେଇ ପାଇପଲାଇନ ସାହାଯ୍ୟରେ ଲୋହିତ ସାଗର ପର୍ଯ୍ୟନ୍ତ ପହଞ୍ଚାଇ ପାରୁଛି। କିନ୍ତୁ ଇରାନ ଯଦି ବାବ୍ ଅଲ-ମାଣ୍ଡେବ୍ ଚୋକ୍ ପଏଣ୍ଟକୁ ବନ୍ଦ କରିଦିଏ, ତେବେ ସୌଦିର ଏହି ବିକଳ୍ପ ରପ୍ତାନି ପଥ ମଧ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବ। ଅନ୍ୟପଟେ ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି ଯେ, ରାଷ୍ଟ୍ରପତି ଟ୍ରମ୍ପ ହର୍ମୁଜ ପ୍ରଣାଳୀକୁ ମୁକ୍ତ ରଖିବାକୁ ଚାହାଁନ୍ତି।

## ଜିନ୍‌ପିଙ୍ଗଙ୍କ ୪ ସୂତ୍ରୀ ଶାନ୍ତି ପ୍ରସ୍ତାବ

ବେଜିଂ, ୧୪।୪(ଏଜେନ୍ସି): ମଧ୍ୟ ପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଏବଂ ଆମେରିକା-ଇରାନ ମଧ୍ୟରେ ଜାରି ରହିଥିବା ଯୁଦ୍ଧର ସମାଧାନ ପାଇଁ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏକ ୪ ସୂତ୍ରୀ ଶାନ୍ତି ପ୍ରସ୍ତାବ ପ୍ରଦାନ କରିଛନ୍ତି। ଆବୁଧାବିର କ୍ରାଉନ ପ୍ରିନ୍ସ ଶେଖ ଖାଲେଦ ବିନ୍ ମହମ୍ମଦ ବିନ୍ ଜାୟେଦ ଅଲ୍ ନାହିଆନଙ୍କ ବେଜିଂ ଗସ୍ତ ସମୟରେ ମଙ୍ଗଳବାର ଜିନପିଙ୍ଗ ଏହି ରୋଡମ୍ୟାପ୍ ଉପସ୍ଥାପନ କରିଛନ୍ତି। ପାକିସ୍ତାନରେ ଆମେରିକା ଏବଂ ଇରାନ ମଧ୍ୟରେ ଅନୁଷ୍ଠିତ ଅସ୍ତ୍ରବିରତି ଆଲୋଚନା ବିଫଳ ହେବାର କିଛି ଦିନ ପରେ ଜିନପିଙ୍ଗଙ୍କ ଏହି ବୟାନ ସାମ୍ନାକୁ ଆସିଛି। ଏନେଇ ଜିନପିଙ୍ଗ ପ୍ରସ୍ତାବ ଦେଇଛନ୍ତି ଯେ, ୧. ସମସ୍ତ ପକ୍ଷ ଶାନ୍ତିପୂର୍ଣ୍ଣ ଭାବେ ସହଅବସ୍ଥାନ କରିବାର ନୀତିକୁ ଗୁରୁତ୍ୱ ଦେବା ଆବଶ୍ୟକ। ୨. ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ସମସ୍ତେ ସମ୍ମାନ ଦେବା ଉଚିତ। ୩. ଆଞ୍ଚଳିକ ବିକାଶ ଏବଂ ସୁରକ୍ଷା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଜରୁରୀ। ୪. ଅନ୍ତର୍ଜାତୀୟ ନିୟମ ଆଧାରିତ ବ୍ୟବସ୍ଥାକୁ ସୁରକ୍ଷିତ ରଖିବାକୁ ହେବ। ଜିନପିଙ୍ଗ କହିଛନ୍ତି ଯେ, ଆମେ ବିଶ୍ୱକୁ ଜଙ୍ଗଲ ନିୟମ ଆଡକୁ ଫେରିବାକୁ ଦେଇପାରିବା ନାହିଁ। ଅନ୍ତର୍ଜାତୀୟ ନିୟମକୁ ନିଜ ସୁବିଧା ଅନୁସାରେ ବ୍ୟବହାର କରିବା କିମ୍ବା ପରିତ୍ୟାଗ କରିବା ଅନୁଚିତ ବୋଲି ସେ ଦୃଢ଼ ଭାବେ କହିଛନ୍ତି।

## ନୋଏଡା ଆନ୍ଦୋଳନ: ୩୫୦ରୁ ଉର୍ଦ୍ଧ୍ୱ ଗିରଫ

ନୋଏଡା, ୧୪।୪(ଏଜେନ୍ସି): ଉତ୍ତର ପ୍ରଦେଶର ନୋଏଡାରେ ଦରମା ବୃଦ୍ଧି ଦାବି କରି ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିବା ବିକ୍ଷୋଭ ହିଂସାତ୍ମକ ରୂପ ଧାରଣ କରିଛି। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୁଲିସ ଏପର୍ଯ୍ୟନ୍ତ ୩୫୦ରୁ ଅଧିକ ଜଣଙ୍କୁ ଗିରଫ କରିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଶ୍ରମିକମାନେ ସେମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି ଦାବିରେ ପ୍ରତିବାଦ କରୁଥିବା ବେଳେ ଏହା ହିଂସାରେ ପରିଣତ ହୋଇଥିଲା। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସର୍ବନିମ୍ନ ମଜୁରୀରେ ବୃଦ୍ଧି କରାଯାଇଛି। ତଥାପି, ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସୁରକ୍ଷା ଭାବନା ସୃଷ୍ଟି କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଭାବିତ ଅଞ୍ଚଳରେ ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ରାପିଡ୍ ଆକ୍ସନ ଫୋର୍ସ ଏବଂ ପ୍ରାଦେଶିକ ସଶସ୍ତ୍ର କନଷ୍ଟେବୁଲାରୀର କମ୍ପାନୀଗୁଡ଼ିକୁ ତୁରନ୍ତ ମୁତୟନ କରାଯାଇଛି। ସୁରକ୍ଷା କର୍ମୀମାନେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରିଛନ୍ତି।

# ପୁଣି କଥା ହେବେ ଇରାନ-ଆମେରିକା

## ଇସଲାମାବାଦରେ ହେବ ବୈଠକ: ଟ୍ରମ୍ପ

ୱାସିଂଟନ୍, ୧୪।୪(ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଜାରି ରହିଥିବା ୬ ସପ୍ତାହର ଯୁଦ୍ଧର ଅନ୍ତ ଘଟାଇବା ପାଇଁ ନୂତନ ପ୍ରୟାସ ଆରମ୍ଭ ହୋଇଛି। ପାକିସ୍ତାନର ଇସଲାମାବାଦରେ ଅନୁଷ୍ଠିତ ୨୧ ଘଣ୍ଟାର ମୁହାଁମୁହିଁ ଆଲୋଚନା କୌଣସି ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚି ପାରି ନାହିଁ। ମାତ୍ର ଏହାପରେ ଆସନ୍ତା ଗୁରୁବାର ପୁଣି ଏକ ପର୍ଯ୍ୟାୟ

### ■ ଗୁରୁବାର ହୋଇପାରେ ଆଲୋଚନା

ଆଲୋଚନା ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଅସ୍ତ୍ରବିରତି ଶେଷ ହେବା ପୂର୍ବରୁ ଚୁକ୍ତି ପାଇଁ ଲକ୍ଷ୍ୟ ରହିଛି। ଦୁଇ ଦେଶ ମଧ୍ୟରେ ବର୍ତ୍ତମାନ ଦୁଇ ସପ୍ତାହର ଅସ୍ତ୍ରବିରତି ରହିଛି, ଯାହାର ଅବଧି ଏପ୍ରିଲ ୨୧ରେ ଶେଷ ହେବ। ଏହି ସମୟ ସୀମା ପୂର୍ବରୁ ଏକ ସ୍ଥାୟୀ ସମାଧାନ ବାହାର କରିବାକୁ ଉଭୟ ୱାସିଂଟନ୍ ଏବଂ ତେହେରାନ ବିଚାର କରୁଥିବା ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚନା ଦେଇଛନ୍ତି ଯେ, ଇରାନ ପକ୍ଷରୁ ବୁଝାମଣା ପାଇଁ ଆଗ୍ରହ ପ୍ରକାଶ ପାଇଛି। ଯଦି ଇରାନ ଆମେରିକାର ସର୍ତ୍ତଗୁଡ଼ିକୁ ମାନିବାକୁ ପ୍ରସ୍ତୁତ ହୁଏ, ତେବେ ସେ ବ୍ୟକ୍ତିଗତ ଭାବେ ଆଲୋଚନାରେ ସାମିଲ



ହୋଇପାରନ୍ତି ବୋଲି ସଙ୍କେତ ମିଳିଛି।

ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସ୍ଥାନ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏଥିପାଇଁ ଇସଲାମାବାଦ ଏବଂ ଜେନେଭାକୁ ସମ୍ଭାବ୍ୟ ସ୍ଥାନ ଭାବେ ବିଚାର କରାଯାଉଛି। ପୂର୍ବରୁ ହୋଇଥିବା ଆଲୋଚନାରେ ଆମେରିକାର ପ୍ରତିନିଧି ଦଳର ନେତୃତ୍ୱ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ନେଇଥିବା ବେଳେ ଇରାନ ପକ୍ଷରୁ ସଂସଦ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ ନେତୃତ୍ୱ ନେଇଥିଲେ। ତେବେ ଏହି ବିବାଦର ସମାଧାନ ପଥରେ କେତେକ ଜଟିଳ ପ୍ରସଙ୍ଗ ବାଧା ସୃଷ୍ଟି କରୁଛି। ଇରାନ ହର୍ମୁଜ ପ୍ରଣାଳୀ ଜଳପଥକୁ ନିଜ ଅକ୍ତିଆରକୁ ଆଣିବାକୁ ଚାହିଁଥିବା ବେଳେ ଆମେରିକା ଏହାର ବିରୋଧ କରିଛି। ଏପରିକି ପ୍ରଥମ ଆଲୋଚନା ବିଫଳ ହେବା ପରେ ଆମେରିକା ମଧ୍ୟ ହର୍ମୁଜରେ ଇରାନ ତୈଳ ପରିବହନକୁ ପ୍ରତିରୋଧ କରି ଇରାନର ପ୍ରଭାବ ହ୍ରାସ କରିବାକୁ ଚେଷ୍ଟା କରିଛି। ସେପଟେ ଏହି ଅବରୋଧ ଯୋଗୁଁ ଇରାନକୁ ଦୈନିକ ପ୍ରାୟ ୪୩୫ ନିୟୁତ ଡଲାରର ଆର୍ଥିକ କ୍ଷତି ସହିବାକୁ ପଡୁଛି। ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟରେ ଇରାନର ପରମାଣୁ କାର୍ଯ୍ୟକ୍ରମ, ଅନ୍ତର୍ଜାତୀୟ ପ୍ରତିବନ୍ଧକ ଏବଂ ଲେବାନନରେ ହିଜବୁଲ୍ଲା ଉପରେ ଇସ୍ରାଏଲର ଆକ୍ରମଣ ଏହି ଆଲୋଚନାର ମୁଖ୍ୟ ପ୍ରସଙ୍ଗ ରହିଛି। ଏପରି ସ୍ଥିତିରେ ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଇସଲାମାବାଦ ଆଲୋଚନାରେ କିଛି ସକାରାତ୍ମକ ସଙ୍କେତ ମିଳିଥିଲେ ମଧ୍ୟ ଇରାନ ପର୍ଯ୍ୟାପ୍ତ ପଦକ୍ଷେପ ନେଇନାହିଁ ବୋଲି କହିଛନ୍ତି। ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ଇରାନକୁ ନେବାକୁ ହେବ ବୋଲି ସେ ପ୍ରକାଶ କରିଛନ୍ତି।

# କାହିଁକି ବିଫଳ ହେଲା ଇସଲାମାବାଦ ଆଲୋଚନା

ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ପାକିସ୍ତାନର ଇସଲାମାବାଦଠାରେ ଆମେରିକା ଏବଂ ଇରାନ ମଧ୍ୟରେ ଅନୁଷ୍ଠିତ ଐତିହାସିକ ଆଲୋଚନା କୌଣସି ନିଶ୍ଚିତ ସମାଧାନ ବିନା ଶେଷ ହୋଇଛି। ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବିଶେଷ କରି ୟୁରାନିୟମ ସମ୍ପ୍ରସାରଣକୁ ସ୍ଥଗିତ ରଖିବା ସମୟସୀମା ଉପରେ ଦୁଇ ଦେଶ ମଧ୍ୟରେ ଆଲୋଚନା ହୋଇଥିଲା। ଏନେଇ ଦୁଇ ଦେଶ ମଧ୍ୟରେ ରହିଥିବା ବଡ଼ ଧରଣର ମତଭେଦ ଆଲୋଚନାରେ ମୁଖ୍ୟ ପ୍ରତିବନ୍ଧକ ସାଜିଥିଲା। ୱାସିଂଟନ ଇରାନର ୟୁରାନିୟମ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଉପରେ ଅତି କମରେ ୨୦ ବର୍ଷର





ପ୍ରତିବନ୍ଧକ ଲଗାଇବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ତେହେରାନ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲା ଏବଂ କେବଳ ୫ ବର୍ଷ ପାଇଁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲା। ଆମେରିକାର ଚାପ ସତ୍ତ୍ୱେ ଇରାନ ଏହି ସମୟସୀମା ବଢ଼ାଇବାକୁ ମନା କରିଦେଇଛି। ତେବେ ରାଜନୀତି ବିଶାରଦ ଇଆନ୍ ବ୍ରେମର୍ ଦୁଇ ପକ୍ଷ ମଧ୍ୟରେ ୧୨.୫ ବର୍ଷର ଏକ ମଧ୍ୟବର୍ତ୍ତୀକାଳୀନ ସମୟସୀମା ଉପରେ ସହମତି ହେବାର ସମ୍ଭାବନା ଏବେ ମଧ୍ୟ ରହିଛି ବୋଲି କହିଛନ୍ତି।

ସୂତ୍ର ଅନୁଯାୟୀ, ଇସଲାମାବାଦର ସେରେନା ହୋଟେଲରେ ପ୍ରାୟ ୨୦ ଘଣ୍ଟା ଧରି ମାରାଥନ୍ ବୈଠକ ହୋଇଥିଲା। ଏଥିରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏବଂ ଇରାନର ସଂସଦୀୟ ବାଚସ୍ପତି ମହମ୍ମଦ ବାଘେର ଘାଲିବାଫ ପ୍ରମୁଖ ଉପସ୍ଥିତ ଥିଲେ। ଏହି

**■ ଇରାନର ପରମାଣୁ କାର୍ଯ୍ୟକ୍ରମକୁ ୨୦ ବର୍ଷ ବନ୍ଦ ପାଇଁ ଚାହିଁଥିଲା ଆମେରିକା**

**■ ଇରାନ ୫ ବର୍ଷ ପାଇଁ ରାଜି ହୋଇଥିଲା**

ଆଲୋଚନାରେ କେବଳ ପରମାଣୁ ପ୍ରସଙ୍ଗ ନୁହେଁ, ବରଂ ହର୍ମୁଜ ପ୍ରଣାଳୀର ପୁନଃ ଉନ୍ମୋଚନ, ଅନ୍ତର୍ଜାତୀୟ କଟକଣା ପ୍ରତ୍ୟାହାର ଏବଂ ସୁରକ୍ଷା ଗ୍ୟାରେଣ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ପାକିସ୍ତାନ ସମେତ ମିଶର ଏବଂ ତୁର୍କୀ ଏହି ସଙ୍କଟ ସମାଧାନ ପାଇଁ ମଧ୍ୟସ୍ଥି ଭାବେ କାର୍ଯ୍ୟ କରୁଛନ୍ତି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି ଯେ, ଦୁଇ ଦେଶ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବା ପାଇଁ ପ୍ରୟାସ ଜାରି ରହିଛି। ତେବେ ଆଲୋଚନା ସଫଳ ହୋଇନଥିଲେ ମଧ୍ୟ କୂଟନୈତିକ ଦ୍ୱାର ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ ବୋଲି କୁହାଯାଇଛି। ସେପଟେ ଇରାନ ସରକାରଙ୍କ ପକ୍ଷରୁ ସମ୍ପର୍କ କରାଯାଇଛି ଏବଂ ସେମାନେ ଏକ ଚୁକ୍ତି କରିବାକୁ ଆଗ୍ରହୀ ଅଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏପରି ସ୍ଥଳରେ ସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। କାରଣ ସୋମବାରଠାରୁ ଆମେରିକା ସେନା ଇରାନର ବନ୍ଦରଗୁଡ଼ିକ ଉପରେ ଅବରୋଧ ଆରମ୍ଭ କରିଦେଇଛି। ଆମେରିକାର ଏପରି ପଦକ୍ଷେପ ୨ ସପ୍ତାହର ଅସ୍ତ୍ରବିରତିକୁ ବିପଦରେ ପକାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି।

### ଟ୍ରମ୍ପଙ୍କ ନୌସେନା ଅବରୋଧକୁ ଚ୍ୟାଲେଞ୍ଜ

# ହର୍ମୁଜ ଦେଇ ଅତିକ୍ରମ କଲା ଚୀନ୍‌ର ତେଲ ଟ୍ୟାଙ୍କର





ତେହେରାନ, ୧୪।୪(ଏଜେନ୍ସି): ଇରାନର ତେଲ ରପ୍ତାନି ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ନୌସେନା ଅବରୋଧକୁ ଏକ ବଡ଼ ଆହ୍ୱାନ ମିଳିଛି। ଚୀନ୍ ସହିତ ସମ୍ପୃକ୍ତ ଏବଂ ଆମେରିକା ଦ୍ୱାରା ପ୍ରତିବନ୍ଧିତ ଏକ ତେଲ ଟ୍ୟାଙ୍କର 'ରିଚ୍ ଷ୍ଟାରି' ହର୍ମୁଜ ପ୍ରଣାଳୀ ଦେଇ ଗତି କରି ଏହି ଅବରୋଧର ଗମ୍ଭୀରତାକୁ ପରୀକ୍ଷା କରିଥିବା ଜଣାପଡ଼ିଛି। ପୂର୍ବରୁ 'ଫୁଲ୍ ଷ୍ଟାର୍' ନାମରେ ପରିଚିତ ଏହି ଟ୍ୟାଙ୍କରକୁ ୱାସିଂଟନ କଳାତାଲିକାଭୁକ୍ତ କରିଥିଲା। ଇରାନ ବିରୋଧରେ ଆମେରିକା ପକ୍ଷରୁ ଥିବା ଶକ୍ତି ପ୍ରତିବନ୍ଧକକୁ ଅମାନ୍ୟ କରିବା ଅଭିଯୋଗରେ ଆମେରିକା ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଗତ ସୋମବାର ଟ୍ରମ୍ପ ପ୍ରଶାସନ ଇରାନର ତେଲ ବିକ୍ରୟ କ୍ଷମତାକୁ ସୀମିତ କରିବା ପାଇଁ ଏହି ନୌସେନା ଅବରୋଧ ଆରମ୍ଭ କରିଛି। ଯାହା ବିଶ୍ୱ ଶକ୍ତି ବଜାରରେ ଉତ୍ତେଜନା ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ରିଚ୍ ଷ୍ଟାରି ଜାହାଜଟି ଗତ ୨୪ ଘଣ୍ଟା ମଧ୍ୟରେ ଦ୍ୱିତୀୟ ଥର ପାଇଁ ପାରସ୍ୟ ଉପସାଗରରୁ ବାହାରିବାକୁ ଚେଷ୍ଟା କରିଥିଲା। ଅବରୋଧ କାର୍ଯ୍ୟକାରୀ ହେବା ମାତ୍ରେ ଜାହାଜଟି ପ୍ରଥମେ ପଛକୁ ଫେରିଯାଇଥିଲା, କିନ୍ତୁ କିଛି ଘଣ୍ଟା ପରେ ନିଜର ଚୀନ୍ ମାଲିକାନା ଏବଂ ଚୀନ୍ କୁ ଥିବା ଜଣାଇ ପୁଣି ଯାତ୍ରା ଆରମ୍ଭ କରିଥିଲା। ଏହା ସହିତ 'ଏଲପିସ୍' ନାମକ ଅନ୍ୟ ଏକ ଟ୍ୟାଙ୍କର ମଧ୍ୟ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିବା ରିପୋର୍ଟ ମିଳିଛି। ଏହି ଅବରୋଧ ଯୋଗୁଁ ଇରାନ ଦୈନିକ ପ୍ରାୟ ୪୩୫ ନିୟୁତ ଡଲାର କ୍ଷତି ସହୁଥିବା ଅନୁମାନ କରାଯାଉଛି। ଅନ୍ୟପଟେ, ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି ଏହି ପଦକ୍ଷେପକୁ ନିନ୍ଦା କରିବା ସହ ଉଭୟ ଦେଶ ମଧ୍ୟରେ ଶାନ୍ତି ଆଲୋଚନା ପାଇଁ ଅପିଲ କରିଛନ୍ତି। ରିଚ୍ ଷ୍ଟାରି ଜାହାଜଟି ମାଲାୱି ପତାକା ବ୍ୟବହାର କରୁଥିବା ଦାବି କରୁଥିଲେ ହେଁ ମାଲାୱି ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି।

# ନୀତୀଶଙ୍କୁ ହଟାଇବାକୁ ପ୍ରତିଜ୍ଞା କରିଥିଲେ ସମ୍ରାଟ



ପାଟନା, ୧୪।୪(ଏଜେନ୍ସି): ବିହାର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲିଆସିଥିବା ନୀତିଶ କୁମାରଙ୍କ ଶାସନ କାଳର ପରିସମାପ୍ତି ଘଟିବା ସହ ବିଜେପି ନେତା ସମ୍ରାଟ ଚୌଧୁରୀ ରାଜ୍ୟର ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଏହା ସହିତ ବିହାରରେ ବିଜେପି ପ୍ରଥମ ଥର ପାଇଁ ନିଜର ମୁଖ୍ୟମନ୍ତ୍ରୀ ପାଇବାକୁ ଯାଉଛି। ମଙ୍ଗଳବାର ଅନୁଷ୍ଠିତ ବିଜେପି ବିଧାୟକ ଦଳ ବୈଠକରେ ୫୭ ବର୍ଷୀୟ ସମ୍ରାଟ ଚୌଧୁରୀଙ୍କୁ ସର୍ବସମ୍ମତି କ୍ରମେ ନେତା ଭାବେ ଚୟନ କରାଯାଇଛି। ବୈଠକରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଉପସ୍ଥିତିରେ ଉପ-ମୁଖ୍ୟମନ୍ତ୍ରୀ ବିଜୟ ସିହ୍ନା ତାଙ୍କ ନାମ ସୁପାରିଶ କରିଥିଲେ। ଅନ୍ୟ ବରିଷ୍ଠ ନେତାମାନେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ସୂଚନା ଅନୁଯାୟୀ, ଆସନ୍ତାକାଲି ଅର୍ଥାତ ଏପ୍ରିଲ ୧୫ରେ ଲୋକ ଭବନଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସମ୍ରାଟ ଚୌଧୁରୀ ବର୍ତ୍ତମାନ ରାଜ୍ୟର ଗୃହ ବିଭାଗ ସମ୍ଭାଳୁଥିବା ବେଳେ ପୂର୍ବରୁ ସେ ବିହାର ବିଜେପିର ସଭାପତି ଭାବେ କାର୍ଯ୍ୟ କରିଛନ୍ତି। ଜଣେ ଶକ୍ତିଶାଳୀ ଓବିସି (କୁଶୱାହ-କୋଏରୀ) ଚେହେରା ଭାବେ ତାଙ୍କର ରାଜ୍ୟରେ ବେଶ ପ୍ରଭାବ ରହିଛି। ନିଜର ଚୟନ ପରେ ଶ୍ରୀ ଚୌଧୁରୀ ସୋସିଆଲ ମିଡିଆ 'ଏକ୍ସ' ମାଧ୍ୟମରେ କେନ୍ଦ୍ରୀୟ ନେତୃତ୍ୱ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିହାରର ଜନସାଧାରଣଙ୍କ ସେବା କରିବା ପାଇଁ ନିଷ୍ଠା ଓ ସାଧୁତାର ସହ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶ୍ରୀ ଚୌଧୁରୀ ଜଣେ ପ୍ରତିଷ୍ଠିତ ରାଜନେତା ଶକୁନି ଚୌଧୁରୀଙ୍କ ପୁତ୍ର। ସେ ୧୯୯୯ରେ ଆରଜେଡି ସରକାରରେ କୃଷି ମନ୍ତ୍ରୀ ଭାବେ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରିଥିଲେ ଏବଂ ପରେ ଜେଡିୟୁ ଦେଇ ୨୦୧୮ ରେ ବିଜେପିରେ ସାମିଲ ହୋଇଥିଲେ। ୨୦୨୫ ବିଧାନସଭା ନିର୍ବାଚନରେ ବିଜେପିକୁ ସବୁଠାରୁ ବଡ଼ ଦଳ ଭାବେ ଉଭା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏକଦା ନୀତିଶ କୁମାରଙ୍କ ପ୍ରଖର ସମାଲୋଚକ ଥିବା ଚୌଧୁରୀ, ନୀତିଶଙ୍କୁ କ୍ଷମତାରୁ ହଟାଇବା ପର୍ଯ୍ୟନ୍ତ ନିଜ ମୁଣ୍ଡରୁ 'ମୁରେଠା' (ପଗଡ଼ି) ନଖୋଲିବାକୁ ଶପଥ ନେଇଥିଲେ, ଯାହା ଏବେ ପୂର୍ଣ୍ଣ ହୋଇଛି ବୋଲି କୁହାଯାଉଛି।



# ୬ ଥର ଇସ୍ତଫା, ୧୦ ଥର ଶପଥ

ପାଟନା, ୧୪।୪(ଏଜେନ୍ସି): ଭାରତୀୟ ରାଜନୀତିରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ରାଜନୈତିକ ଜୀବନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ବାରମ୍ବାର ଶପଥ ଗ୍ରହଣ ଏବଂ ବାରମ୍ବାର ଇସ୍ତଫା ଦେବାର ଏକ ବିରଳ ନୀତି ତାଙ୍କୁ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ଉଭା କରିଛି। ନୀତିଶ ମୋଟ ୧୦ ଥର ବିହାରର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବା ବେଳେ ୬ ଥର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଏହା କୌଣସି ଭାରତୀୟ ରାଜନେତାଙ୍କ ପାଇଁ ଏକ ରେକର୍ଡ।.

ନୀତିଶ କୁମାରଙ୍କ ରାଜନୈତିକ ଜୀବନ ୩ ମାର୍ଚ୍ଚ ୨୦୦୦ରୁ ଆରମ୍ଭ ହୋଇଥିଲା। ଯଦିଓ ସେହି ସରକାର ମାତ୍ର କିଛି ଦିନ ପାଇଁ ରହିଥିଲା ଏବଂ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାରେ ବିଫଳ ହୋଇ ସେ ୧୦ ମାର୍ଚ୍ଚ ୨୦୦୦ରେ ପ୍ରଥମ ଥର ପାଇଁ ଇସ୍ତଫା ଦେଇଥିଲେ। ଏହା ପରଠାରୁ ୨୦୦୫ରେ ସେ ପୁଣି କ୍ଷମତାକୁ ଫେରିଥିଲେ ଏବଂ ବିହାର ରାଜନୀତିର କେନ୍ଦ୍ରବିନ୍ଦୁ ପାଲଟିଥିଲେ। ୨୦୧୦ରେ ସେ ତୃତୀୟ ଥର ପାଇଁ ଶପଥ ନେଇଥିଲେ। ୨୦୧୪ ଲୋକସଭା ନିର୍ବାଚନରେ ଦଳର ଖରାପ ପ୍ରଦର୍ଶନ ପାଇଁ ନୈତିକ ଦାୟିତ୍ୱ ଗ୍ରହଣ କରି ସେ ଇସ୍ତଫା ଦେଇଥିଲେ। କିନ୍ତୁ ଫେବୃଆରୀ ୨୦୧୫ରେ ଜିତନ ରାମ ମାଞ୍ଝୀଙ୍କୁ ହଟାଇ ଚତୁର୍ଥ ଥର ପାଇଁ ମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୫ ବିଧାନସଭା ନିର୍ବାଚନ ପରେ ଆରଜେଡି ସହ ମିଶି ପଞ୍ଚମ ଥର, ୨୦୧୭ ରେ ମହାଗଠବନ୍ଧନ ଭାଙ୍ଗି ଏନଡିଏ ସହ ମିଶି ଷଷ୍ଠ ଥର ଏବଂ ୨୦୨୦ରେ ସପ୍ତମ ଥର ପାଇଁ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ୨୦୨୨ରେ ଏନଡିଏ ଛାଡି ପୁଣି ବିରୋଧୀଙ୍କ ସହ ମିଶି ଅଷ୍ଟମ ଥର, ୨୦୨୪ରେ ପୁଣି ଏନଡିଏକୁ ଫେରି ନବମ ଥର ଏବଂ ଶେଷରେ ୨୦୨୫ ବିଧାନସଭା ନିର୍ବାଚନ ପରେ ସେ ଦଶମ ଥର ପାଇଁ ଶପଥ ଗ୍ରହଣ କରିଛନ୍ତି।

ନୀତିଶଙ୍କ ରାଜନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ, ତାଙ୍କ ଦଳ ଜନତା ଦଳ (ୟୁନାଇଟେଡ୍) କେବେବି ନିଜ ବଳରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ହାସଲ କରିନାହିଁ। ୨୦୧୦ରେ ଜେଡିୟୁ ସର୍ବାଧିକ ୧୧୫ଟି ଆସନ ଜିତିଥିଲେ ମଧ୍ୟ ବହୁମତ ପାଇଁ ଆବଶ୍ୟକ ୧୨୨ଟି ଆସନଠାରୁ ୭ ଟି ପଛରେ ଥିଲା। ତେଣୁ ବିଜେପି ନେତୃତ୍ୱାଧୀନ ଏନଡିଏ ହେଉ ବା ଆରଜେଡି-କଂଗ୍ରେସର ମହାଗଠବନ୍ଧନ, ନୀତିଶ ସବୁବେଳେ ମେଣ୍ଟ ଉପରେ ନିର୍ଭର କରି ଶାସନ ଗାଦିରେ ରହିଛନ୍ତି। ନୀତିଶଙ୍କ ଏହି ରଣନୀତିକୁ ପାଇଁ ସମାଲୋଚକମାନେ ତାଙ୍କର ବାରମ୍ବାର ଦଳ ବଦଳ ଓ ଇସ୍ତଫାକୁ ନେଇ ତାଙ୍କ ନୈତିକତା ଏବଂ ଜନାଦେଶ ପ୍ରତି ସମ୍ମାନ ଉପରେ ପ୍ରଶ୍ନ ଉଠାଇ ଆସିଛନ୍ତି। ତଥାପି, ଏହି ସମସ୍ତ ବିତର୍କ ମଧ୍ୟରେ ଏକ କଥା ସ୍ପଷ୍ଟ ଯେ, ନୀତିଶ କୁମାର ଏଭଳି ଏକ ରାଜନୈତିକ ମଡେଲ ତିଆରି କରିଛନ୍ତି ଯେଉଁଠାରେ ସେ ସମୟ ଅନୁଯାୟୀ ନିଷ୍ପତ୍ତି ନେଇ ଏବଂ ମେଣ୍ଟ ପରିଚାଳନା କରି ନିଜର କ୍ଷମତା ବଜାୟ ରଖିବାରେ ସଫଳ ହୋଇଛନ୍ତି।

# ଛତିଶଗଡ଼ ବିଦ୍ୟୁତ୍ ପ୍ରକଳ୍ପରେ ବିସ୍ଫୋରଣ, ୧୦ ମୃତ



ନୂଆଦିଲ୍ଲୀ, ୧୪।୪(ଏଜେନ୍ସି): ଛତିଶଗଡ଼ର ଶକ୍ତି ଜିଲ୍ଲା ସ୍ଥିତ ବେଦାନ୍ତ ଲିମିଟେଡ୍ ପାୱାର ପ୍ଲାଣ୍ଟରେ ମଙ୍ଗଳବାର ଏକ ଭୟଙ୍କର ବଏଲର ବିସ୍ଫୋରଣ ଘଟିଛି। ଦୁର୍ଘଟଣାରେ ଅତିକମରେ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏସ୍‌ପି ପ୍ରଫୁଲ୍ଲ ଠାକୁରଙ୍କ ଅନୁଯାୟୀ, ଦୁର୍ଘଟଣା ସ୍ଥଳରେ ହିଁ ୩ ଜଣ ଶ୍ରମିକଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟମାନେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ବିସ୍ଫୋରଣ ପରେ ତୁରନ୍ତ ସ୍ଥାନୀୟ ପ୍ରଶାସନ ଓ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଆହତ ଶ୍ରମିକମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ପଡୋଶୀ ରାୟଗଡ଼ ଜିଲ୍ଲାର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ପ୍ଲାଣ୍ଟ ପରିସର ଅତ୍ୟଧିକ ଗରମ ଥିବାରୁ ସେଠାରୁ ସମସ୍ତ ଶ୍ରମିକ ଓ କର୍ମଚାରୀଙ୍କୁ ବାହାର କରି ଦିଆଯାଇଛି। ରାୟଗଡ଼ ଏସ୍‌ଡିଏମ୍ ମହେଶ ଶର୍ମା ଗଣମାଧ୍ୟମକୁ ଜଣାଇଛନ୍ତି ଯେ, ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ତଦନ୍ତ ପ୍ରକ୍ରିୟା ଜାରି ରହିଛି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବେଦାନ୍ତ ପ୍ଲାଣ୍ଟ ପରିଚାଳନା କର୍ତ୍ତୃପକ୍ଷ ଏକ ବିବୃତ୍ତିରେ କହିଛନ୍ତି ଯେ, ସିଂଘିତରାଇ ପ୍ଲାଣ୍ଟର ଏହି ବଏଲର ୟୁନିଟ୍‌କୁ ଏକ ସବ୍-କଣ୍ଟ୍ରାକ୍ଟର ସଂସ୍ଥା 'ଏନଜିଏସ୍ଏଲ୍' ଦ୍ୱାରା ପରିଚାଳନା ଓ ରକ୍ଷଣାବେକ୍ଷଣ କରାଯାଉଥିଲା। ପ୍ରଭାବିତଙ୍କୁ ସର୍ବୋତ୍ତମ ଚିକିତ୍ସା ସେବା ଯୋଗାଇଦେବା ଏବଂ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ତଦନ୍ତରେ ସହଯୋଗ କରୁଥିବା ସେ କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ନୂତନ ବ୍ୟବସାୟ ଆରମ୍ଭ କରି ପାରନ୍ତି। ଇଚ୍ଛା ମୁତାବକ କାମ ହେବ। ଆଶା କରିଥିବା ଦିଗରୁ ଧନ ମିଳିବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ:** ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖର୍ଚ୍ଚ ବଢ଼ିପାରେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିପାରନ୍ତି। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ।

**କର୍କଟ:** ଯୋଜନା ମୁତାବକ କାମ କରନ୍ତୁ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଅତିଥି ସତ୍କାର କରିପାରନ୍ତି।

**ସିଂହ:** ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଦ୍ଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ।

**ତୁଳା:** ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ। ଦାନ ଧର୍ମ କରନ୍ତୁ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିପାରେ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ।

**ଧନୁ:** ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ଆପଣଙ୍କ ମନୋସ୍କାମନା ପୂର୍ଣ୍ଣ ହେବ।

**ମକର:** କିଛି ଘଟଣା ଆପଣଙ୍କ ଚିନ୍ତାକୁ ବଢ଼ାଇପାରେ। ନିଜକୁ ଶାନ୍ତ ରଖନ୍ତୁ। ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**କୁମ୍ଭ:** ନୂତନ ବ୍ୟବସାୟ ଆରମ୍ଭ କରିବା ପାଇଁ ବର୍ତ୍ତମାନ ସମୟ ଅନୁକୂଳ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

**ମୀନ:** ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

## ଆଜିର ଐତିହ୍ୟ

- ୧୪୬୯ - ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକଙ୍କ ଜନ୍ମ।
- ୧୮୧୭ - ଆମେରିକାରେ ମୂକବଧିରଙ୍କ ପାଇଁ ପ୍ରଥମ ସ୍କୁଲ ଖୋଲାଗଲା।
- ୧୯୨୩- ମଧୁମେହ ରୋଗୀଙ୍କ ପାଇଁ ଇନ୍ସୁଲିନ୍ ବଜାରରେ ଉପଲବ୍ଧ ହେଲା।
- ୧୯୪୮ - ହିମାଚଳ ପ୍ରଦେଶ ରାଜ୍ୟର ଗଠନ ହୋଇଥିଲା।
- ୨୦୧୨- ପାକିସ୍ତାନର ଏକ ଜେଲ୍ ଉପରେ ଆକ୍ରମଣ ପରେ ୪୦୦ ଆତଙ୍କବାଦୀ ଫେରାର୍ ହୋଇଗଲେ।

## 'ରାକା'

# ଅଲ୍ଲୁଙ୍କୁ ୧୭୫, ଦୀପିକାଙ୍କୁ ୨୫





ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଅଲ୍ଲୁ ଅର୍ଜୁନ୍‌ଙ୍କ ଫିଲ୍ମ 'ରାକା'ର ପୋଷ୍ଟର୍ ଜାରି ହେବା ପରେ ତାଙ୍କ ଲୁକ୍ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହା ଏକ ହାଇ ବଜେଟ୍‌ର ସାଇନ୍ସ ଫିକ୍ସନ୍ ଫିଲ୍ମ ହେବ। ଏଥିରେ ଅଲ୍ଲୁଙ୍କ ବିପକ୍ଷରେ ଦୀପିକା ପାଦୁ୍ୟକୋନ୍ ନଜର ଆସିବେ। ଏହି ଫିଲ୍ମ ପାଇଁ ଦୀପିକାଙ୍କୁ ଅଲ୍ଲୁ ଅପେକ୍ଷା ବହୁତ କମ୍ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି। ସେ ଅଲ୍ଲୁଙ୍କଠାରୁ ସାତ ଗୁଣ କମ୍ ପାରିଶ୍ରମିକ ନେଇଥିବା କୁହାଯାଉଛି। ଅଲ୍ଲୁ ଏହି ଫିଲ୍ମ ପାଇଁ ୧୭୫ କୋଟି ନେଇଥିବାବେଳେ ଦୀପିକା ୨୫ କୋଟି ନେଇଛନ୍ତି। ଏଥିରେ ରଶ୍ମିକା ମନ୍ଦାନା ମଧ୍ୟ ଅଭିନୟ କରୁଛନ୍ତି। ରଶ୍ମିକା ଏହି ଫିଲ୍ମ ପାଇଁ ୫-୭ କୋଟି ନେଇଛନ୍ତି। ତେବେ ଏହି ଫିଲ୍ମରେ କଳାକାରମାନଙ୍କ ଫିସ୍ ସାମ୍ନାକୁ ଆସିବା ପରେ ପୁଣି ଥରେ ଇଣ୍ଡଷ୍ଟ୍ରୀରେ ମହିଳା, ପୁରୁଷ କଳାକାରମାନଙ୍କ ମଧ୍ୟରେ ପାରିଶ୍ରମିକକୁ ନେଇ ଥିବା ଅସମାନତା କଥା ସାମ୍ନାକୁ ଆସିଛି। ଅନେକ ଫିଲ୍ମରେ ମହିଳାମାନେ ଲିଡ୍ ରୋଲରେ ଥାଇ ମଧ୍ୟ ହିରୋ ବା ନାୟକଙ୍କଠାରୁ ଅପେକ୍ଷାକୃତ କମ୍ ପାରିଶ୍ରମିକ ପାଇଥାନ୍ତି। ଏହି ଫିଲ୍ମର ବଜେଟ୍ ରହିଛି ୭୦୦ କୋଟି। ଏଥିରେ ଅଲ୍ଲୁ ଚାରୋଟି (ପୁଲିସ୍, ପିତା, ଦୃଷ୍ଟିବାଧିତ ବ୍ୟକ୍ତି ଓ ଅଧା ରାକ୍ଷସ) ଭୂମିକାରେ ନଜର ଆସିବେ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ସାଉଥ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ଏଟ୍‌ଲି।

## ନିଚ୍ଛକ ପ୍ରେମ

# ମୃତ ପୁଅର ବିବାହ କରାଉଛନ୍ତି ପିତାମାତା



ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ଲୋକେ ସେମାନଙ୍କ ସ୍ମୃତିକୁ ସବୁଦିନ ସାଇତି ରଖିବା ପାଇଁ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନା କରିଥାନ୍ତି। ଏହି କ୍ରମରେ ତେଲେଙ୍ଗାନା, ମେହବୁବାବାଦରେ ରହୁଥିବା ଏକ ଦମ୍ପତି ଆଜିକୁ ଦୀର୍ଘ ୨୩ ବର୍ଷ ହେଲାଣି ମୃତ ପୁଅର ବିବାହ ଉତ୍ସବ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି। ଲାଲୁ ଏବଂ ସୁକ୍କମ୍ମାଙ୍କ ପୁଅ ରାମ କୋଟି ୨୦୦୩ ମସିହାରେ ସବୁଦିନ ପାଇଁ ଆଖି ବୁଜିଥିଲେ। ଜୀବିତାବସ୍ଥାରେ ରାମ କୋଟି ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ପରିବାରର ବିରୋଧ ଯୋଗୁଁ ଉଭୟଙ୍କର ବିବାହ ହୋଇ ପାରି ନ ଥିଲା। ଏହି ଦୁଃଖରେ ଭାଙ୍ଗିପଡ଼ି ରାମ କୋଟି ଆତ୍ମହତ୍ୟା କରିଥିଲେ। କିଛି ସମୟ ମଧ୍ୟରେ ରାମ କୋଟିଙ୍କ ପ୍ରେମିକା ମଧ୍ୟ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ପରେ ଉଭୟଙ୍କ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ହେଲେ ସେବେଠାରୁ ଏକ ପରମ୍ପରା ଆରମ୍ଭ ହେଲା ଯାହା ଆଜିବି ଚର୍ଚ୍ଚାରେ ରହିଛି। ଦିନେ ସୁକ୍କମ୍ମାଙ୍କ ସ୍ୱପ୍ନରେ ତାଙ୍କ ପୁଅ ଆସି ମନ୍ଦିର ତୋଳାଇବା ପାଇଁ କହିବା ସହ ବିବାହ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ କହିଥିଲେ। ଏହାପରେ ପରିବାର ଲୋକେ ଘରେ ଏକ ଛୋଟ ମନ୍ଦିର ତିଆରି କଲେ। ଏହି ମନ୍ଦିରରେ ରାମ କୋଟି ଏବଂ ତା'ର ପ୍ରେମିକାଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କଲେ। ପ୍ରତିବର୍ଷ ପବିତ୍ର ରାମନବମୀ ଦିନ ପରିବାର ଲୋକେ ପୁଅ ଓ ତାଙ୍କ ପ୍ରେମିକାର ବିବାହ କରାଇଥାନ୍ତି। ପାରମ୍ପରିକ ବିବାହ ଭଳି ଏହା ହୋଇଥାଏ। ମେହବୁବାବାଦ ଏବଂ ଏହାର ଆଖାପାଖ ଗାଁର ଲୋକେ ପ୍ରତି ବର୍ଷ ଏହି ବିବାହରେ ସାମିଲ ହୋଇଥାନ୍ତି। ଗାଁ ଲୋକ ଏହାକୁ ବିଶ୍ୱାସ ଏବଂ ପ୍ରେମର ପ୍ରତୀକ ବୋଲି ମାନିଥାନ୍ତି। କେବଳ ସେତିକି ନୁହେଁ, ଏହି ଘଟଣା ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ବେଶ୍ ଭାବବିହ୍ୱଳ କରିଥାଏ। ତେବେ ତେଲେଙ୍ଗାର ଏହି କାହାଣୀ ନିଚ୍ଛକ ପ୍ରେମର ଅନ୍ତ ନାହିଁ ବୋଲି ଦର୍ଶାଇଥାଏ। ପୁଅକୁ ସବୁଦିନ ଲାଗି ହରାଇବା ପରେ ଲାଲୁ ଏବଂ ସୁକମ୍ମା ଏଭଳି ଏକ ପରମ୍ପରା ମାଧ୍ୟମରେ ନିଜ ପୁଅର ସ୍ମୃତିକୁ ଜୀବିତ ରଖିଛନ୍ତି।

# କର୍ମଚାରୀଙ୍କୁ ଉପହାରରେ ଅଡି




ଚେନ୍ନାଇର ଏକ କମ୍ପାନି ତା'ର କର୍ମଚାରୀଙ୍କୁ ଉପହାରରେ ଯାହା ପ୍ରଦାନ କରିଛି, ତାହା ଏବେ ଚର୍ଚ୍ଚା ସାଉଁଟୁଛି। ଏହି କମ୍ପାନି କର୍ମଚାରୀଙ୍କୁ ମିଠା କି କୌଣସି ଗିଫ୍ଟ ହ୍ୟାମ୍ପର ନୁହେଁ, ବରଂ ବେଶ୍ ଦାମୀ କାର୍ ଉପହାରରେ ପ୍ରଦାନ କରିଛି। ରେଫେକ୍ସ ଗ୍ରୁପ୍ ତା'ର ୧୨ ଜଣ କର୍ମଚାରୀଙ୍କୁ ଉପହାରରେ ଅଡି ଏ୪ ପ୍ରଦାନ କରିଛି। ତେବେ ଏହି ଗାଡ଼ିର ଦାମ୍ ପାଖାପାଖି ୬୦ ଲକ୍ଷ ହେବ। ଏହି ଦାମୀ କାର୍ କେବଳ କମ୍ପାନିର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରଦାନ କରାଯାଇ ନାହିଁ। ବର୍ଷ ବର୍ଷ ଧରି କମ୍ପାନି ପାଇଁ କଠିନ ପରିଶ୍ରମ କରିଥିବା ତଥା କଠିନ ପରିସ୍ଥିତିରେ କମ୍ପାନି ସହିତ ଛିଡ଼ା ହୋଇଥିବା କିଛି କର୍ମଚାରୀଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। କହିବାକୁ ଗଲେ, ଏହି ଉପହାର ସେହି ବିଶ୍ୱସ୍ତ କର୍ମଚାରୀମାନଙ୍କ ପାଇଁ ଯେଉଁମାନେ 'ରେଫେକ୍ସ ଗ୍ରୁପ୍'କୁ ଉପରକୁ ନେବାରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ଅନ୍ୟପଟେ ଆଜିର ସମୟରେ ଅଧିକାଂଶ କମ୍ପାନି ଟାର୍ଗେଟ୍ କଥା କହୁଥିବାବେଳେ ରେଫେକ୍ସର ଏହି ପଦକ୍ଷେପ ଅନ୍ୟ କମ୍ପାନି ଲାଗି ଉଦାହାରଣ ସୃଷ୍ଟି କରିଛି। କମ୍ପାନି ଏକଥା ବି ଦର୍ଶାଇଛି ଯେ, 'କର୍ମଚାରୀଙ୍କୁ ସମ୍ମାନ ଦେଲେ ସେମାନେ ଏହାକୁ ପରିବାର ଭଳି ଭାବି କାମ କରିବେ। ସେହିପରି ଏହା କେବଳ କାର୍ ନୁହେଁ, ବରଂ ୧୨ଟି ପରିବାରର ଖୁସିର ଚାବି।' ଅନ୍ୟପଟେ ପରିଶ୍ରମ କେବେ ବୃଥା ଯାଏ ନାହିଁ ବୋଲି ଏହା ଦର୍ଶାଇଛି।

## ସମ୍ଭାବନା



# ଅନ୍‌ଲାଇନ୍ ଏଆଇ କୋର୍ସ

**ଡିଜିଟାଲ ଯୁଗରେ ନୂଆ ନୂଆ କୋର୍ସର ଚାହିଦା ବଢ଼ୁଛି। ଏହି ପରିବର୍ତ୍ତନକୁ ଦୃଷ୍ଟିରେ ରଖି ହାଭାର୍ଡ ବିଶ୍ୱବିଦ୍ୟାଳୟ ଏଆଇ, ଡାଟା ସାଇନ୍ସ ଏବଂ ପୋଗ୍ରାମିଂରେ ଆଗ୍ରହ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ମାଗଣା ଅନ୍‌ଲାଇନ କୋର୍ସ ଆରମ୍ଭ କରିଛି। ଏହି ଫ୍ରି ଅନ୍‌ଲାଇନ୍ କୋର୍ସ ମେସିନ ଲର୍ଣ୍ଣିଂ ଭଳି ନୂଆ ଟେକ୍ନିକ୍‌କୁ ଆହୁରି ଉନ୍ନତ କରିବ।**



ଏହି କୋର୍ସ ମାଧ୍ୟମରେ ଏଆଇ ଶିଖିବା ସହଜ ଓ ବ୍ୟବସ୍ଥିତ ଉପାୟରେ ସମ୍ଭବ ହେବ। ଏହାର ସବୁଠୁ ବଡ଼ ବିଶେଷତ୍ୱ ହେଉଛି ଏହାକୁ କେବେ ବି ଏବଂ କେଉଁଠୁ ବି କରାଯାଇପାରିବ। କର୍ମଜୀବୀ ନିଜ ସମୟ ଅନୁସାରେ ଶିଖିପାରିବେ ଏବଂ ନିଜ କୌଶଳ ବୃଦ୍ଧି କରିପାରିବେ। ସେହିପରିଏହି କୋର୍ସ ମାଧ୍ୟମରେ ଏଆଇ ଏବଂ ମେସିନ ଲର୍ଣ୍ଣିଂକୁ ବ୍ୟବସାୟରେ କିଭଳି ବ୍ୟବହାର କରାଯିବ। ଏଆଇ ସାହାଯ୍ୟରେ ଲମ୍ବା ଅବଧିର ବ୍ୟବସାୟ ରଣନୀତି କିଭଳି ପ୍ରସ୍ତୁତ କରାଯିବ। ଏହାସହ ଡାଟା ବିଶ୍ଳେଷଣ, ପ୍ୟାଟର୍ଣ୍ଣ ଚିହ୍ନଟ ଭଳି ଗୁରୁତ୍ୱପୂର୍ଣ୍ଣ କୌଶଳ ବିକଶିତ କରି ହେବ।

ଏହା ଚାକିରିର ନୂଆ ଅବସର ସୃଷ୍ଟି କରିବ। ସେହିପରି ନୂଆ କୌଶଳ ମାଧ୍ୟମରେ ଫ୍ରିଲାନ୍ସିଂ କାମ ଆରମ୍ଭ କରିପାରିବେ। ଏହି ଛୋଟ ଅନ୍‌ଲାଇନ୍ କୋର୍ସ ନୂଆ ଟେକ୍ନିକ ଶିଖାଇ ନ ଥାଏ, ବରଂ ଲଗାତାର ଶିଖିବା ଲାଗି ପ୍ରେରଣା ପ୍ରଦାନ କରେ। ଏହାଦ୍ୱାରା ସମୟ ସହିତ ଅପଡେଟ୍ ରହିବା ସମ୍ଭବ ହୁଏ ଏବଂ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ।

ଏନେଇ ହାଭାର୍ଡ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଉପଲବ୍ଧ ଥିବା ଫ୍ରି ଅନଲାଇନ କୋର୍ସ ସୂଚି ଦେଖିପାରିବେ। ଏଠାରେ ବିଭିନ୍ନ ବିଷୟ ସହିତ ଜଡ଼ିତ ଅନେକ କୋର୍ସ ମିଳିବ। ଏଥିରେ ନିଜ ରୁଚି ଏବଂ ଆବଶ୍ୟକତା ଅନୁସାରେ କୌଣସି କୋର୍ସର ଚୟନ କରିପାରିବେ। ଏଥିରେ କୋର୍ସର ଅବଧି, ବିଷୟ ବସ୍ତୁ, ଶିଖିବା ଲକ୍ଷ୍ୟ ସ୍ପଷ୍ଟ ଭାବେ ଲେଖାଯାଇଛି।

# ହ୍ୱାଟ୍ସଆପ୍‌ର ନୂଆ ଫିଚର୍



ହ୍ୱାଟ୍ସଆପ୍ ଏବେ କାର୍ ଚାଳକଙ୍କ ପାଇଁ ଏକ ନୂଆ ଫିଚର୍ ଆଣିଛି। 'କାର୍ ପ୍ଲେ' ଲାଗି ହ୍ୱାଟ୍ସଆପ୍ ଏକ ଅଲଗା ଆପ୍ ଲଞ୍ଚ କରିଛି। ଏହି ଫିଚର ମାଧ୍ୟମରେ ବ୍ୟବହାରକାରୀ କାର୍‌ର ଇଫୋଟେନମେଣ୍ଟ ସିଷ୍ଟମରୁ ହିଁ ହ୍ୱାଟ୍ସଆପ୍ କଲ୍ ଓ ମେସେଜ୍ କରିପାରିବେ। ତେବେ ଏ ଲାଗି ଆପ୍‌ଟି ଆଇଫୋନ୍ କାର୍ ପ୍ଲେ ସହିତ ସଂଯୋଗ ହେବା ଦରକାର। ହ୍ୱାଟ୍ସଆପ୍ ଆଇଓଏସ୍ ଲାଗି ନୂଆ ଅପଡେଟ୍ ଜାରି କରି ଏହି କାର୍ ପ୍ଲେ ଆପ୍‌କୁ ସାମିଲ କରିଛି। ସେହିପରି ହ୍ୱାଟ୍ସଆପ୍-ଫର୍-କାର୍-ପ୍ଲେ ଏଣ୍ଡଟୁ ଏଣ୍ଡ ଏନକ୍ରିପସନକୁ ସପୋର୍ଟ କରେ। କାର୍‌ପ୍ଲେ ହ୍ୱାଟ୍ସଆପ୍‌ରେ ଚାଟ୍ ଏବଂ କଲ୍ ହିଷ୍ଟ୍ରିର ଦୁଇଟି ଅଲଗା ଅଲଗା ସେକସନ ଦିଆଯାଇଛି। ଏହାଦ୍ୱାରା ଚାଳକ ଏକଥା ସହଜରେ ଦେଖିପାରେ ଯେ, ହ୍ୱାଟ୍ସଆପ୍‌ରେ ସେ କାହା ସହିତ କଥା ହୋଇଛି। ଆଉ ଏକ ବିଶେଷତ୍ୱ ହେଉଛି ହ୍ୱାଟ୍ସଆପ୍ କଲକୁ ସିଧା କାର୍ ଡ୍ୟାସବୋର୍ଡ ସହିତ ସଂଯୋଗ କରାଯାଇପାରିବ। ଅବଶ୍ୟ ଚାଟ୍ ଖୋଲି ମେସେଜ ପଢ଼ିବା ପାଇଁ ଗାଡ଼ିକୁ ରୋକିବାକୁ ପଡ଼ିବ। ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ବ୍ୟବହାରକାରୀ ସିଧା ଭଏସ ମାଧ୍ୟମରେ ଉତ୍ତର ରଖିପାରିବେ। ପୂର୍ବରୁ ବ୍ୟବହାରକାରୀ ସିରି ଦ୍ୱାରା ମେସେଜ ପଢ଼ୁଥିଲେ ଏବଂ ତା' ମାଧ୍ୟମରେ ଉତ୍ତର ରଖୁଥିଲେ। ହେଲେ ଏବେ ଏହି ଆପ୍ ମାଧ୍ୟମରେ ସିଧା କଥାବାର୍ତ୍ତା ମାଧ୍ୟମରେ ଉତ୍ତର ରଖିବେ। ଏହାବ୍ୟତୀତ ହ୍ୱାଟ୍ସଆପ୍ ଏବଂ ଫୋନର ସାଧାରଣ କଲ୍ ଗୋଟିଏ ପେଜ୍‌ରେ ଦୃଷ୍ଟିଗୋଚର ହେବ। କହିବାକୁ ଗଲେ ଏହି ଫିଚର୍‌କୁ ଏଭଳି ଭାବେ ଡିଜାଇନ କରାଯାଇଛି ଯେ, ଚାଳକ ଫୋନ୍ ନ ଛୁଇଁ ଲୋକଙ୍କ ସହିତ ଯୋଡ଼ି ହୋଇପାରିବେ।

## ଛଟେଇର ନୂଆ ବିକଳ୍ପ

# 'କ୍ୱାଇଟ୍ ଫାୟାରିଂ'



**ଅଫିସ୍‌ରେ ଛଟେଇ କଥା ଉଠିଲେ ସାଧାରଣତଃ ପ୍ରତ୍ୟେକ କର୍ମଚାରୀ ଶଙ୍କା ତଥା ଭୟଭୀତରେ ରହନ୍ତି। ତେବେ ଆଜିକାଲି କର୍ମଚାରୀଙ୍କୁ ସିଧା ବାହାର କରିବା ପରିବର୍ତ୍ତେ ଏକ ନୂତନ ରଣନୀତିର ସାହାରା ନିଆଯାଉଛି। ଏହାର ନାଁ 'କ୍ୱାଇଟ୍ ଫାୟାରିଂ'।**

**ଯୋଜନାବଦ୍ଧ ରଣନୀତି:** କ୍ୱାଇଟ୍ ଫାୟରିଂ ହେଉଛି କମ୍ପାନିର ଏକ ଯୋଜନାବଦ୍ଧ ରଣନୀତି। ଏହା ଦ୍ୱାରା କୌଣସି କର୍ମଚାରୀଙ୍କୁ ସିଧା ଚାକିରିରୁ ବାହାର କରାଯାଏ ନାହିଁ। ବରଂ ଏମିତି ଏକ ପରିସ୍ଥିତି ସୃଷ୍ଟି କରାଯାଏ, ଯେମିତି କର୍ମଚାରୀ ନିଜେ ବିରକ୍ତି ହୋଇ ଚାକିରି ଛାଡ଼ି ଦେବ। ଅବଶ୍ୟ ଏବେ ବହୁତ କର୍ମଚାରୀ ଏହାର ଶିକାର ହେଉଛନ୍ତି। ଏଥିରେ ଶିକାର କର୍ମଚାରୀଙ୍କ ପଦୋନ୍ନତି କି ଦରମା ବୃଦ୍ଧି ଘଟେ ନାହିଁ। କର୍ମଚାରୀ କିଛି କହିଲେ ତାହାର କୌଣସି ଉତ୍ତର ରଖାଯାଏ ନାହିଁ। ଏନେଇ ଧୀରେ ଧୀରେ କର୍ମଚାରୀଙ୍କୁ ସମସ୍ତ ଜିନିଷଠାରୁ ଦୂରେଇ ରଖାଯାଏ। ଏଇ ଯେମିତି ମିଟିଂରେ ସାମିଲ କରା ନ ଯିବା। ଏହିପ୍ରକାରେ ସବୁକିଛି ଅଚାନକ ଘଟିଥାଏ। କେବଳ ସେତିକି ନୁହେଁ, କ୍ୱାଇଟ୍ ଫାୟରିଂ ଶିକାର କର୍ମଚାରୀଙ୍କ ସହିତ ସହକର୍ମୀ, ମାଲିକ, ମ୍ୟାନେଜର ଧୀରେ ଧୀରେ କଥାବାର୍ତ୍ତା କମ୍ କରନ୍ତି।

**ଗୁରୁତ୍ୱ କମିଯାଏ:** ନିରବରେ ଯେଉଁ କର୍ମଚାରୀଙ୍କୁ ଅଫିସ୍‌ରୁ ବାହାର କରିବାର ଥାଏ, ମ୍ୟାନେଜମେଣ୍ଟ ସେହି କର୍ମଚାରୀଙ୍କଠାରୁ ଦୂରତ୍ୱ ରକ୍ଷା କରିବା ଆରମ୍ଭ କରେ। ଫଳରେ ଅଚାନକ ଅଫିସ୍‌ରେ ଗୁରୁତ୍ୱ କମିଯାଏ। ଏଭଳି କର୍ମଚାରୀଙ୍କର ଟିମ୍‌ରେ ମତାମତ ଗ୍ରହଣ କରାଯାଏ ନାହିଁ। ଏପରିକି କୌଣସି ମ୍ୟାନେଜର ନିଜ ପାଖକୁ ଡାକି କଥା ହେବେ ନାହିଁ କିମ୍ବା କାମ ସୁଧାରିବାର ଚେତାବନୀ ଦିଆଯାଏ ନାହିଁ। ଧୀରେ ଧୀରେ ଆଗକୁ ଯିବା ରୋକିଦିଆଯାଏ। ତେବେ ଏଭଳି ଯଦି କୌଣସି କମ୍ପାନିରେ କାହା ସହ ଘଟୁଛି, ସମ୍ପୃକ୍ତ କର୍ମଚାରୀଙ୍କୁ କମ୍ପାନି ବାହାର କରିବା ଯୋଜନା କରୁଥାଇପାରେ। ତେଣୁ ସତର୍କ ରହିବା ଉଚିତ।

**ମାନସିକ ସ୍ଥିତି ହୁଏ ପ୍ରଭାବିତ:** କ୍ୱାଇଟ୍ ଫାୟାରିଂରେ କର୍ମଚାରୀଙ୍କୁ ବାହାର କରିବା ନେଇ କୌଣସି କାଗଜପତ୍ର ପ୍ରମାଣ ରହେ ନାହିଁ। ଏହା ଏତେ ଚୁପ୍‌ଚାପ ଭାବେ କରାଯାଏ, କର୍ମଚାରୀ ବୁଝିପାରେ ନାହିଁ ଯେ, କମ୍ପାନିର ଉଦ୍ଦେଶ୍ୟ କ'ଣ? ଅବଶ୍ୟ ଏହାକୁ ଅନେକ ନୂଆ ଟ୍ରେଣ୍ଡ ବୋଲି ଭାବୁଛନ୍ତି, କିନ୍ତୁ ଏହା ମ୍ୟାନେଜମେଣ୍ଟର ପୁରୁଣା ଓ ଦୁର୍ବଳ ରଣନୀତି। ଏହାର ପ୍ରଭାବ କର୍ମଚାରୀଙ୍କ ମାନସିକ ସ୍ଥିତି ଉପରେ ପଡ଼େ। କର୍ମଚାରୀ ଆତ୍ମବିଶ୍ୱାସ ହରାଏ ଏବଂ ସେ ଅବସାଦର ଶିକାର ହୁଏ। ଏହା ଦ୍ୱାରା କମ୍ପାନିର ପରିବେଶ ଖରାପ ହୁଏ।

# ସଫଳ ନେତୃତ୍ୱ କିଭଳି ନେବେ



**ସଫଳ ଲିଡର୍ ହେବା ପାଇଁ ପରିବର୍ତ୍ତନ ପ୍ରତି ଦୃଷ୍ଟିକୋଣ ରହିବା ଜରୁରି। ଶୁଣିବା, ମତାମତ ନେବା ଏବଂ ଅନ୍ୟର ଭାବନାକୁ ବୁଝିବା ଅଭ୍ୟାସ ନିଜ ଭିତରେ ବିକଶିତ କରିବା ଦରକାର। ଏହା ଦ୍ୱାରା ନେତୃତ୍ୱ ନେବାର କୌଶଳ ମଜଭୁତ ହୁଏ।**

- ଲୋକଙ୍କ ଭଲ ଚିନ୍ତା କରିବା ଏବଂ ଆଗକୁ ବଢ଼ିବାକୁ ସୁଯୋଗ ଦେବା ହିଁ ଜଣେ ଉତ୍ତମ ଲିଡର୍‌ର ଲକ୍ଷଣ।
- ଲିଡର୍ ହେବା ପାଇଁ ଆତ୍ମବିଶ୍ୱାସ ରହିବା ଜରୁରି।
- ସଫଳ ଲିଡର୍ ପାଇଁ କମ୍ୟୁନିକେସନ ସ୍କିଲ୍ ଆବଶ୍ୟକ। ସରଳ ଓ ସ୍ପଷ୍ଟ ଭାବେ ନିଜ କଥା ରଖନ୍ତୁ। ଏହା ଦ୍ୱାରା ଟିମ୍ ସଦସ୍ୟଙ୍କୁ ସହଜରେ ସବୁ ପ୍ରସଙ୍ଗ ବୁଝିବା ସହଜ ହୁଏ।
- ଉତ୍ତମ ଲିଡର୍ ପ୍ରତ୍ୟେକ ପରିସ୍ଥିତିରେ ଦାୟିତ୍ୱ ନେବାରେ ଆଗକୁ ବଢ଼ନ୍ତି।
- ସେହିପରି କଠିନ ସମୟରେ ଠିକ୍ ନିର୍ଣ୍ଣୟ ନେବା କ୍ଷମତା ରହିବା ଜରୁରି।
- କେହି ଦିନକରେ ଲିଡର ହୋଇ ଯାନ୍ତି ନାହିଁ। ତେଣୁ ଏନେଇ ଲଗାତାର ପରିଶ୍ରମ, ଧୈର୍ଯ୍ୟ, ଉତ୍ତମ ଚିନ୍ତାଧାରା ଆବଶ୍ୟକ।
- ଏହା ବାଦ୍ ସଚ୍ଚୋଟତା ହେଉଛି ନେତୃତ୍ୱ ନେବାର ମୁଖ୍ୟ କାରକ।

## କୋଲକାତା ପାଇଁ ବିଜୟ ସ୍ୱପ୍ନ, ୪ର୍ଥ ପରାଜୟ

# ଚେନ୍ନଇର କ୍ରମାଗତ ଦ୍ୱିତୀୟ ବିଜୟ



ଚେନ୍ନଇ, ୧୪।୪ (ଏଜେନ୍ସି): ତିନିଥରର ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପାଇଁ ଚଳିତ ଆଇପିଏଲ୍‌ରେ ବିଜୟ ସ୍ୱପ୍ନ ପାଲଟିଯାଇଛି। ମଙ୍ଗଳବାର ରାତିରେ ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମରେ ଅନୁଷ୍ଠିତ ଲିଗ୍‌ର ୨୨ତମ ମ୍ୟାଚରେ ଘରୋଇ ଚେନ୍ନଇ ସୁପର୍ କିଙ୍ଗ୍‌ସ (ସିଏସକେ) ୩୨ ରନରେ କୋଲକାତାକୁ ମାତ୍ ଦେଇଛି। ଫଳରେ କୋଲକାତା ଚଳିତ ସିଜନରେ ୫ମ ମ୍ୟାଚରୁ ଚତୁର୍ଥ ପରାଜୟବରଣ କରିଛି। ବର୍ଷା ଲାଗି ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ମ୍ୟାଚ୍ ବାତିଲ ହେବାରୁ ଦଳକୁ ଏକ ପଏଣ୍ଟ ମିଳିଥିଲା। ଅପରପକ୍ଷରେ ହ୍ୟାଟ୍ରିକ ପରାଜୟବରଣ ପରେ ଚେନ୍ନଇ କ୍ରମାଗତ ଦ୍ୱିତୀୟ ବିଜୟ ସହ ଟ୍ରାକ୍‌କୁ ଫେରିଛି।

### ସଂକ୍ଷିପ୍ତ ସ୍କୋର

ଚେନ୍ନଇ ସୁପର କିଙ୍ଗ୍‌ସ: ୧୯୨/୫, ୨୦ ଓଭର (ସାମସନ-୪୮, ବ୍ରେଭିସ- ୪୧, ମହାତ୍ରେ- ୩୮, ଗାଏକୱାଡ- ୭, ସର୍ଫରାଜ- ୨୩, କାର୍ତ୍ତିକ- ୨/୩୫)।

କୋଲକାତା ନାଇଟ୍ ରାଇଡର୍ସ: ୧୬୦/୭, ୨୦ ଓଭର (ରମନଦୀପ୍-୩୫, ପାୱେଲ- ୩୧*, ରାହାଣେ- ୨୭ୠ, ରଘୁବଂଶୀ- ୨୭, ଆଲେନ- ୧, ନାରାୟଣ- ୨୪, ରିଙ୍କୁ- ୬, ନୁର୍- ୩/୨୧)।

### ସାମସନ-ମହାତ୍ରେ-ବ୍ରେଭିସ ଲଢ଼ିଲେ

ଏହି ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସିଏସ୍‌କେ ପାଇଁ ସମସ୍ତ ବ୍ୟାଟର ମିଳିତ ଯୋଗଦାନ ଦେଇଥିଲେ। ଫଳରେ ଦଳ ୨୦ ଓଭରରେ ୫ ୱିକେଟ ବିନିମୟରେ ୧୯୨ ରନର ସମ୍ମାନଜନକ ସ୍କୋର କରିଥିଲା। ଓପନର ସଞ୍ଜୁ ସାମସନ ୩୨ ବଲରେ ସର୍ବାଧିକ ୪୮ ରନର ପାଳି ଖେଳିଥିଲେ। ଆୟୁଷ ମହାତ୍ରେ (୧୭ ବଲରେ ୩୮ ରନ) ଓ ଡେୱାଲ୍ଡ ବ୍ରେଭିସ (୨୯ ବଲରେ ୪୧ ରନ) ମଧ୍ୟ ଉପଯୋଗୀ ବ୍ୟାଟିଂ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ଫରାଜ ଖାନ ୨୩, ଶିବମ ଦୁବେ ୧୩ ଓ ଅଧିନାୟକ ଋତୁରାଜ ଗାଏକୱାଡ ୭ ରନ କରି ଆଉଟ୍ ହୋଇଥିଲେ। କୋଲକାତାର କାର୍ତ୍ତିକ ତ୍ୟାଗୀଙ୍କୁ ୨ଟି ୱିକେଟ୍ ମିଳିଥିଲା।

ଜବାବରେ ଭ୍ରମଣକାରୀ କୋଲକାତା ପାୱାର ପ୍ଲେ'ରେ ଦୁଇ ଓପନର ଫିନ ଆଲେନ (୧ ରନ) ଓ ସୁନିଲ ନାରିନ (୨୪ ରନ)ଙ୍କ ୱିକେଟ ହରାଇ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା। ତେବେ ମଧ୍ୟକ୍ରମରେ ଅଧିନାୟକ ଆଜିଙ୍କ୍ୟ ରାହାଣେ (୨୮ ରନ), ଅଙ୍ଗକ୍ରିଷ୍ଣ ରଘୁବଂଶୀ (୨୭ ରନ) ଏବଂ ନିମ୍ନଭାଗରେ ରମଣଦୀପ ସିଂହ (୩୫ ରନ) ଓ ରୋଭମାନ ପାୱେଲ (ଅପରାଜିତ ୩୧ ରନ) ଲଢ଼େଇ କରିଥିଲେ ମଧ୍ୟ ଦଳ ୭ ୱିକେଟରେ ୧୬୦ ରନ କରିବାକୁ ସମର୍ଥ ହୋଇଥିଲା। ଆଫଗାନ ସ୍ପିନର ନୁର ଅହମ୍ମଦଙ୍କୁ ୩ଟି ଓ ଅଂଶୁଲ କାମ୍ବୋଜଙ୍କୁ ୨ଟି ୱିକେଟ୍ ମିଳିଥିଲା।



**ଆଜିର ଆଇପିଏଲ୍ ମ୍ୟାଚ୍**

ବେଙ୍ଗାଲୁରୁ ବନାମ ଲକ୍ଷ୍ନୌ

ଭେନ୍ୟୁ - ବେଙ୍ଗାଲୁରୁ

ଖେଳ ଆରମ୍ଭ : ରାତି ୭.୩୦

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ଆଇପିଏଲ୍ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ରାଜସ୍ଥାନ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ | ୪ | ୩ | ୦ | ୧ | ୭ | +୦.୭୨୦ |
| ବେଙ୍ଗାଲୁରୁ | ୪ | ୩ | ୧ | ୦ | ୬ | +୧.୧୪୮ |
| ହାଇଦରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ | ୪ | ୨ | ୨ | ୦ | ୪ | -୦.୪୨୭ |
| ଚେନ୍ନଇ | ୫ | ୨ | ୩ | ୦ | ୪ | -୦.୮୪୬ |
| ମୁମ୍ବଇ | ୪ | ୧ | ୩ | ୦ | ୨ | -୦.୭୭୨ |
| କୋଲକାତା | ୫ | ୦ | ୪ | ୧ | ୧ | -୧.୩୮୩ |

## ଆୟର୍ଲାଣ୍ଡ ଗସ୍ତରେ ସୁଯୋଗ ପାଇପାରନ୍ତି ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରେ ଚହଳ ପକାଇଥିବା ରାଜସ୍ଥାନ ରୟାଲ୍ସର ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ଖୁବଶୀଘ୍ର ଜାତୀୟ ଦଳରେ ସ୍ଥାନ ପାଇପାରନ୍ତି। ଭାରତୀୟ ଦଳର ଆଗାମୀ ଆୟର୍ଲାଣ୍ଡ ଗସ୍ତ ଲାଗି ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିପାରେ। ଏପରିକି ତାଙ୍କ ନାମକୁ ସମ୍ଭାବ୍ୟ ତାଲିକାରେ ରଖାଯାଇଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଚୟନ କମିଟି ଆୟର୍ଲାଣ୍ଡ ଗସ୍ତ ଲାଗି ଏହି ଦ୍ୱିତୀୟ ଶ୍ରେଣୀର ଦଳ ପଠାଇବାକୁ ଚିନ୍ତା କରୁଛି। ଏପରି ହେଲେ ବାମହାତୀ ବ୍ୟାଟର ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିବାରେ ସର୍ବକନିଷ୍ଠ ଭାରତୀୟ ଖେଳାଳି ହେବେ। ରିପୋର୍ଟ ଅନୁସାରେ ଆୟର୍ଲାଣ୍ଡ ଗସ୍ତ ସମେତ ଜିମ୍ବାୱେ ବିପକ୍ଷ ସିରିଜରେ ମଧ୍ୟ ସୁଯୋଗ ଦେବାକୁ ଚୟନ କମିଟି ଚିନ୍ତା କରୁଛି। ନିକଟରେ ଆଇପିଏଲ୍‌ର ଅଧ୍ୟକ୍ଷ ଅରୁଣ ଧୁମାଲ ମଧ୍ୟ କହିଥିଲେ ଯେ ଭାରତର ସର୍ବକନିଷ୍ଠ ପଦାର୍ପଣକାରୀ କ୍ରିକେଟର୍ ହେବାକୁ ବୈଭବ ଯୋଗ୍ୟତା ରଖିଛନ୍ତି। ଉଲ୍ଲେଖଯୋଗ୍ୟ ସର୍ବକନିଷ୍ଠ ଭାରତୀୟ ପୁରୁଷ କ୍ରିକେଟର୍ ଭାବେ ସଚିନ ତେନ୍ଦୁଲକର (୧୬ ବର୍ଷ ୨୦୫ ଦିନ) ଓ ମହିଳା କ୍ରିକେଟର୍ ଭାବେ ଶେଫାଳି ବର୍ମା (୧୫ ବର୍ଷ ୨୮୩ ଦିନ) ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ।



## ସଞ୍ଜୁ ମାର୍ଚ୍ଚର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୪।୪ (ଏଜେନ୍ସି): ଭାରତର ସଞ୍ଜୁ ସାମସନ ମାର୍ଚ୍ଚ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ଭାରତକୁ ୩ୟଥର ଲାଗି ଟି-୨୦ ବିଶ୍ୱକପ ଚାମ୍ପିଅନ କରାଇବାରେ ସାମସନଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା। ସେ ବିଶ୍ୱକପରେ ମୋଟ୍ ୫ଟି ମ୍ୟାଚ୍ ଖେଳି ୮୦.୨୫ ହାରରେ ୩୨୧ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ଅପରାଜିତ ୯୭, ଇଂଲଣ୍ଡ ସହ ୮୯ ଓ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ୮୯ ରନର ଉପଯୋଗୀ ଅର୍ଦ୍ଧଶତକୀୟ ପାଳି ସାମିଲ ରହିଛି। ବିଶ୍ୱକପ୍‌ର ପ୍ରାରମ୍ଭିକ ପର୍ଯ୍ୟାୟରେ ସାମସନ ଖେଳି ନ ଥିଲେ। କିନ୍ତୁ ସୁପର୍-୮ରେ ଜିମ୍ବାୱେ ବିପକ୍ଷ ମ୍ୟାଚରେ ସୁଯୋଗ ପାଇଥିବା ସାମସନ ଏହାପରେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ସାମସନ ତାଙ୍କ କ୍ୟାରିୟରରେ ପ୍ରଥମଥର ଲାଗି ଆଇସିସିର ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଏଥିସହ ଗତ ୫ ମାସରେ ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ପୁରସ୍କାର ୫ଟି ଭିନ୍ନ ଦେଶର ଖେଳାଳି ଜିତିଛନ୍ତି। ଫେବୃଆରୀରେ ପାକିସ୍ତାନର ଶାହିବଜାଦ ଫରହାନ, ଜାନୁଆରୀରେ ଡାରୀଲ ମିଚେଲ, ଡିସେମ୍ବରରେ ମିଚେଲ ଷ୍ଟାର୍କ ଓ ନଭେମ୍ବରରେ ଦକ୍ଷିଣ ଆଫ୍ରିକାର ସାଇମନ ହାର୍ମର ଏହି ପୁରସ୍କାର ବିଜୟୀ ହୋଇଥିଲେ। ଅପରପକ୍ଷରେ ଗତ ମାର୍ଚ୍ଚ ମାସ ଲାଗି ନ୍ୟୁଜିଲାଣ୍ଡ ଅଧିନାୟିକା ଆମେଲିଆ କେର୍ ଶ୍ରେଷ୍ଠ ମହିଳା କ୍ରିକେଟର୍ ହୋଇଛନ୍ତି।



## ପ୍ରଥମଥର ଟପ୍-୨୦ରେ ଆୟୁଷ

ନୂଆଦିଲ୍ଲୀ, ୧୪।୪ (ଏଜେନ୍ସି): ଯୁବ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ କ୍ୟାରିୟରରେ ପ୍ରଥମଥର ଲାଗି ବିଡବ୍ଲ୍ୟୁଏଫ୍ ର୍‍ୟାଙ୍କିଙ୍ଗ୍‌ର ଟପ୍-୨୦ରେ ପ୍ରବେଶ କରିଛନ୍ତି। ସଦ୍ୟ ପ୍ରକାଶିତ ପୁରୁଷ ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗରେ ଆୟୁଷ ୧୮ତମ ସ୍ଥାନରେ ରହିଛନ୍ତି। ୨୦ ବର୍ଷୀୟ ଆୟୁଷ ଏକାଥର କେ ୭ଟି ପାହାଚ ଲମ୍ଫ ପ୍ରଦାନ କରିଛନ୍ତି। ନିକଟରେ ଚାଇନାରେ ଶେଷ ହୋଇଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିଅନସିପ୍‌ରେ ଆୟୁଷ ଦମ୍‌ଦାର ପ୍ରଦର୍ଶନ କରି ରୌପ୍ୟ ପଦକ ଜିତିଥିଲେ। ୬୧ ବର୍ଷ ପରେ ପ୍ରଥମ ଭାରତୀୟ ଭାବେ ଏହି ସମ୍ମାନଜନକ ପ୍ରତିଯୋଗିତାର ଫାଇନାଲକୁ ପ୍ରବେଶ କରିଥିବା ଆୟୁଷ ଟାଇଟଲ ଲଢ଼େଇରେ ଚାଇନାର ଶି ୟୁ କ୍ୱିଙ୍କ ନିକଟରୁ ହାରିଯାଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ସେ ଟପ୍-୧୦ ମାନ୍ୟତାର ଏକାଧିକ ଖେଳାଳିଙ୍କୁ ହରାଇଥିଲେ। ଏପରିକି ସେମିରେ ଏକ ନମ୍ବର ଖେଳାଳି ଥାଇଲାଣ୍ଡର କୁନଲାଭଟ ଭିତିଦର୍ଶନଙ୍କୁ ମାତ୍ ଦେଇଥିଲେ। ଏହି ପ୍ରଭାବୀ ପ୍ରଦର୍ଶନ ଲାଗି ବିଡବ୍ଲ୍ୟୁଏଫ୍ ମାନ୍ୟତାରେ ତାଙ୍କର ଉନ୍ନତି ଘଟିଛି। ଟପ୍-୨୦ରେ ଶୀର୍ଷ ଭାରତୀୟ ବ୍ୟାଡ୍‌ମିଣ୍ଟନ ଖେଳାଳି ଭାବେ ଲକ୍ଷ୍ୟ ସେନ ୧୧ତମ ସ୍ଥାନରେ ରହିଛନ୍ତି।

## ୧୭ରେ ଯୋଗଦେଇପାରନ୍ତି କମିନ୍ସ

ହାଇଦରବାଦ୍, ୧୪।୪ (ଏଜେନ୍ସି): ସନ୍‌ରାଇଜର୍ସ ହାଇଦରାବାଦ୍‌ର ଅଧିନାୟକ ପ୍ୟାଟ କମିନ୍ସ ଆଇପିଏଲ୍ ଖେଳିବା ଲାଗି ଏପ୍ରିଲ ୧୭ରେ ଦଳ ସହ ଯୋଗଦେଇ ପାରନ୍ତି ବୋଲି ଆଶା କରାଯାଉଛି। ଭାରତରୁ ଫେରିଯିବା ପରେ କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ତାଙ୍କର ଚିକିତ୍ସା କରାଯାଇଥିଲା ଓ ସେ ଏବେ ପୁରା ସୁସ୍ଥ ଥିବା କଥା ସନ୍‌ରାଇଜର୍ସ ହାଇଦରାବାଦ୍‌କୁ ଜଣାଇ ଦିଆଯାଇଛି। ଅଷ୍ଟ୍ରେଲିଆରେ



ତାଙ୍କର ଫିଟ୍‌ନେସ୍ ପରୀକ୍ଷା କରାଯିବ। ଏଥିରେ ସେ ଯଦି ପାସ୍ କରନ୍ତି, ତେବେ ୧୭ରେ ଦଳ ସହ ହାଇଦରାବାଦ୍‌ରେ ଯୋଗଦେବାର ସମ୍ଭାବନା ରହିଛି। ୧୮ରେ ଘରୋଇ ମାଟିରେ ସନ୍‌ରାଇଜର୍ସ ମ୍ୟାଚ୍ ଖେଳିବ। ଏଥିରେ କମିନ୍ସ ଖେଳିଲେ ଦଳର ପେସ୍ ବୋଲିଂ ଶକ୍ତି ବୃଦ୍ଧି ପାଇବ।

## ଦର୍ଶକଙ୍କୁ ନିରାଶ କଲେ ସୂର୍ଯ୍ୟବଂଶୀ

# ନୂଆ ଆଶା ଦେଲେ ପ୍ରଫୁଲ୍ଲ ହିଙ୍ଗେ

ହାଇଦରାବାଦ୍, ୧୪।୪ (ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ରାଜସ୍ଥାନ ରୟାଲ୍ସ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ମୁକାବିଲାରେ ଇତିହାସ ସୃଷ୍ଟି ହୋଇଛି। ଏହାକୁ ସୃଷ୍ଟି କରିଛନ୍ତି ହାଇଦରାବାଦ୍‌ର ବୋଲର ପ୍ରଫୁଲ୍ଲ ହିଙ୍ଗେ। ରାଜସ୍ଥାନ ଆଗରେ ହାଇଦରାବାଦ୍ ୨୧୭ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଏହି ଲକ୍ଷ୍ୟକୁ ପୂରଣ କରିବା ଲାଗି ରାଜସ୍ଥାନର ବୈଭବ ସୂର୍ଯ୍ୟବଂଶୀ ଓ ଯଶସ୍ୱୀ ଜୟସ୍ୱାଲ ବ୍ୟାଟିଂ କରିବାକୁ ଆସିଥିଲେ। ବୋଲିଂ ଭାର ଥିଲା ୨୩ ବର୍ଷୀୟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେଙ୍କ ଉପରେ। ଏହି ଓଭରର ଦ୍ୱିତୀୟ ବଲ୍‌ରେ ସୂର୍ଯ୍ୟବଂଶୀ, ଚତୁର୍ଥ ବଲରେ ଧ୍ରୁବ ଜୁରେଲ ଓ ଷଷ୍ଠ ବଲ୍‌ରେ ଲୁହାନ-ଡ୍ରେ ପ୍ରିଟୋରିଅସ୍ ଆଉଟ ହୋଇଯାଇଥିଲେ। ୧ ରନ୍‌ରେ ୩ଟି ୱିକେଟ ନେବା ପରେ ପ୍ରଫୁଲ୍ଲ ହିଙ୍ଗେ ଜଣେ ଡେବ୍ୟୁଟାଣ୍ଟ ବୋଲରରୁ ତାରକା ପାଲଟିଯାଇଥିଲେ। ଆଇପିଏଲ୍‌ର ୧୯ ବର୍ଷର ଇତିହାସରେ ସେ ପ୍ରଥମ ବୋଲର ଭାବେ ଇନିଂସର ପ୍ରଥମ ଓଭରରେ ୩ଟି ୱିକେଟ ପାଇଥିଲେ। ଏତିକିରେ ରାଜସ୍ଥାନର ଦୁର୍ଦ୍ଦଶା ଯାଇ ନ ଥିଲା। ଆଉ ଜଣେ ଡେବ୍ୟୁଟାଣ୍ଟ ସାକିବ ହୁସେନ ଇନିଂସ ଦ୍ୱିତୀୟ ଓଭରରେ ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରିଦେଇଥିଲେ। ରାଜସ୍ଥାନ ଏହି ସମୟରେ ୨ ରନ୍‌ରେ ୪ଟି ୱିକେଟ ହରାଇଥିଲା। ଇନିଂସର ତୃତୀୟ ଓଭରରେ ପ୍ରଫୁଲ୍ଲ ପୁଣିଥରେ ଯାଦୁ ଦେଖାଇ ରାଜସ୍ଥାନ ଅଧିନାୟକ ରିୟାନ ପରାଗଙ୍କୁ ଆଉଟ କରିଦେଇଥିଲେ। ଏହି ସମୟରେ ଦଳ ୯ ରନ୍‌ରେ ୫ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହା ସହ ରାଜସ୍ଥାନ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲା ଓ ୫୭ ରନ୍‌ରେ ଏହି ମୁକାବିଲାକୁ ହାରିଯାଇଥିଲା। ହାଇଦରାବାଦ୍ ପକ୍ଷରୁ ଦୁଇ ଡେବ୍ୟୁଟାଣ୍ଟ ଫାଷ୍ଟ ବୋଲର ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ ହୁସେନ ୪ଟି ଲେଖାଏଁ ୱିକେଟ ନେଇଥିଲେ। ସୂର୍ଯ୍ୟବଂଶୀଙ୍କ ବ୍ୟାଟିଂ ଦେଖିବାକୁ ଉତ୍ସାହିତ ଦର୍ଶକ ପ୍ରଫୁଲ୍ଲ ଓ ସାକିବଙ୍କ ଖେଳ ଦେଖିବାକୁ ଅଟକି ଯାଇଥିଲେ।



ଗୋଟିଏ ମ୍ୟାଚ୍‌ରେ ଜଣେ ସାଧାରଣ ଖେଳାଳିରୁ ହିରୋ ବନିଯାଇଥିବା ଏହି ପ୍ରଫୁଲ୍ଲ କିଏ? ଏବେ ସମସ୍ତେ ତାଙ୍କ ସମ୍ପର୍କରେ ଊଣା ଅଧିକେ ଜାଣିସାରିଲେଣି। ପ୍ରଫୁଲ୍ଲ ହିଙ୍ଗେ ହେଉଛନ୍ତି ବିଦର୍ଭ ପକ୍ଷରୁ ଖେଳୁଥିବା ଜଣେ ଫାଷ୍ଟ ବୋଲର। ତାଙ୍କ ପ୍ରତିଭା ଚିହ୍ନଟ କରିଥିଲେ ଅନ୍ୟତମ ଫାଷ୍ଟ ବୋଲର ବରୁନ ଆରୋନ। ଏହା ପୂର୍ବରୁ ସେ ଘରୋଇ କ୍ରିକେଟ ଖେଳୁଥିବାବେଳେ ଆହତ ହୋଇଥିଲେ। ତାଙ୍କ ପିଠିରେ ଗଭୀର ଆଘାତ ଲାଗିଥିଲା। ବରୁଣ ସାର ଏହି ସମୟରେ ଆମ ଲାଗି ଭଗବାନ ହୋଇ ପହଞ୍ଚିଥିଲେ। ପ୍ରଫୁଲ୍ଲଙ୍କର ସେ ଚିକିତ୍ସା କରିଥିଲେ ଓ ପରେ ମ୍ୟାଚ୍ ଫିଟ୍ କରାଇଥିଲେ। ମ୍ୟାଚ୍ ଖେଳିବା ପରେ ଅଷ୍ଟ୍ରେଲୀୟ କିଂମ୍ବଦନ୍ତୀ ଗ୍ଲେନ୍ ମ୍ୟାକ୍‌ଗ୍ରା'ଙ୍କ ନଜର ତାଙ୍କ ଉପରେ ପଡ଼ିଲା। ଏମ୍‌ଆର୍‌ଏଫ୍ ପେସ୍ ଫାଉଣ୍ଡେସନ ମାଧ୍ୟମରେ ତାଙ୍କୁ ଅଷ୍ଟ୍ରେଲିଆରେ ପ୍ରଶିକ୍ଷଣ ଦେବାକୁ ନିଆଯାଇଥିଲା। ସେଠାରେ ପ୍ରଫୁଲ୍ଲଙ୍କ ବୋଲିଂ ଆକ୍ସନରେ ଅନେକ ପରିବର୍ତ୍ତନ ହୋଇଥିଲା ଓ ସେ ବିଦର୍ଭ ରଣଜୀ ଦଳରେ ସ୍ଥାନ ପାଇବାରେ ସମର୍ଥ ହୋଇଥିଲେ। ବରୁଣ ଏହି ପ୍ରତିଭାଙ୍କୁ ସନ୍‌ରାଇଜର୍ସ ମ୍ୟାନେଜମେଣ୍ଟ ଆଗରେ ଉପସ୍ଥାପନା କରିଥିଲେ ଓ ହେଡ୍ କୋଚ୍ ଡାନିଏଲ୍ ଭିଟୋରୀଙ୍କ ତତ୍ତ୍ୱାବଧାନରେ ତାଙ୍କୁ ଟିମ୍‌ରେ ସାମିଲ କରିଥିଲେ। ଏହା ପରେ ଯାହା ଘଟିଛି ତାହା ଏବେ ଇତିହାସ ପାଲଟି ଯାଇଛି।

■ ମେଜର ସନ୍ଦୀପ ମେମୋରିଆଲ୍ ଟେନିସ

## ସେମିରେ ସାନଭୀ, ସଂରଚନା, ବର୍ଷିତା

ଭୁବନେଶ୍ୱର, ୧୪।୪ (ସମିସ): ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ୍ ୧୬ ବର୍ଷରୁ କମ୍ ଟେନିସ ଟୁର୍ଣ୍ଣାମେଣ୍ଟର ବାଳିକାବର୍ଗର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ମେଣ୍ଢାଶାଳସ୍ଥିତ ଗୁରୁକୂଳ ଟେନିସ ଏକାଡେମୀରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ବାଳିକା ସିଙ୍ଗଲ୍ସରେ ଘରୋଇ ଓଡ଼ିଶାର ୩ଜଣ ଖେଳାଳି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମାନେ ହେଲେ ସାନଭୀ ମହାନ୍ତି, ସଂରଚନା ଦାସ ଓ ବର୍ଷିତା ବର୍ମା। କ୍ୱାର୍ଟର ଫାଇନାଲରେ ସାନଭୀ ୬-୦, ୬-୪ ସେଟରେ ଆନ୍ଧ୍ର ପ୍ରଦେଶର ପ୍ରିୟା ପାପାଲାଙ୍କୁ, ସଂରଚନା ୬-୦, ୬-୦ ସେଟରେ ପଶ୍ଚିମବଙ୍ଗର ଏଶାନ ଦାସଙ୍କୁ ଏବଂ ବର୍ଷିତା ୬-୩, ୬-୨ ସେଟରେ ପଶ୍ଚିମବଙ୍ଗର ଶ୍ରୀୟା ବାନିକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟତମ ଖେଳାଳି ଭାବେ ଉତ୍ତର ପ୍ରଦେଶର ଆଶି ସମସେରୀ ସେମିଫାଇନାଲରେ ପହଞ୍ଚିଛନ୍ତି। ସେହିଭଳି ବାଳକ ସିଙ୍ଗଲ୍ସରେ ଓଡ଼ିଶାର ସୂୟାଶ ପଟ୍ଟନାୟକ ଓ ଆୟୁଷ ପଟ୍ଟନାୟକ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସୂୟାଶ ୬-୧, ୬-୩ ସେଟରେ ଛତିଶଗଡ଼ର ତନଭ୍ୟା ଗୋଏଲଙ୍କୁ ଏବଂ ଆୟୁଷ ୬-୪, ୬-୩ ସେଟରେ ଝାଡ଼ଖଣ୍ଡର ସମୟ ଆଗମନଙ୍କୁ ହରାଇଥିଲେ। ତେବେ ଗୌରୀ ପଣ୍ଡା, ବ୍ରିଜେଶ ପାଢ଼ୀ ଓ ଅର୍ଚ୍ଚିଶମାନ ପଟ୍ଟନାୟକ ପ୍ରି-କ୍ୱାର୍ଟରରେ ହାରି ବିଦାୟ ନେଇଛନ୍ତି।

## ଫାଇନାଲ ରାଉଣ୍ଡରେ ଫାଓ ଏକାଡେମୀ

ଭୁବନେଶ୍ୱର, ୧୪।୪ (ସମିସ): ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଚାଲିଥିବା ୧୮ ବର୍ଷରୁ କମ୍ ଯୁବ ଏଲିଟ ଲିଗ୍‌ର ଫାଇନାଲ ରାଉଣ୍ଡକୁ ଫାଓ ଏକାଡେମୀ ଯୋଗ୍ୟତା ଅର୍ଜନ କରିଛି। ଲିଗ୍ ପର୍ଯ୍ୟାୟରେ ଫାଓ ଏକାଡେମୀ ୧୦ଟି ମ୍ୟାଚ୍ ଖେଳି ୬ ବିଜୟ ସହ ୧୮ ପଏଣ୍ଟ ପାଇ ଟେବଲର ଦ୍ୱିତୀୟ ସ୍ଥାନରେ ରହିବା ସହ ଫାଇନାଲ ରାଉଣ୍ଡକୁ ଟିକଟ୍ ହାସଲ କରିଥିଲା। ଏପ୍ରିଲ ୧୭ରୁ ୨୮ ତାରିଖ ପର୍ଯ୍ୟନ୍ତ ଫାଇନାଲ ଅନୁଷ୍ଠିତ ହେବ। ଏହି ସଫଳତା ଲାଗି ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରଶିକ୍ଷକଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଯାଇଛି।

## ୱାଇଡ୍, ନୋ ବଲ୍ ରିଭ୍ୟୁକୁ ନେଇ ଆଇପିଏଲ୍‌ରେ ଚିନ୍ତା

# ମ୍ୟାଚ୍ ଟାଇମିଂ ବଢ଼ାଉଛି ମେଡିକାଲ ଟାଇମ୍ ଆଉଟ

ନୂଆଦିଲ୍ଲୀ,୧୪।୪(ଏଜେନ୍ସି): ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୨୦୨୬ ସଂସ୍କରଣର ପ୍ରଥମ ୨୦ଟି ମ୍ୟାଚ୍‌ରେ ଆଇପିଏଲ୍‌ର ପ୍ରାୟ ସମସ୍ତ ରେକର୍ଡ ଭାଙ୍ଗିଦେଇଛି। ରେକର୍ଡ ଭାଙ୍ଗିବା ଭଲ, କିନ୍ତୁ ଏଥିଲାଗି ମ୍ୟାଚ୍ ସମୟ ବୃଦ୍ଧି ହେବା ଘଟଣା ବର୍ତ୍ତମାନ ଆଇପିଏଲ୍‌ର ସବୁଠାରୁ ଚିନ୍ତାଜନକ ବିଷୟରେ ପରିଣତ ହୋଇଛି। ରବିବାର ମୁମ୍ବଇରେ ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ବନାମ ମୁମ୍ବଇ ଇଣ୍ଡିଆନ୍ସ ମୁକାବିଲା କୌଣସି ଯଥାର୍ଥ କାରଣ ନ ଥାଇ ସବୁଠାରୁ ଅଧିକ ସମୟ ମ୍ୟାଚ ଖେଳାଯାଇଥିଲା। ୧୧ଟା ପୂର୍ବରୁ ସରିବାକୁ ଥିବା ମ୍ୟାଚ୍ ରାତି ୧୨ଟାରେ ଶେଷ ହୋଇଥିଲା। ମ୍ୟାଚ୍ ଏତେ ସମୟ କାହିଁକି ଡେରିହେଲା ତାହାର କାରଣ ଖୋଜିବାରୁ ୱାଇଡ୍ ଓ ନୋବଲ ରିଭ୍ୟୁ ସହ ମେଡିକାଲ ଟାଇମ୍ ଆଉଟ ମୁଖ୍ୟକାରଣ ବୋଲି ଜଣାପଡ଼ିଥିଲା।

ଆଇପିଏଲ୍ ମ୍ୟାଚ୍‌ରେ ପ୍ରତି ଦଳକୁ ୨ଟି ଲେଖାଏଁ ରିଭ୍ୟୁ ବା ଡିଆର୍‌ଏସ୍ ନେବାର ସୁଯୋଗ ଦିଆଯାଇଛି। ପ୍ରଥମେ ପ୍ରଥମେ ଦଳ ଗୁଡିକ ଖେଳାଳି ଆଉଟ ହେଲାବେଳେ ଡିଆର୍‌ଏସ ନେଉଥିଲେ। କିନ୍ତୁ ଏବେ ୱାଇଡ୍ ଓ ନୋବଲ୍ ଲାଗି ମଧ୍ୟ ଅଧିନାୟକ ରିଭ୍ୟୁ ନେଉଛନ୍ତି। ଯାହା ଫଳରେ ଓଭର ପୁରିବାକୁ ଅଧିକ ସମୟ ନେଉଛି। ସେହିପରି ଟିମ୍ ଗୁଡିକ ମେଡିକାଲ ଟାଇମ୍‌ଆଉଟର ବ୍ୟବହାର କରି ରଣନୀତି ସଜାଡୁଛନ୍ତି। ମେଡିକାଲ ଟାଇମ୍ ଆଉଟର ନିର୍ଦ୍ଦିଷ୍ଟ ସଂଖ୍ୟା ନାହିଁ, କାରଣ କିଏ କେତେବେଳେ ଆହତ ହେବେ ତାହା କହିବା କଷ୍ଟକର। ଏଥିରୁ ଫାଇଦା ନେଉଛନ୍ତି ଟିମ୍ ଗୁଡିକ। ଯାହା ଫଳରେ ମ୍ୟାଚ୍ ସମୟ ବୃଦ୍ଧି ପାଇବାରେ ଲାଗୁଛି। ରବିବାର ମୁମ୍ବଇରେ ଖେଳାଯାଇଥିବା ମ୍ୟାଚ୍‌ରେ ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି। ମୁମ୍ବଇ ଇନିଂସର ଶେଷ ଓଭର ବୋଲିଂ ବେଳେ ଆର୍‌ସିବି ୩ ଥର ମେଡିକାଲ ଟାଇମ୍ ଆଉଟ ନେବା ଏହାର ନଗ୍ନତମ ଉଦାହରଣ।



ମୁମ୍ବଇ ଇନିଂସର ୧୬ତମ ଓଭରରେ ବୋଲିଂ କରୁଥିବା ବେଳେ ଆର୍‌ସିବି ବୋଲର ରସିକ୍ ସଲାମ ଦର ଗୋଡରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର କ୍ରାମ୍ପ ହୋଇଥିବା ଜଣାପଡ଼ିଥିଲା। ଫିଜିଓ ପଡ଼ିଆକୁ ଆସି ତାଙ୍କୁ ଚିକିତ୍ସା କରିଥିଲେ। ଚିକିତ୍ସା ପରେ ସେ ଫିଟ ହେଲେ ଓ ବୋଲିଂ କରିଥିଲେ। ଏହି ବଲ୍‌କୁ ଶେରଫାନ ରଦରଫୋର୍ଡ ଛକା ମାରିବା ପରେ ରସିକ୍‌ଙ୍କ ପୁଣିଥରେ ଚିକିତ୍ସା କରିବାକୁ ପଡ଼ିଥିଲା। ଫଳରେ ଖେଳ ଦ୍ୱିତୀୟ ଥର ବନ୍ଦ କରାଗଲା। ଏହା ପରେ ସେ ନମନ ଧୀରଙ୍କ ୱିକେଟ ନେଇଥିଲେ। ଏହି ଓଭରରେ ତୃତୀୟଥର ଲାଗି ରସିକ ଆହତ ହୋଇଥିଲେ। ମେଡିକାଲ ଟାଇମ୍ ଆଉଟରେ ଫିଜିଓ ପୁଣିଥରେ ଚିକିତ୍ସା କରିବାକୁ ଆସିଥିଲେ। କିନ୍ତୁ ଏଥର ଅମ୍ପାୟାର ଏଥିରେ ହସ୍ତକ୍ଷେପ କରିଥିଲେ। ରସିକ୍‌ଙ୍କୁ ପଡ଼ିଆ ବାହାରେ ଚିକିତ୍ସା କରିବାକୁ କୁହାଗଲା ଓ ତାଙ୍କ ଓଭରକୁ ଆଉ ଜଣେ ବୋଲର ପୂରଣ କରିଥିଲେ। ଏହିଭଳି ବାରମ୍ବାର ଡିଆର୍‌ଏସ୍ ଓ ମେଡିକାଲ ଟାଇମ୍ ଆଉଟ ନେବା ପ୍ରାୟ ଏକ ଧାରାରେ ପଡ଼ିଗଲାଣି। ଯାହା ଫଳରେ ମ୍ୟାଚ୍ ଆଉ ନିର୍ଦ୍ଧାରିତ ସମୟରେ ଶେଷ ହୋଇ ପାରୁ ନାହିଁ।

ଆଇପିଏଲ୍ ପ୍ଲେଇଂ କଣ୍ଡିସନ ଅନୁଯାୟୀ ଆଇପିଏଲ୍‌ରେ ଗୋଟିଏ ମ୍ୟାଚ୍ ୨୦୦ ମିନିଟ୍ ଖେଳାଯିବ। ଏହା ମଧ୍ୟରୁ ପ୍ରତ୍ୟେକ ଇନିଂସ ୯୦ ମିନିଟ୍ ଲେଖାଏଁ ଓ ବିରତି ୨୦ ମିନିଟ୍ ରହିବ। ୯୦ ମିନିଟ୍ ଖେଳରେ ଅଢ଼େଇ ମିନିଟ୍ ଲେଖାଏଁ ୨ଥର ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ ୫ ମିନିଟ୍ ରହିବ। ଅର୍ଥାତ ଖେଳ ୮୫ ମିନିଟ ହେବ। କିନ୍ତୁ ରନ୍ ହାର ବୃଦ୍ଧି, ନୋ-ୱାଇଡ୍ ଲାଗି ଡିଆର୍‌ଏସ ଏବଂ ବାରମ୍ବାର ମେଡିକାଲ ଟାଇମ୍ ଆଉଟ ନେବା ଫଳରେ ମ୍ୟାଚ୍ ଶେଷ ହେବାକୁ ବିଳମ୍ବ ହେବାରେ ଲାଗିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS